Follow Us
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର

ବର୍ଷ-୧ ସଂଖ୍ୟା-୩୪ ୦୪ - ୧୦ ସେପ୍ଟେମ୍ବର, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-34 04th -10th September, 2017 BHUBANESWAR ₹ 5/- (8 Pages)



ନର୍ଦ୍ଦମାର ଜଳ ପିଇ ତୃଷା ମେଣ୍ଟାଏ ତୃଷାର୍ତ୍ତ ବାନର



ଦେଶର ୪୫ତମ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଜଷ୍ଟିସ୍ ଦୀପକ ମିଶ୍ର। ରାଷ୍ଟ୍ରପତି ରାମନାଥ କୋବିନ୍ଦ ରାଷ୍ଟ୍ରପତି ଭବନର ଦରବାର ହଲ୍‌ରେ ଆୟୋଜିତ ସଂକ୍ଷିପ୍ତ କାର୍ଯ୍ୟକ୍ରମରେ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ । ଜଷ୍ଟିସ ମିଶ୍ର ଶପଥ ନେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଷ୍ଟିସ୍ ମିଶ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହିତ ପ୍ରଧାନ ବିଚାରପତି ଭାବେ ଜଷ୍ଟିସ୍ ମିଶ୍ରଙ୍କ କାର୍ଯ୍ୟାଳୟ ସର୍ବୋତ୍ତମ ଏବଂ ସଫଳ ହେଉ ବୋଲି କାମନା କରିଛନ୍ତି। ଦେଶର ପ୍ରଧାନ ବିଚାରପତି ଭାବେ ଜଷ୍ଟିସ୍ ମିଶ୍ର ଦାୟିତ୍ୱ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏହା ଗୌରବର ମୁହୂର୍ତ୍ତ। ଜଣେ ଓଡ଼ିଆ ଭାବେ ଜଷ୍ଟିସ୍ ମିଶ୍ର ଦେଶର ପ୍ରଧାନ ବିଚାରପତି ପଦରେ ଆସିନ୍ନ ହେବା ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ଟେଲିଫୋନ୍ ଯୋଗେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।

### ସରକାରୀ କର୍ମଚାରୀଙ୍କ ପରେ ଶିକ୍ଷକଙ୍କୁ ନବୀନଙ୍କ ପୂଜା ଭେଟି

## ବୋଝ ବଢୁଛି, ଭରଣା ଚିନ୍ତା !

**ଭୁବନେଶ୍ୱର :** ଆନ୍ଦୋଳନ ତୀବ୍ର ହେଲେ ଚେତନ୍ତି ସରକାର, ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛି ରାଜ୍ୟ ସରକାର ୨୦୦୪ ମସିହାରୁ ଲାଗୁ କରିଥିବା ବ୍ଲକଗ୍ରାଣ୍ଟ ବ୍ୟବସ୍ଥାର ଉଚ୍ଛେଦ। ଶିକ୍ଷକ ଆନ୍ଦୋଳନ ତୀବ୍ରତର ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିକ୍ଷକଙ୍କୁ ପୂର୍ଣ୍ଣ ଅନୁଦାନ ଘୋଷଣା କରିଛନ୍ତି। ଏଣିକି ବ୍ଲକ୍ ଗ୍ରାଣ୍ଟ୍ ପାଉଥିବା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀଙ୍କ ପାଇଁ ବ୍ଲକ ଗ୍ରାଣ୍ଟ ବ୍ୟବସ୍ଥା ଉଚ୍ଛେଦ କରାଯାଇ ପୂର୍ଣ୍ଣ ଅନୁଦାନ ନୀତି(ଗ୍ରାଣ୍ଟ-ଇନ୍-ଏଡ୍)ଲାଗୁ



କରାଯିବ। ସଚିବାଳୟ ଠାରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମଳିତ ମଞ୍ଚର ପ୍ରତିନିଧିମାନଙ୍କ ସହ ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ଏଭଳି ଘୋଷଣା କରିଛନ୍ତି। ଏହାପରେ ଦୀର୍ଘ ୧୭ ଦିନ ଧରି ଆନ୍ଦୋଳନ ଚଳାଇଥିବା ଶିକ୍ଷକ କର୍ମଚାରୀମାନେ ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି। ନୂଆ ଘୋଷଣା ଅନୁସାରେ ବ୍ଲକ ଗ୍ରାଣ୍ଟ ପାଉଥିବା ଶିକ୍ଷକ କର୍ମଚାରୀମାନେ ୨୦୧୮ ଜାନୁଆରୀ ପହିଲାରୁ ପୂର୍ଣ୍ଣ ଅନୁଦାନ ପାଇବେ। ହେଲେ ଏଥିନେଇ ରାଜ୍ୟ ସରକାରଙ୍କ ଉପରେ ବାର୍ଷିକ ୯ଶହ କୋଟିର ଅତିରିକ୍ତ ବୋଝ ପଡିବ। ➤ ପୃ-୭

## କେନ୍ଦ୍ର ମନ୍ତ୍ରିମଣ୍ଡଳ ଅଦଳବଦଳ ରାଜ୍ୟ ଭାଜପା ଭିନ୍ନମୋଡ ନେବ!



**ଭୁବନେଶ୍ୱର :** ଦୀର୍ଘ ପ୍ରତୀକ୍ଷା ପରେ ରବିବାର କେନ୍ଦ୍ର ମନ୍ତ୍ରିମଣ୍ଡଳର ପୁନର୍ଗଠନ ଓ ବିସ୍ତାର ପରେ ରାଜ୍ୟ ବିଜେପିରେ ଭିନ୍ନ ମୋଡ ଆସିପାରେ ବୋଲି ଚର୍ଚ୍ଚା ହେଉଛି। କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦକ୍ଷତାକୁ ସ୍ୱୀକୃତି ପ୍ରଦାନ ସହ ଆଗାମୀ ୨୦୧୯ ନିର୍ବାଚନକୁ ଆଖିଆଗରେ ରଖି କାର୍ଯ୍ୟକ୍ରମ ଗ୍ରହଣ କରୁଥିବା ଜଣାପଡିଛି। ତେଣୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପଦୋନ୍ନତି ହେଲେ ଏହା ରାଜ୍ୟରେ ଶାସନ କରୁଥିବା ➤ ପୃ-୭

### ମହାନଦୀ, ପୋଲାଭରମ୍ ପାଇଁ କୁମ୍ଭୀର କାନ୍ଦଣା

## ପ୍ରତିଶ୍ରୁତିରେ ପାଣିଡଙ୍ଗର

**ରାୟଗଡା, (ନି.ପ୍ର) :** ରାୟଗଡା ଜିଲ୍ଲାରେ ପ୍ରବାହିତ ବଂଶଧାରା ନଦୀ ଜଳକୁ ଲୋକଙ୍କ ପାଇଁ ବ୍ୟବହାର କରାଯାଇ ପାରୁନି । ବିଭିନ୍ନ ସମୟରେ ରାଜ୍ୟ ସରକାର ବଂଶଧାରା ଜଳ ବ୍ୟବହାର ପାଇଁ ଯୋଜନା କରୁଥିଲେ ମଧ ଏହା ପ୍ରସ୍ତାବରେ ହିଁ ଅଟକି ଯାଉଛି । ବଂଶଧାରା ଜଳକୁ ବ୍ୟବହାର ପାଇଁ ୫୦ ବର୍ଷ ହେଲା ପ୍ରସ୍ତାବିତ ପାଣିଡଙ୍ଗର ପ୍ରକଳ୍ପକୁ କାର୍ଯ୍ୟକାରୀ କରାନଯିବା ରାଜ୍ୟ ସରକାରଙ୍କ ଅପାରଗତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଆନ୍ଧ୍ର ସରକାରଙ୍କ ସହ ଚୁକ୍ତି ଅନୁଯାୟୀ ଓଡିଶା ସରକାର ୧୯୬୧ ମସିହାରେ ଗୁଣପୁର ଉପଖଣ୍ଡ ପାଣିଡଙ୍ଗର ନିକଟରେ ବ୍ୟାରେଜ ନିର୍ମାଣ ପାଇଁ ଯୋଜନା କରିଥିଲେ । ହେଲେ ଏହା ପ୍ରସ୍ତାବରେ ରହିଗଲା । ସେହିପରି



୨୦୦୫ ମସିହାରେ ବଂଶଧାରା ନଦୀ ସହ ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା ନଦୀ ସଂଯୋଗୀକରଣ ପାଇଁ ହୋଇଥିବା ଯୋଜନା ଇଞ୍ଚେ ମଧ୍ୟ ଆଗେଇ ପାରିନାହିଁ । ଜିଲ୍ଲାବାସୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି ଜିଲ୍ଲାର ରାଜନେତାମାନେ ମୁଣ୍ଡ ପୁରାଉ ନଥିବା ବେଳେ ପୋଲାଭରମ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ।

ବଂଶଧାରା ନଦୀର ଉପରମୁଣ୍ଡ ଗୁଡାରି ଠାରୁ ଅଳ୍ପଦୂରରେ ପାଣିଡଙ୍ଗର ଯୋଜନା କାର୍ଯ୍ୟକାରୀ ହେଲେ ଏଥିରେ ବହୁ ଚାଷୀ ଉପକୃତ ହେବେ ଓ ବଂଶଧାରାରେ ବନ୍ୟା ନିୟନ୍ତ୍ରଣ ହେବ ବୋଲି ତତ୍‌କାଳୀନ ଓଡିଶାର ମୁଖ୍ୟମନ୍ତ୍ରୀ ଓ ବର୍ତ୍ତମାନ ଭାରତୀୟ ଜନତା ପାର୍ଟିର ବରିଷ୍ଠନେତା ଡକ୍ଟର ଗିରିଧାରୀ ଗମାଙ୍ଗ ➤ ପୃ-୭

### ପରିବେଶ ଅଦାଲତ ରାୟ ବଳବତ୍ତର

## ଛତିଶଗଡ଼କୁ ଝଟକା



**କୋଲକାତା :** ମହାନଦୀ ବିବାଦ ନେଇ କଲକାତା ହାଇକୋର୍ଟରେ ଛତିଶଗଡ଼ ସରକାରଙ୍କୁ ଧକ୍କା ଲାଗିଛି। ଜୁଲାଇ ୨୬ରେ ଜାତୀୟ ପରିବେଶ ଅଦାଲତ ଛତିଶଗଡ଼ ସରକାର ମହାନଦୀରେ ଚଳାଇଥିବା ୩୧ଟି ପ୍ରକଳ୍ପ ବନ୍ଦ କରିବାକୁ ପଡ଼ିବ ବୋଲି ରାୟ ଦେଇଥିଲେ। ଏହି ରାୟ ବିରୋଧରେ କଲକାତା ହାଇକୋର୍ଟରେ ଛତିଶଗଡ଼ ସରକାରଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ଜାତୀୟ ପରିବେଶ ଅଦାଲତଙ୍କ ରାୟକୁ ବାତିଲ ପାଇଁ ଏଥିରେ ଦାବି କରାଯାଇଥିଲା। ହାଇକୋର୍ଟର କାର୍ଯ୍ୟନିର୍ବାହୀ ମୁଖ୍ୟ ବିଚାରପତି ନିଶିଥ ମାତ୍ରେ ଓ ବିଚାରପତି ତପବ୍ରତ ଚକ୍ରବର୍ତ୍ତୀଙ୍କୁ ନେଇ ଗଠିତ ପୀଠ ଏହି ଆବେଦନକୁ ଗ୍ରହଣ କରିବା ସହ ପରିବେଶ ଅଦାଲତ ରାୟକୁ ବଳବତ୍ତର ରଖିଛନ୍ତି। ➤ ପୃ-୭

## କ୍ୟାସଲେସ୍ ବ୍ୟବସ୍ଥା ବଢ଼ାଉଛି ଅସନ୍ତୋଷ

**ଭୁବନେଶ୍ୱର :** ଆଇଜିଆରଙ୍କ ନୂଆ ଚିଠି (୨୯୧୨/୨.୮.୧୭)ଅନୁସାରେ ରାଜ୍ୟର ସମସ୍ତ ରାଜସ୍ୱ ଅଫିସ ଯଥା ତହସିଲ, ସବ୍‌ରେଜିଷ୍ଟ୍ରାର ଓ ଆରଆଇ ଅଫିସ୍ ଗୁଡ଼ିକରେ କୌଣସି ନଗଦ ଅର୍ଥ କାରବାର ହେବନାହିଁ। ତହସିଲରେ ହେଉଥିବା କିସମ ପରିବର୍ତ୍ତନରେ ଓ ସବ୍‌ରେଜିଷ୍ଟ୍ରାର ଅଫିସରେ ହେଉଥିବା ବିକ୍ରୟ କବଲା ଦସ୍ତାପତ୍ର, ସାର୍ଟିଫାଏଡ କପି, ଇ.ସି. ଓ ଇ-ରେଜିଷ୍ଟ୍ରେସନ, ୟୁଜର୍ସ ଫି ଆଦି ସମସ୍ତ ଜାଗାରେ କୌଣସି ନଗଦ ଅର୍ଥ କାରବାର ହେବନାହିଁ। ସେହି ଅନୁସାରେ ଆଇଜିଆର ଏକ ବିଜ୍ଞପ୍ତି ଜାରି କରିଛନ୍ତି। ହେଲେ ସରକାରଙ୍କ ଏହି କ୍ୟାସ୍‌ଲେସ୍ ବ୍ୟବସ୍ଥାକୁ ନେଇ ଭୁବନେଶ୍ୱର ସମେତ ସବୁଠି ଅସନ୍ତୋଷ ଦେଖାଦେଇଛି। ➤ ପୃ-୭

## ୯୯% ଫେରିଛି ଅଚଳ ନୋଟ୍



**ମୁମ୍ବାଇ :** ବିମୁଦ୍ରାକରଣ ନିଷ୍ପତ୍ତି ପରେ ଅଚଳ ହୋଇଥିବା ୫ ଶହ ଓ ୧ହଜାର ଟଙ୍କିଆ ମଧ୍ୟରୁ ପ୍ରାୟ ୯୯% ନୋଟ୍ ବ୍ୟାଙ୍କ୍‌କୁ ଫେରିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ପ୍ରକାଶିତ ବାର୍ଷିକ ରିପୋର୍ଟରେ କୁହାଯାଇଛି। ଆର୍‌ବିଆଇର ଆକଳନ ଅନୁଯାୟୀ ୨୦୧୭ ଜୁନ୍ ୩୦ ସୁଦ୍ଧା ୧୫.୨୮ ଲକ୍ଷ କୋଟି ଟଙ୍କାର ଅଚଳ ୫ଶହ ଓ ୧ହଜାର ଟଙ୍କିଆ ପୁରୁଣା ନୋଟ୍ ଫେରିଛି। ଅଚଳ ଘୋଷଣା ହେବା ପୂର୍ବରୁ ବଜାରରେ ସମୁଦାୟ ୧୫.୪୪ ଲକ୍ଷ କୋଟି ଟଙ୍କାର ଏହି ନୋଟ୍ ଚାଲିଥିଲା। ମୋଟ ଉପରେ କହିବାକୁ ଗଲେ ମାତ୍ର ୧% ପୁରୁଣା ନୋଟ୍ ପ୍ରାୟ ୧୬ ହଜାର କୋଟି) ଟଙ୍କାର ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଅଦ୍ୟାବଧି ବ୍ୟାଙ୍କକୁ ଫେରି ନଥିବା ଆରବିଆଇ ପକ୍ଷରୁ କୁହାଯାଇଛି। ବ୍ୟାଙ୍କକୁ ଫେରି ନଥିବା ଟଙ୍କା ମଧ୍ୟରେ ୮.୯ କୋଟି ଖଣ୍ଡ ୧ ହଜାର ଟଙ୍କିଆ ନୋଟ୍ (ଯାହାର ମୂଲ୍ୟ ୬୩୨.୬ କୋଟି) ରହିଥିବା ବେଳେ ଏହି ସମୟ ସୁଦ୍ଧା ୭୧୦୦ କୋଟି ଟଙ୍କାର ୫୦୦ ଟଙ୍କିଆ ନୋଟ୍ ଫେରିନଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଳାଧନ କାରବାର ରୋକିବା ପାଇଁ ଗତବର୍ଷ ନଭେମ୍ବର ୮ ତାରିଖରେ ➤ ପୃ-୭

## ଲୋକାଭିମୁଖୀ ହେବ ପୁଲିସ ସେବା : ଡିଜିପି

**ଭୁବନେଶ୍ୱର :** କଟକସ୍ଥିତ ପୁଲିସ ମୁଖ୍ୟାଳୟରେ ଡିଜି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ନବନିଯୁକ୍ତ ପୁଲିସ ମହାନିର୍ଦ୍ଦେଶକ ଡା.ରାଜେନ୍ଦ୍ର ପ୍ରସାଦ ଶର୍ମା ଗତ ଶୁକ୍ରବାର ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଏହା ଥିଲା ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ପ୍ରଥମ ସାକ୍ଷାତ। ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ସେ କହିଥିଲେ ଯେ ପୁଲିସକୁ ଲୋକାଭିମୁଖୀ କରିବା ଏବଂ ଲୋକଙ୍କ ସହିତ ପୁଲିସର ଉତ୍ତମ ସମ୍ପର୍କ ସୃଷ୍ଟି କରିବା ଦିଗରେ ସେ କାର୍ଯ୍ୟ କରିବେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ ପରିଚାଳନାରେ ସ୍ୱଚ୍ଛତା ରକ୍ଷା କରିବା



ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି ଡିଜିପି ଡ. ଆର୍‌ପି ଶର୍ମା

ସହିତ ନିଜ ନିଜ ଜିଲ୍ଲାରେ ପୁଲିସ ଲୋକଙ୍କ ସହିତ ଉତ୍ତମ ସମ୍ପର୍କ ରଖି କାର୍ଯ୍ୟ କରିବା ନିମନ୍ତେ ଏସ୍‌ପିମାନଙ୍କୁ ସେ ପରାମର୍ଶ ଦେବେ। ➤ ପୃ-୭




### ମହଙ୍ଗା ପଡିଲା ମହିଳାଙ୍କୁ ଫୋନ୍ କଲ୍

## ଚେନ୍‌ରେ ବନ୍ଧାହେଲେ ଯୁବକ

**ପୁରୀ :** ସମାଜରେ ଅପରାଧ ଓ ଅପରାଧୀଙ୍କ ସଂଖ୍ୟା ଯେଭଳି ବଢୁଛି ସେଭଳି ବର୍ବରତା ମଧ ବଢ଼ିଚାଲିଛି। ଜଣେ ବିବାହିତା ମହିଳାଙ୍କୁ ମୋବାଇଲ ଯୋଗେ ଅଶାଳୀନ ବ୍ୟବହାର କରି ଫଶିଯାଇଛନ୍ତି ଜଣେ ଯୁବକ। ଯାହା ପାଇଁ ତାଙ୍କୁ ମଧ୍ୟଯୁଗୀୟ ବର୍ବରତାର ଶିକାର ହେବାକୁ ପଡିଛି। ଏଭଳି ଘଟଣା ଘଟିଛି ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅଞ୍ଚଳରେ। ମହିଳାଙ୍କୁ ଫୋନ୍ କରୁଥିବା ଯୁବକଙ୍କୁ ଫୋନ୍ କଲ ଅତି ମହଙ୍ଗା ପଡିଛି। ମହିଳାଙ୍କ ପରିବାର



ଲୋକ ଏବଂ ସମ୍ପର୍କୀୟମାନେ ଫୋନ୍ କଲ କରିଥିବା ଏହି ଯୁବକଙ୍କୁ ଅକଥନୀୟ ନିର୍ଯାତନା ଦେବା ସହ ଚଳନ୍ତା ବାଇକ୍ ପଛରେ ବାନ୍ଧି ରାସ୍ତା ଉପରେ ଘୋଷାରି ଘୋଷାରି ଥାନାଯାଏ ନେଇଛନ୍ତି। ଏ ସମ୍ପର୍କରେ ଉଭୟ ପକ୍ଷରୁ ବ୍ରହ୍ମଗିରି ଥାନାରେ ଦୁଇଟି ଅଭିଯୋଗ ଦାଖଲ ହୋଇଛି। ଦୁଇଟି ଅଭିଯୋଗକୁ ଭିତ୍ତିକରି ପୁଲିସ୍ ପୃଥକ୍ ପୃଥକ୍ ମାମଲା ରୁଜୁ କରିବା ସହ ଦୁଇଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ➤ ପୃ-୭

## କେମିତି କଟିବ ଏ ସପ୍ତାହ

ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ। ଗୃହରେ ପାରିବାରିକ ଅଶାନ୍ତି ଦେଖାଦେବ।

ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ବିଭିନ୍ନ ଦିଗରୁ ଅର୍ଥଲାଗ ରହିଛି। ଦୂରଯାତ୍ରା ଗମନ କରିପାରନ୍ତି।

ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।

ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।

ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବାର ଜଣାପଡେ।

ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ପରିବାରରେ ଅଶାନ୍ତି ଦେଖାଦେବ। ତେଣୁ ଜଗିରଖି ଚଳିବାକୁ ହେବ।

ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ଶନି ଓ ରବିବାର ବହୁତ ଶୁଭ ଅଟେ।

ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ଗୃହରେ ଶାନ୍ତି ବଜାୟ ରହିବ। ସପ୍ତାହଟି ଭଲରେ କଟିବ।

ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ।

ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ।

ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ଗୃହରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ। ତେଣୁ ଜଗିରଖି ଚଳିବାକୁ ହେବ।

ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ସେନାବାହିନୀରେ ଅଣାଯିବ ବଡ ପରିବର୍ତ୍ତନ

# ୫୭ ହଜାର ଅଫିସରଙ୍କୁ ଦିଆଯିବ ନିଯୁକ୍ତି

**ନୂଆଦିଲ୍ଲୀ :** ଭାରତୀୟ ସେନା ବାହିନୀରେ ହେବ ଏକ ବଡଧରଣର ପରିବର୍ତ୍ତନ। ଶତ୍ରୁ ସହ ଲଢ଼େଇ ପାଇଁ ନିଜର ଦକ୍ଷତା ବୃଦ୍ଧି କରିବାକୁ ଦେଶର ସୈନ୍ୟ ବାହିନୀରେ ଏଭଳି ଏକ ବଡ ପରିବର୍ତ୍ତନ କରାଯିବ ବୋଲି ଯୋଜନା କରାଯାଇଛି। ଶତ୍ରୁ ସହ ଲଢ଼େଇ ସମୟରେ ସାମରିକ ଶକ୍ତି ଓ ସାମର୍ଥ୍ୟକୁ ଉପଯୋଗ ବିନିଯୋଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସୈନ୍ୟ ବାହିନୀରେ ୫୭ ହଜାର ଅଫିସର ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦେବା ଲାଗି ନିଷ୍ପତ୍ତି ହୋଇଛି। ପ୍ରତିରକ୍ଷା ମନ୍ତ୍ରୀ ଅରୁଣ ଜେଟଲୀ କହିଛନ୍ତି ଦେଶ ସ୍ୱାଧୀନତା ପରେ ପ୍ରଥମ କରି ସୈନ୍ୟ ବାହିନୀରେ ବଡ ସଂସ୍କାର ଅଣାଯିବାକୁ ନିଷ୍ପତ୍ତି ହୋଇଛି। ଡୋକଲାମ ବିବାଦକୁ ନେଇ ଏପରି ସଂସ୍କାର ଅଣାଯାଉଛି କି ପ୍ରଶ୍ନର ଉତ୍ତରରେ ଜେଟଲୀ କହିଥିଲେ କୌଣସି ନିର୍ଦ୍ଦିଷ୍ଟ ଘଟଣାକୁ ଆଧାର କରି ଏହି ପରିବର୍ତ୍ତନ ଅଣାଯାଉନାହିଁ। ଡୋକଲାମ ବିବାଦର ବହୁ ପୂର୍ବରୁ ଏହି ଯୋଜନା ପ୍ରସ୍ତୁତ ହୋଇଥିଲା। ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ଡିବି ଶେକତକରଙ୍କ ନେତୃତ୍ୱ କମିଟି ସୁପାରିସ ଆଧାରରେ ଏହି ସଂସ୍କାର ଅଣାଯିବ। ସୈନ୍ୟ ବାହିନୀର ଯୁଦ୍ଧ କରିବା କ୍ଷମତା ବୃଦ୍ଧି ଉପରେ କମିଟି ବିଶେଷ ଗୁରୁତ୍ୱ ଦେଇଛି। ପ୍ରତିରକ୍ଷା ଖର୍ଚ୍ଚ ସହିତ ଯୁଦ୍ଧ କ୍ଷମତାକୁ ସମତୁଲ ଭାବେ ବିକାଶ କରିବାକୁ କମିଟି ସୁପାରିସ କରିଛି।



କମିଟି ୯୯ଟି ପ୍ରସ୍ତାବ ସୁପାରିତ କରିଥିବା ବେଳେ ଏଥିରୁ ୬୫ଟି ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଗ୍ରହଣ କରିଛି ବୋଲି ଜେଟଲୀ କହିଛନ୍ତି। ଏହିସବୁ ପ୍ରସ୍ତାବ ବାବଦରେ କେନ୍ଦ୍ର କ୍ୟାବିନେଟ୍‌କୁ ବୁଧବାର ଅବଗତ କରାଯାଇଛି। ୨୦୧୯ ଡିସେମ୍ବର ୩୧ ସୁଦ୍ଧା ଏହିସବୁ ସୁପାରିସକୁ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ପ୍ରତିରକ୍ଷା ବାହିନୀର ବିଭିନ୍ନ ବିଭାଗର କ୍ଷମତା ବୃଦ୍ଧି ଲାଗି ବେସାମରିକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ। ଗତବର୍ଷ ମେ' ମାସରେ ଶେକତର କମିଟିକୁ ନିଯୁକ୍ତି ଦିଆଯାଇଥିଲା। ଡିସେମ୍ବର ମାସରେ କମିଟି ଏହାର ରିପୋର୍ଟ ପ୍ରଦାନ କରିଥିଲା। ସଂସ୍କାର ମୂଳକ ପଦକ୍ଷେପର ପ୍ରଥମ ପର୍ଯ୍ୟାୟରେ ଅଫିସର ଓ ବେସାମରିକ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ। ସେହିପରି ସାମରିକ ପରିବହନ ଓ ଯୋଗାଣକୁ ଉପଯୁକ୍ତ ବିନିଯୋଗ କରିବା ସୈନ୍ୟବାହିନୀରେ କିରାଣୀ ଓ ଚାଳକ ନିଯୁକ୍ତିକୁ ବୃଦ୍ଧି କରିବା। ନ୍ୟାସନାଲ କ୍ୟାଡେଟ କର୍ପସର ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ। ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ କେନ୍ଦ୍ର, ଅଡନାନ୍ସ ଫ୍ୟାକ୍ଟ୍ରିରେ ଅଧିକ କର୍ମଚାରୀ ନିଯୁକ୍ତି ପୂର୍ବକ ଉତ୍ପାଦ ବୃଦ୍ଧି କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

## ଭାରତରେ ହେବ ଏଫ୍‌ଏ-୧୮ ଯୁଦ୍ଧ ବିମାନର ନିର୍ମାଣ

ନୂଆଦିଲ୍ଲୀ : ଭାରତରେ ନିର୍ମାଣ ହୋଇପାରେ ଏଫ୍‌ଏ ୧୮ ଯୁଦ୍ଧ ବିମାନ। ଭାରତରେ ଲଢୁଆ ଏଫ୍‌ଏ ୧୮ ଯୁଦ୍ଧ ବିମାନ ଉତ୍ପାଦନ କରିବାକୁ ଲାଗି ଆମେରିକାଭିତ୍ତିକ ପ୍ରମୁଖ ବିମାନ ନିର୍ମାଣକାରୀ କମ୍ପାନୀ ବୋଇଂ ପକ୍ଷରୁ ଭାରତ ସରକାରଙ୍କୁ ଏକ ପ୍ରସ୍ତାବ ଦିଆଯାଇଛି। ଯଦି କମ୍ପାନୀକୁ ଏହି କଣ୍ଟ୍ରାକ୍ଟ ମିଳେ ତେବେ ବୋଇଂ ଭାରତରେ ଏଫ୍‌ଏ ୧୮ ସୁପର ହର୍ନେଟ୍ ଯୁଦ୍ଧ ବିମାନ ଉତ୍ପାଦନ ନିମନ୍ତେ ଏକ ପ୍ଲାଣ୍ଟ ସ୍ଥାପନ କରିବ। ଭାରତର ନୌସେନା ଏବଂ ବାୟୁସେନା ନିମନ୍ତେ ବହୁ ସଂଖ୍ୟାରେ ଯୁଦ୍ଧ ବିମାନର ଆବଶ୍ୟକ ରହିଥିବା ଦୃଷ୍ଟିରୁ କମ୍ପାନୀ ଭାରତରେ ହିଁ ଉକ୍ତ ଯୁଦ୍ଧ ବିମାନକୁ ଏଠାରେ ନିର୍ମାଣ କରିବାକୁ ଚାହୁଁଛି। ନୌସେନା ପକ୍ଷରୁ ୫୭ଟି ମଲ୍ଟି-ରୋଲ୍ କ୍ୟାରିଅର -ବର୍ଣ୍ଣ ଫାଇଟର୍ସ (ଏମ୍ଆର୍‌ସିବିଏଫ୍) କ୍ରୟ ଯୋଜନା ରହିଛି। ନୌସେନା ନିମନ୍ତେ ଏଫ୍‌ଏ ୧୮ ସୁପର ହର୍ନେଟ୍ ଯୁଦ୍ଧ ବିମାନ ବେଶ ଉପଯୋଗୀ ହେବ ବୋଲି ବୋଇଂ କହିଛି। ଭାରତରେ ପରବର୍ତ୍ତୀ ପିଢୀର ଏକ ଉତ୍ପାଦନ ପ୍ଲାଣ୍ଟ ସ୍ଥାପନ ସୁବିଧା ଉପଲବ୍ଧ କରାଇବାକୁ କମ୍ପାନୀ ଚାହୁଁଛି। କମ୍ପାନୀ ମତରେ ସୁପର ହର୍ନେଟ୍ ଭଳି ସବୁଠାରୁ ଅତ୍ୟାଧୁନିକ ବିମାନକୁ ଭାରତ ନିର୍ମାଣ କରିପାରିବ। ଯାହା ଫଳରେ ଭାରତ ପରବର୍ତ୍ତୀ ପିଢୀର ବିମାନକୁ ଏଠାରେ ଡିଜାଇନ୍ ଏବଂ ନିର୍ମାଣ କରିପାରିବ ବୋଲି ବୋଇଂ ଏଫ୍‌ଏ ୧୮ ପ୍ରୋଗ୍ରାମର ଉପସଭାପତି ଡାନ୍ ଗିଲିଆନ କହିଛନ୍ତି। ଅନ୍ୟ ବିମାନ ତୁଳନାରେ ଏଫ୍‌ଏ ୧୮ ସୁପର ହର୍ନେଟ୍ ଯୁଦ୍ଧ ବିମାନ ହେଉଛି ଘଣ୍ଟା ପ୍ରତି ସବୁଠାରୁ କମ୍ ଖର୍ଚ୍ଚ ହେଉଥିବା ବିମାନ। ବାୟୁସେନା ଏହାର ପୁରୁଣା ମିଗ୍ ୨୧ ଜେଟ୍‌କୁ ହଟାଇ ଦେଉ ବୋଲି ସେ କହିଛନ୍ତି। ସମ୍ପ୍ରତି ବିଶ୍ୱର ୬ଟି ବିମାନ ଅନ୍ୟ ବିମାନଗୁଡିକୁ ପରିବହନ କରିବା କ୍ଷମତା ରଖୁଛନ୍ତି। ସେଗୁଡିକ ହେଉଛି ରାଫେଲ୍ (ଦାସଲ୍ଟ, ଫ୍ରାନ୍ସ),ଏଫ୍-୧୮ ସୁପର ହର୍ନେଟ୍ (ବୋଇଂ, ଆମେରିକା), ମିଗ୍-୨୯କେ(ରଷିଆ),ଏଫ୍-୩୫ବି ଏବଂ ଏଫ୍-୩୫ସି(ଲକ୍‌ହିଡ୍ ମାର୍ଟିନ୍, ଆମେରିକା) ଏବଂ ଗ୍ରିପେନ୍(ସାବ୍, ସ୍ୱିଡେନ୍)। ଏଥିରୁ କେବଳ ଏଫ୍-୧୮, ରାଫେଲ୍ ଏବଂ ମିଗ୍- ୨୯ ଦୁଇ ଇଞ୍ଜିନ୍ ବିଶିଷ୍ଟ ବିମାନ ଅନ୍ୟଗୁଡିକ ସିଙ୍ଗଲ ଇଞ୍ଜିନ୍ ବିଶିଷ୍ଟ।

## ଡିଜିଟାଲ ପେମେଣ୍ଟରେ ମିଳିବ ୨% ରିଆତି

**ନୂଆଦିଲ୍ଲୀ :** ଏଣିକି ବଜାରରୁ ଆପଣ ଯଦି କୌଣସି ସାମଗ୍ରୀ ଡିଜିଟାଲ ପେମେଣ୍ଟ ଜରିଆରେ କ୍ରୟ କରନ୍ତି ତାହେଲେ ଆପଣଙ୍କୁ କମ୍ ଅର୍ଥ ଦେବାକୁ ପଡିବ। କାରଣ କ୍ରୟ କରିବାବେଳେ ଡିଜିଟାଲ ମାଧ୍ୟମରେ ଅର୍ଥ ପେମେଣ୍ଟ କରୁଥିଲେ ଉତ୍ପାଦ ଉପରେ ଲାଗୁ କରାଯାଉଥିବା ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାର ଉପରେ ଗ୍ରାହକଙ୍କୁ ୨% ରିଆତି ମିଳିବ। ନଗଦ ଅର୍ଥ କାରବାରକୁ ଅନୁତ୍ସାହିତ କରିବା ଲାଗି ସରକାର ଏଭଳି ଏକ ପଦକ୍ଷେପ ଉପରେ ବିଚାର କରୁଛନ୍ତି। ତେବେ ଏହି ରିଆତି ନିୟମ କେବଳ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ଲାଗୁ ହେବ। ରିଆତି କିମ୍ବା କ୍ୟାଶ ବ୍ୟାକ୍ ଆକାରରେ ଡିଜିଟାଲ ପେମେଣ୍ଟର ଲାଭ ଗ୍ରାହକଙ୍କୁ ଦେବା ଲାଗି ଅର୍ଥ ମନ୍ତ୍ରାଳୟ, କ୍ୟାବିନେଟ୍ ସଚିବାଳୟ, ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରାଳୟ ଏ ନେଇ ଏକ ପ୍ରସ୍ତାବ ଉପରେ ବିଚାର କରୁଛି। ଭାରତକୁ ଏକ କମ୍ ନଗଦ ଅର୍ଥ ବ୍ୟବସ୍ଥାରେ ପରିଣତ କରିବା ଏବଂ ଛୋଟ କାରବାରକୁ ଅଧିକ ଲାଭ ଦେବା ହେଉଛି ଏହାର ମୁଖ୍ୟ ଲକ୍ଷ୍ୟ। ନିକଟରେ ଅନୁଷ୍ଠିତ ଏକ ବୈଠକରେ ବିମୁଦ୍ରୀକରଣ ପରେ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ଉପରେ ସମୀକ୍ଷା କରାଯାଇଛି। ଏହି ସମୀକ୍ଷା ବୈଠକରେ କେନ୍ଦ୍ର ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ, ଅର୍ଥ ମନ୍ତ୍ରାଳୟ ଓ ବିଭିନ୍ନ ସରକାରୀ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଦେଶରେ ସମ୍ପ୍ରତି ୨୦୦୦ ଟଙ୍କାରୁ କମ୍ ନଗଦ କାରବାର କରୁଥିବା ଲୋକଙ୍କ ସଂଖ୍ୟା ଅଧିକ। ଯଦି ସେମାନଙ୍କୁ ଉପରୋକ୍ତ ସୁବିଧା ପ୍ରଦାନ କରାଯାଏ ତାହେଲେ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ଅଧିକ ଲାଭ ମିଳିବ।

## କଳାଧନ ଫେରସ୍ତ ପ୍ରସଙ୍ଗ, ଭାରତକୁ ସହଯୋଗ କରିବ ସୁଇଜରଲ୍ୟାଣ୍ଡ୍

**ନୂଆଦିଲ୍ଲୀ :** ତିନି ଦିନିଆ ଭାରତ ଗସ୍ତରେ ଆସିଥିବା ସୁଇଜରଲ୍ୟାଣ୍ଡର ରାଷ୍ଟ୍ରପତି ଡୋରିସ୍ ଲୁଥାର୍ଡ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୋଦି କହିଛନ୍ତି, ବିଦେଶରୁ କଳାଧନ ଫେରାଇ ଆଣିବାରେ ଭାରତକୁ ସୁଇଜରଲ୍ୟାଣ୍ଡର ସହଯୋଗ ଜାରି ରହିବ। ସୁଇଜରଲ୍ୟାଣ୍ଡ୍ ରାଷ୍ଟ୍ରପତି ଏହି ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି। ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ମୋଦି କହିଛନ୍ତି, ' ବିଶ୍ୱରେ ଆର୍ଥିକ କାରବାରରେ ସ୍ୱଚ୍ଛତା ରକ୍ଷା କରିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଉଭା ହୋଇଛି। ବିଶ୍ୱ ସ୍ତରୀୟ ଏହି ସମସ୍ୟାର ମୁକାବିଲା ପାଇଁ ଭାରତ ଓ ସୁଇଜରଲ୍ୟାଣ୍ଡ୍ ପରସ୍ପରକୁ ସହଯୋଗ କରିବେ।' ସେ ଆହୁରି କହିଲେ ଯେ, ଭାରତ ଓ ସୁଇଜରଲ୍ୟାଣ୍ଡ୍ ମଧ୍ୟରେ ଆର୍ଥିକ ସହଯୋଗ କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶର ବିଶେଷ ଗୁରୁତ୍ୱ ରହିଛି। ଆମେ ସୁଇଜରଲ୍ୟାଣ୍ଡର ଶିଳ୍ପପତିମାନଙ୍କୁ ଭାରତରେ ପୁଞ୍ଜି ନିବେଶ ପାଇଁ ଆମନ୍ତ୍ରଣ କରୁଛୁ। ଏ ସମ୍ପର୍କରେ ଦୁଇ ଦେଶ ମଧ୍ୟରେ ରାଜିନାମା ପାଇଁ ଆଲୋଚନାକୁ ଆଗେଇନେବାକୁ ଆମେ ଚାହୁଁଛୁ। ସୁଇସ୍ କମ୍ପାନୀଗୁଡ଼ିକର ଭାରତରେ ସଡ଼କ ବିକାଶ କ୍ଷେତ୍ରରେ ବିଶେଷ ଅଭିଜ୍ଞତା ରହିଛି। ୟୁରୋପୀୟ ସଂଘ ଓ ଭାରତ ମଧ୍ୟରେ ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ରାଜିନାମା ଉପରେ ବିସ୍ତୃତ ଆଲୋଚନା କରାଯିବ। ଏହି ଅବସରରେ ଲୁଥାର୍ଡ କହିଲେ ଯେ, ମନି ଲଣ୍ଡରିଂ ବିରୋଧରେ ସୁଇଜରଲ୍ୟାଣ୍ଡରେ କଡ଼ା ଆଇନ ରହିଛି। ଏହାକୁ ଅନ୍ୟ ଦେଶଗୁଡ଼ିକ ଅନୁସରଣ କରିବା ଉଚିତ। ଆମେ ଆଶାକରୁଛୁ ଚଳିତ ବର୍ଷ ଶେଷ ସୁଦ୍ଧା ସୁଇସ୍ ପାର୍ଲାମେଣ୍ଟରେ ସ୍ୱତଃ ଦୁଇ ଦେଶ ମଧ୍ୟରେ କଳାଧନ ସମ୍ପର୍କରେ ସୂଚନା ଆଦାନ ପ୍ରଦାନ ନେଇ ଆଇନ ପ୍ରଣୀତ ହେବ ଏବଂ ୨୦୧୯ ସୁଦ୍ଧା ଭାରତକୁ ପ୍ରଥମ ଦଫା ତଥ୍ୟ ମିଳିପାରିବ। ଉଲ୍ଲେଖଯୋଗ୍ୟ ଯେ, କେତେକ ଭାରତୀୟ ସୁଇସ୍ ବ୍ୟାଙ୍କ୍‌ରେ କଳାଧନ ଜମା କରିଥିବାରୁ ଏଥିନେଇ ଦୁଇ ଦେଶରେ ବ୍ୟାପକ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଥିଲା ବେଳେ ସୁଇଜରଲ୍ୟାଣ୍ଡର ରାଷ୍ଟ୍ରପତି ଭାରତକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି।

## ପିଏସ୍‌ୟୁ, ବ୍ୟାଙ୍କ, ବୀମା କ୍ଷେତ୍ରରେ ଲାଗୁ ହେବ ଓବିସି ସଂରକ୍ଷଣ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ସରକାରୀ କ୍ଷେତ୍ର ସହିତ ରାଷ୍ଟ୍ରାୟତ ଉଦ୍ୟୋଗ (ପିଏସୟୁ), ବ୍ୟାଙ୍କ, ବୀମା ପ୍ରତିଷ୍ଠାନରେ କାର୍ଯ୍ୟରତ ନିମ୍ନ ଶ୍ରେଣୀର କର୍ମଚାରୀଙ୍କ ପାଇଁ ପଦବୀର ସମତୁଲତା ତଥା ଅନ୍ୟ ପଛୁଆ ବର୍ଗ ସଂରକ୍ଷଣ ଲାଭର ଦାବି ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରାଯାଇଛି। ଏହା ଫଳରେ ପାଖାପାଖି ୨୪ ବର୍ଷ ଧରି ବିଳମ୍ବିତ ହୋଇଥିବା ପ୍ରସଙ୍ଗ ସମାପ୍ତ ହୋଇଛି। ଏହାଦ୍ୱାରା ପିଏସୟୁ ଏବଂ ଅନ୍ୟ କେନ୍ଦ୍ରୀୟ ପ୍ରତିଷ୍ଠାନରେ ନିମ୍ନ ପାହ୍ୟାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସନ୍ତାନମାନଙ୍କୁ ଅନ୍ୟ ସରକାରୀ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ସନ୍ତାନଙ୍କ ଭଳି ଓବିସି ସଂରକ୍ଷଣର ଲାଭ ମିଳିପାରିବ। ପୂର୍ବରୁ ଓବିସିଙ୍କ ନିମନ୍ତେ ସଂରକ୍ଷିତ ସରକାରୀ ପଦବୀକୁ ଏଡ଼ାଇ ଦେଇ ଆୟ ମାପଦଣ୍ଡର ଭୁଲ ବ୍ୟାଖ୍ୟା କାରଣରୁ ତଥା ପଦବୀର ସମତୁଲତା ଅଭାବରେ ଏମାନଙ୍କୁ ଅଣ-କ୍ରିମିଲେୟାର ବୋଲି ଗ୍ରହଣ କରାଯାଉଥିଲା ଏବଂ ବାସ୍ତବିକ ଅଣକ୍ରିମିଲେୟାର ପ୍ରାର୍ଥୀ ଏହି ସଂରକ୍ଷଣର ସୁବିଧାରୁ ବଂଚିତ ହେଉଥିଲେ। ହେଲେ ଏହାଦ୍ୱାରା ଏପରି ପ୍ରତିଷ୍ଠାନର ବରିଷ୍ଠ ପଦବୀରେ କାମ କରୁଥିବା ଲୋକମାନଙ୍କର ସନ୍ତାନମାନଙ୍କୁ ଏପରି ଲାଭ ନେବା ଉପରେ ପ୍ରତିବନ୍ଧ ଲାଗିପାରିବ। କେନ୍ଦ୍ର କ୍ୟାବିନେଟ ଦେଶରେ ସାମାଜିକ ଦୃଷ୍ଟିରୁ ସ୍ୱଚ୍ଛଳ ବ୍ୟକ୍ତି/ବର୍ଗ (କ୍ରିମିଲେୟାର)ଙ୍କୁ ଓବିସି ସଂରକ୍ଷଣ ପରିଧିରୁ ବାହାର କରିବା ଲାଗି କ୍ରିମିଲେୟାର ପ୍ରତିବନ୍ଧିତ ବ୍ୟବସ୍ଥା ନିମନ୍ତେ ବର୍ତ୍ତମାନ ୬ ଲକ୍ଷ ଟଙ୍କା ବାର୍ଷିକ ଆୟର ମାନଦଣ୍ଡକୁ ବଢ଼ାଇବାକୁ ମଞ୍ଜୁରି ପ୍ରଦାନ କରିଛନ୍ତି। ନୂଆ ଆୟର ମାନଦଣ୍ଡ ବାର୍ଷିକ ୮ ଲକ୍ଷ ଟଙ୍କା ହେବ। ଏହାଦ୍ୱାରା ଅଧିକରୁ ଅଧିକ ଓବିସି ବର୍ଗଙ୍କୁ ସରକାରୀ ସେବାରେ ପ୍ରଦାନ କରାଯାଉଥିବା ଲାଭ ତଥା କେନ୍ଦ୍ରୀୟ ଶୈକ୍ଷିକ ପ୍ରତିଷ୍ଠାନରେ ନାମଲେଖା କ୍ଷେତ୍ରରେ ସୁବିଧା ମିଳିପାରିବ। ସରକାରଙ୍କ ପ୍ରୟାସରେ ଏହି ଉପାୟରେ ଓବିସି ବର୍ଗର ଲୋକ/ ପ୍ରାର୍ଥୀଙ୍କୁ ବୃହତ୍ତର ସାମାଜିକ ନ୍ୟାୟ ଏବଂ ଅନ୍ତର୍ଭୁକ୍ତିକରଣ ସୁନିଶ୍ଚିତ ହୋଇପାରିବ। ସରକାର ଜାତୀୟ ପଛୁଆ ବର୍ଗ କମିଶନକୁ ସାମ୍ବିଧାନିକ ମାନ୍ୟତା ଦେବା ଲାଗି ସଂସଦରେ ପ୍ରଥମରୁ ହିଁ ଏକ ବିଧେୟକ ଉପସ୍ଥାପନ କରିସାରିଛନ୍ତି। ସରକାର ସମ୍ବିଧାନର ଅନୁଚ୍ଛେଦ ୩୪୦ ଅନ୍ତର୍ଗତ ଓବିସିର ଉପ-ଶ୍ରେଣୀ ବର୍ଗୀକରଣ ନିମନ୍ତେ ଏକ କମିଶନ ପ୍ରତିଷ୍ଠା କରିଛନ୍ତି ଯାହଦ୍ୱାରା ଓବିସି ସମୁଦାୟଙ୍କ ମଧ୍ୟରେ ଆହୁରି ଅଧିକ ପଛୁଆ ବର୍ଗର ଲୋକମାନଙ୍କୁ ଶିକ୍ଷା ଅନୁଷ୍ଠାନ ଏବଂ ସରକାରୀ ଚାକିରୀରେ ସଂରକ୍ଷଣ ଲାଭ ମିଳିପାରିବ। ଏକ ସମୟରେ ନିଆଯାଇଥିବା ଏହି ସମସ୍ତ ନିଷ୍ପତି ଦ୍ୱାରା ଏହା ଆଶା କରାଯାଉଛି ଯେ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରୀରେ ଓବିସି ବର୍ଗର ବୃହତର ପ୍ରତିନିଧିତ୍ୱ ସୁନିଶ୍ଚିତ ହୋଇପାରିବ। ଅନ୍ୟପଟେ ଏହି ଶ୍ରେଣୀ ମଧ୍ୟରେ ଅଧିକ ବଂଚିତ ଲୋକମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସେମାନଙ୍କ ସୁବିଧା ସୁଯୋଗରୁ ବଂଚିତ ହେବାକୁ ପଡ଼ିବ ନାହିଁ।

# କୂଟନୀତିରେ ଜିତିଲା ଭାରତ

**ବେଜିଂ :** ଡୋକ୍‌ଲାମ୍ ବିବାଦରେ ଭାରତର ବଡ଼ ଧରଣର କୂଟନୈତିକ ବିଜୟ ହୋଇଥିଲା ବେଳେ ଚୀନ୍ ଏହାକୁ ସହଜରେ ଗ୍ରହଣ କରିପାରୁ ନାହିଁ। ଏହି ପରିପ୍ରେକ୍ଷୀରେ ଚୀନ୍ ସେନା 'ଭାରତ ଡୋକ୍‌ଲାମ୍ ବିବାଦରୁ ଶିକ୍ଷାଲାଭ କରିବା ଉଚିତ' ବୋଲି କହିଛି। ଏହି ଅଞ୍ଚଳରୁ ଦୁଇ ଦେଶ ସେମାନଙ୍କର ସେନା ପ୍ରତ୍ୟାହାର କରିବାର ଦିନକ ପରେ ଚୀନ୍ ସେନା ଭାରତକୁ ଏଭଳି ଚେତାବନୀ ଦେଇଛି। ଅପରପକ୍ଷରେ ଡୋକ୍‌ଲାମ୍‌ରେ ଚୀନ୍ ପକ୍ଷରୁ ରାସ୍ତା ନିର୍ମାଣ ସମ୍ପର୍କରେ ବେଜିଂ ପକ୍ଷରୁ ସ୍ପଷ୍ଟ ଭାବେ କିଛି କୁହାଯାଇ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଏହି ଅଞ୍ଚଳରେ ଚୀନ୍ ସେନାର ରାସ୍ତା ନିର୍ମାଣକୁ ଭାରତୀୟ ସେନା ବନ୍ଦ କରିବାରୁ ପ୍ରାୟ ୭୦ ଦିନ ଧରି ବିବାଦ ଲାଗି ରହିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚୀନ୍ ଗସ୍ତର ଅଳ୍ପ ଦିନ ପୂର୍ବରୁ ଦୁଇ ଦେଶ ଡୋକ୍‌ଲାମ୍‌ରୁ ସେନା ହଟାଇନେବାକୁ ଗତକାଲି ରାଜିହୋଇ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇଥିଲେ। ଗତ ଜୁନ୍ ୧୬ ତାରିଖରୁ ସିକ୍କିମ୍ ସୀମା ନିକଟସ୍ଥ ଡୋକ୍‌ଲାମ୍‌ରେ ଦୁଇ ଦେଶର ସେନା ମୁହାଁମୁହିଁ ଅବସ୍ଥାରେ ଥିଲେ। ଚୀନ୍ ସେନା 'ପିପୁଲ୍ସ ଲିବରେସନ୍ ଆର୍ମି'ର ଜଣେ କର୍ଣ୍ଣେଲ ର୍‍ୟାଙ୍କର ବରିଷ୍ଠ ସେନାଧିକାରୀ ୟୁ କିଆନ୍ ଏକ ବିବୃତିରେ କହିଛନ୍ତି, "ଭାରତ - ଚୀନ୍ ମଧ୍ୟରେ ସାମରିକ ସ୍ତରରେ ବିବାଦ ଆରମ୍ଭ ହେବା ପରଠାରୁ ପିପୁଲ୍ସ ଲିବରେସନ୍ ଆର୍ମି ଦେଶର ସାର୍ବଭୌମତ୍ୱ ଓ ଆଞ୍ଚଳିକ ସଂହତି ବଜାୟ ରଖିବା ପାଇଁ ଦୃଢ଼ ପଦକ୍ଷେପ ନେଇଛି ଏବଂ ଆଗକୁ ମଧ୍ୟ ଜାଗତିଆର ରହିବ। ଭାରତ ଏହି ବିବାଦରୁ କିଛିଟା ଶିକ୍ଷାଲାଭ କରିବ ବୋଲି ଆମେ ଏହାକୁ ହେଜାଇ ଦେଉଛୁ।" ଅନ୍ୟପଟେ ଭାରତ ସ୍ପଷ୍ଟ କରିଦେଇଥିଲା ଯେ, ଉଭୟ ପକ୍ଷ ସେମାନଙ୍କର ସୈନ୍ୟ ଅପସାରଣ କରି ନେଇଛନ୍ତି। ଏହାର ଜବାବରେ ଚୀନ୍ ଦର୍ଶାଇଥିଲା, "ବାସ୍ତବ ସ୍ଥିତିରେ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଚୀନ୍ ବିହିତ ପଦକ୍ଷେପ ଗ୍ରହଣ କରିବ ଏବଂ ସେହି ଅନୁଯାୟୀ ସେନା ମୁତୟନ କରିବ। ଭାରତୀୟ ସୂତ୍ରରୁ ଜଣାପଡ଼ିଛି, ଚୀନ୍ ଇତିମଧ୍ୟରେ ଏହି ବିବାଦୀୟ ଅଞ୍ଚଳରୁ ବୁଲ୍‌ଡୋଜର୍ ଓ ଅନ୍ୟ ରାସ୍ତା ନିର୍ମାଣ ଉପକରଣ ହଟାଇନେଇଛି। ଏଥିରୁ ବୁଝାପଡୁଛି ଯେ, ବେଜିଂ ନୂଆ ରାସ୍ତା ନିର୍ମାଣରୁ ନିବୃତ୍ତ ହୋଇଛି। ସଙ୍କଟ ଟାଳିବା ଉଦ୍ଦେଶ୍ୟରେ ବେଜିଂ ଏଭଳି ପଦକ୍ଷେପ ନେଇଛି। ଗତ ଜୁନ୍ ମଧ୍ୟଭାଗରେ ଚୀନ୍ ସେନା ପକ୍ଷରୁ ଡୋକ୍‌ଲାମ୍ ଅଞ୍ଚଳ ଦେଇ ଯେତେବେଳେ ରାସ୍ତା ନିର୍ମାଣ କାମ ଆରମ୍ଭ ହେଲା, ଭାରତୀୟ ସେନା ସେଥିରେ ତୁରନ୍ତ ହସ୍ତକ୍ଷେପ କରି କାମ ବନ୍ଦ କରିଦେଇଥିଲେ। ସେହି ଅଞ୍ଚଳରେ ଚୀନ୍ ପକ୍ଷରୁ ରାସ୍ତା ନିର୍ମାଣ କରାଗଲେ ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ସୁରକ୍ଷା ସ୍ଥିତି ବିପନ୍ନ ହେବା ଆଶଙ୍କା କରି ଭାରତୀୟ ସେନା ଏଥିରେ ବାଧା ଦେଇଥିଲା। ଡୋକ୍‌ଲାମ୍‌ରେ ଚୀନ୍ ସେନା ପକ୍ଷରୁ ରାସ୍ତା ନିର୍ମାଣ ଯୋଜନା ସମ୍ପର୍କରେ ବେଜିଂ ସ୍ପଷ୍ଟ ଭାବେ କିଛି ପ୍ରକାଶ କରୁନାହିଁ। ଚୀନ୍‌ର ଓ ଚୀନ୍ ସେନା ମଧ୍ୟରେ ଦୀର୍ଘ ୭୩ ଦିନ ଧରି ଲାଗିରହିଥିବା ବିବାଦର ଗତକାଲି ଅନ୍ତଃ ଘଟିଥିବାରୁ ଭୁଟାନ ଏଥିରେ ସନ୍ତୋଷ ପ୍ରକାଶ କରି ଦୁଇ ଦେଶର ପଦକ୍ଷେପକୁ ସ୍ୱାଗତ କରିଛି। ଭୁଟାନ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, "ଡୋକ୍‌ଲାମ୍‌ରେ ଭାରତ ଓ ଚୀନ୍ ସେନା ପ୍ରତ୍ୟାହାରକୁ ଭୁଟାନ ସ୍ୱାଗତ କରୁଛି। ଭୁଟାନ ସୀମାରେ ସ୍ଥିତାବସ୍ଥା ବଜାୟ ରଖିବା ସହ ଶାନ୍ତି ଓ ସ୍ଥିରତା ପାଇଁ ଏହା ସହାୟକ ହେବ ବୋଲି ଆମେ ଆଶା କରୁଛୁ।" ଜୁନ୍ ୧୬ରୁ ଭାରତ-ଚୀନ୍ ସେନା ମୁହାଁମୁହିଁ ଅବସ୍ଥାରେ ରହିଥିଲେ ଏବଂ ଏହି ଅଞ୍ଚଳରେ ଭାରତ ୩୫୦ ସୈନ୍ୟଙ୍କୁ ମୁତୟନ କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ଡୋକ୍‌ଲାମ୍‌କୁ କେନ୍ଦ୍ରକରି ଭୁଟାନ ଓ ଚୀନ୍ ମଧ୍ୟରେ ଦୀର୍ଘ ଦିନରୁ ବିବାଦ ରହିଛି। ସିକ୍କିମ୍ ସେକ୍ଟରରେ ଏହି ଅଞ୍ଚଳ ଭୁଟାନ-ଭାରତ-ଚୀନ୍ ମଧ୍ୟରେ ଏକ ତ୍ରିଛକି ଭାବେ ପରିଚିତ।



## ପାଟ୍ରୋଲିଂ ଜାରି ରଖିବ ଚୀନ୍ ସେନା

ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ହୁଆ ଚୁନିଙ୍ଗ୍ କହିଛନ୍ତି, 'ସୀମା ସୁରକ୍ଷା ପାଇଁ ଚୀନ୍ ରାସ୍ତା ନିର୍ମାଣ ସମେତ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି।' ଚୀନ୍ ଡୋକ୍‌ଲାମ୍‌ରେ ପୁଣି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବ କି ବୋଲି ତାଙ୍କୁ ପ୍ରଶ୍ନ ହେବାରୁ ସେ କହିଛନ୍ତି, 'ଡୋକ୍‌ଲାମ୍ ଅଞ୍ଚଳରେ ଚୀନ୍ ସେନାର ପାଟ୍ରୋଲିଂ ଜାରି ରହିବ। ଆମେ ଆମର ସାର୍ବଭୌମତ୍ୱ ବଜାୟ ରଖିବା ପାଇଁ ବିହିତ ପଦକ୍ଷେପ ନେବୁ।' ଡୋକ୍‌ଲାମ୍‌ରେ ଭାରତ

## ତଳସ୍ତର କମିଟି ଗଠନ ପ୍ରକ୍ରିୟାରେ ଯୋଗଦେଲେ ନବୀନ

# 'ବିକାଶ ଧାରା ଆଗେଇ ନେବାକୁ ଆହ୍ୱାନ'

**ଭୁବନେଶ୍ୱର :** ଗଞ୍ଜାମ ଜିଲ୍ଲାର ଗୋପାଳପୁର ନିର୍ବାଚନ ମଣ୍ଡଳୀର ଜି.ଜଗନ୍ନାଥପୁର ଗ୍ରାମର ୧୦ନମ୍ବର ଓ ୧୧ ନମ୍ବର ୱାର୍ଡ ବିଜେଡି କମିଟି ଗଠନ ପ୍ରକ୍ରିୟାରେ ଗ୍ରାମବାସୀଙ୍କ ସଙ୍ଗେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇଥିଲେ। ଏହାପରେ ୮ ହଜାରରୁ ଊର୍ଦ୍ଧ୍ୱ ଦଳୀୟ ସମାବେଶରେ ଯୋଗଦେଇ ବିକାଶର ଧାରାକୁ ଆଗେଇ ନେବା ପାଇଁ 'ଆମ ଗାଁ, ଆମ ବିକାଶ' ଓ 'ଆମ ସହର, ଆମ ଉନ୍ନତି' ଅଭିଯାନରେ ଅଧିକ ଜନସାଧାରଣଙ୍କୁ ସଂପୃକ୍ତି କରିବା ପାଇଁ ଆହ୍ୱାନ ଦେଇଥିଲେ। ଓଡ଼ିଶାର ବିକାଶ ଧାରାକୁ ଆଗକୁ ନେଉଛି ଓ ଆହୁରି ଆଗକୁ ନେବା ପାଇଁ ବିଜେଡି ସରକାରର ଅଙ୍ଗୀକାରବଦ୍ଧତାକୁ ଶ୍ରୀଯୁକ୍ତ ପଟ୍ଟନାୟକ ଉଲ୍ଲେଖ କରିଥିଲେ।

ପ୍ରଥମେ ଜି.ଜଗନ୍ନାଥପୁରର ୧୦ ଓ ୧୧ ନମ୍ବର ୨ଟି ୱାର୍ଡର କମିଟି ଗଠନ ପ୍ରକ୍ରିୟାରେ ଶ୍ରୀ ପଟ୍ଟନାୟକ ଯୋଗଦେଇ ଏ ସଂପର୍କରେ ପଚାରିଥିଲେ ଓ ଗ୍ରାମର ସୁବିଧା ଅସୁବିଧା ସଂପର୍କରେ ମତ ବିନିମୟ କରିଥିଲେ। ସ୍ଥାନୀୟ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସଂପାଦକ ପ୍ରଦୀପ ପାଣିଗ୍ରାହୀ ସୂଚନା ଦେବା ପରେ 'ଆମ ଗାଁ, ଆମ ବିକାଶ' ଅଭିଯାନର ରାଜ୍ୟ ସଂଯୋଜକ ତଥା ବିଜେଡି ଉପ-ସଭାପତି ଦେବୀ ପ୍ରସାଦ ମିଶ୍ର ଏ ସଂପର୍କରେ ଦଳ ସଭାପତିଙ୍କ ନିର୍ଦ୍ଦେଶରେ ଜୁଲାଇ ଓ ଅଗଷ୍ଟରେ ଜିଲ୍ଲା ଓ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ସଂପନ୍ନ ହୋଇଛି ଏବଂ ଆସନ୍ତା ୨ମାସରେ ଦଳର ନିର୍ଦ୍ଦେଶ ଅନୁଯାୟୀ ୱାର୍ଡ କମିଟି ଓ ପୁନର୍ଗଠିତ ପଞ୍ଚାୟତ କମିଟିଗୁଡିକର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ସୂଚନା ଦେଇଥିଲେ। ତା'ପରେ ଶ୍ରୀ ପଟ୍ଟନାୟକ ଗ୍ରାମବାସୀଙ୍କ ମତାମତ ଆହ୍ୱାନ କରିବା ପରେ ଶ୍ରୀ ଆନନ୍ଦ ପାତ୍ର ଗ୍ରାମବାସୀଙ୍କ ଦ୍ୱାରା କମିଟି ଗଠନ ବିଷୟରେ କହିଥିଲେ। ଗ୍ରାମବାସୀଙ୍କ ଦ୍ୱାରା ଏନ୍.ଗଙ୍ଗାଧର ପାତ୍ର ଓ ସଦାନନ୍ଦ ପାତ୍ର ଆବାହକ ରୂପେ ମନୋନୀତ ହୋଇ ହୋଇ ବାକି ୨୦ଜଣ ଲେଖାଏଁ ସଭ୍ୟସଭ୍ୟାଙ୍କ ନାଁ ଘୋଷଣା କରି ରାଜ୍ୟ ସଭାପତିଙ୍କୁ ପ୍ରଦାନ କରିଥିଲେ। ଗାଁର ସୁବିଧା ଅସୁବିଧା ବିଷୟରେ ଶ୍ରୀଯୁକ୍ତ ପଟ୍ଟନାୟକ ପଚାରିବା ପରେ ୧୦ନଂ ୱାର୍ଡରୁ ବି.କାନ୍ତାମା, ୧୧ନଂ ୱାର୍ଡରୁ ଏମ୍. ସୁଶୀଲ, ଗ୍ରାମର ମୁରବୀ କାଶୀନାଥ ପାତ୍ର ମୁଖ୍ୟମନ୍ତ୍ରୀଙ୍କ ଆଗରେ ଶ୍ମଶାନ, କଲ୍ୟାଣ ମଣ୍ଡପ ଓ ବନ୍ଧ କଥା ଉଲ୍ଲେଖ କରିଥିଲେ। ଗ୍ରାମବାସୀଙ୍କ ତରଫରୁ ସ୍ଥାନୀୟ ସରପଞ୍ଚ ତଅପୋଇ ଦାଶ, ସମିତି ସଭ୍ୟା ଇନ୍ଦିରା ବେହେରା ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ପ୍ରାୟ ଅଧଘଣ୍ଟା ଉପସ୍ଥିତ ରହି ମତବିନିମୟ କରିବା, ବିଜେଡି କର୍ମୀ ଓ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲା।



## ବନ୍ଧୁକକୁ ଅସମ୍ମାନ ଘଟଣା

### ୧୦ ଟ୍ରେନରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର :** ଓଆଇଏସଏଫ ପାସିଂ ଆଉଟ ପରେଡ଼ ପରେ ବନ୍ଧୁକକୁ ଅସମ୍ମାନ କରାଯାଇଥିବା ପ୍ରସଙ୍ଗରେ ୧୦ ପ୍ରଶିକ୍ଷକ( ଟ୍ରେନର)ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୁପାରିସ କରାଯାଇଛି। ଓଆଇଏସଏଫ କମାଣ୍ଡାଣ୍ଟ ସମ୍ପୃକ୍ତ ୧୦ଅଭିଯୁକ୍ତଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ମଙ୍ଗଳବାର ଏହି ସୁପାରିସ କରିଛନ୍ତି। ତଦନ୍ତ ରିପୋର୍ଟ ପହଞ୍ଚିବା ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠନ ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କମାଣ୍ଡାଣ୍ଟ ଆର.ଏନ. ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏତଦ୍‌ବ୍ୟତୀତ ପାସିଂ ଆଉଟ କନଷ୍ଟେବଲଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ ପାସିଂ ଆଉଟ ପରେଡରେ ଅଂଶ ଗ୍ରହଣ କରିଥିବା ନୂତନ କନଷ୍ଟେବଲଙ୍କ ମଧ୍ୟରୁ ଅନେକ ପଡିଆରେ ସେଲଫି ନେବାରେ ବ୍ୟସ୍ତ ଥିଲେ। ଏହି ସଶସ୍ତ୍ର ବାହିନୀକୁ ପ୍ରଦାନ କରାଯାଇଥିବା ବନ୍ଧୁକକୁ କିଛି ସମୟ ପାଇଁ ସେମାନେ ଅନ୍ୟ ଦାୟିତ୍ୱରେ ଛାଡିଦେଇଥିଲେ।

# ହବିଷ୍ୟାଳିଙ୍କୁ ମିଳିବ ମାଗଣା ରହିବା ଓ ଖାଇବା

**ପୁରୀ :** କାର୍ତ୍ତିକ ମାସରେ ପୁରୀକୁ ବ୍ରତ ପାଳନ କରିବାକୁ ଆସୁଥିବା ବ୍ରତଚାରିଣୀମାନଙ୍କ ମାଗଣା ରହଣି ଓ ଖାଦ୍ୟପେୟର ବ୍ୟବସ୍ଥା ଗତବର୍ଷଠାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶମତେ ଜିଲ୍ଲା ପ୍ରଶାସନ କରୁଛି। ଗତବର୍ଷ ଦେଢ଼ହଜାର ହବିଷ୍ୟାଳିଙ୍କ ପାଇଁ ମାଗଣା ରହଣି ଓ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବାବେଳେ ଚଳିତବର୍ଷ ୨୫୦୦ ହବିଷ୍ୟାଳିଙ୍କୁ ମାଗଣାରେ ରହିବା ଏବଂ ମହାପ୍ରସାଦ ଯୋଗାଇ ଦେବା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଗତବର୍ଷ ଅସ୍ଥାୟୀ ସେଡ୍‌ମାନ ନିର୍ମାଣ କରାଯାଇ ହବିଷ୍ୟାଳିଙ୍କୁ ରଖାଯାଇଥିବାବେଳେ ଚଳିତବର୍ଷ ସ୍ଥାୟୀ ସ୍ଥାନମାନଙ୍କରେ ହବିଷ୍ୟାଳିମାନେ ରହିବାର ବନ୍ଦୋବସ୍ତ କରାଯାଉଛି। ସର୍କିଟହାଉସ୍‌ଠାରେ ରାଜସ୍ୱମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏ ସଂକ୍ରାନ୍ତରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ବିଭୂତିଭୂଷଣ ଦାସ, ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରଦୀପ ଦାଶ, ପର୍ଯ୍ୟଟନ ଅଧିକାରୀ ବିଜୟ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ହରିହର ପଟ୍ଟନାୟକ, ସେସୁ ନିର୍ବାହୀଯନ୍ତ୍ରୀ ଶିବପ୍ରସାଦ ସ୍ୱାଇଁ, ସଂସ୍କୃତି ଅଧିକାରୀ ଚୌଧୁରୀ ଅରିନ୍ଦମ ଦାସ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନା କରିଥିଲେ। ଚଳିତବର୍ଷ ଅକ୍ଟୋବର ୬ ତାରିଖରୁ ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ହବିଷ୍ୟାଳିମାନଙ୍କ ପାଇଁ ମାଗଣା ରହଣି ବ୍ୟବସ୍ଥା କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ଏହି ମର୍ମରେ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇଛି। ଯେଉଁମାନେ ପୁରୀଆସି ମାଗଣାରେ ରହି ହବିଷ୍ୟ ପାଳିବା ପାଇଁ ଇଚ୍ଛୁକ ସେମାନେ ଆସନ୍ତାମାସ ପହିଲାରୁ ୨୫ ତାରିଖ ମଧ୍ୟରେ ସେମାନଙ୍କ ଜିଲ୍ଲାର ଜିଲ୍ଲାପାଳଙ୍କ ମାଧ୍ୟମରେ ଆବେଦନ କରିବେ। ଚଳିତବର୍ଷ ରେଳବାଇ ଯାତ୍ରୀ ଆଶ୍ରୟସ୍ଥଳୀରେ ୮ଶହ ହବିଷ୍ୟାଳି, ରେଳବାଇ ବାରାକ୍‌ରେ ୪ଶହ, ବଗଲା ଧର୍ମଶାଳାରେ ୨ଶହ, ଜଗନ୍ନାଥ ବଲ୍ଲଭ ମଠରେ ୪ଶହ, ବାଗେଡ଼ିଆ, ମ୍ୟୁନିସିପାଲିଟି କଲ୍ୟାଣମଣ୍ଡପ, ଦୁଦ୍‌ୱାଲା ଓ ଗୋଏଙ୍କା ଧର୍ମଶାଳାରେ ୭ଶହ ହବିଷ୍ୟାଳିଙ୍କ ପାଇଁ ମାଗଣା ରହଣି ବ୍ୟବସ୍ଥା କରାଯିବ। ଶ୍ରୀମନ୍ଦିରଠାରୁ ଦୂରରେ ରହୁଥିବା ହବିଷ୍ୟାଳିମାନଙ୍କୁ ଶ୍ରୀମନ୍ଦିରକୁ ନେବା ଆଣିବା କରିବା ପାଇଁ ମାଗଣା ବସ୍‌ର ମଧ ବ୍ୟବସ୍ଥା କରାଯିବ। ହବିଷ୍ୟାଳିମାନେ କେବଳ ନରେନ୍ଦ୍ର ସରୋବରରେ ପ୍ରତ୍ୟହ ସ୍ନାନ କରିବେ। ସ୍ୱାସ୍ଥ୍ୟ ଦୃଷ୍ଟିରୁ ଅନ୍ୟ କୌଣସି ପୁଷ୍କରିଣୀରେ ସ୍ନାନ କରିବା ପାଇଁ ବାରଣ କରାଯିବ। ନରେନ୍ଦ୍ର ସରୋବରରେ ହବିଷ୍ୟାଳିଙ୍କ ସୁରକ୍ଷା ପାଇଁ ଲାଇଫ୍‌ଗାର୍ଡ ମୁତୟନ କରାଯିବା ସହ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହିବେ। ହବିଷ୍ୟାଳିଙ୍କୁ ଡାକ୍ତରୀ ସେବା ସହିତ ପୂଜାବିଧି ସମ୍ପନ୍ନ, ଗରମପାଣି, ଚା, ପାନୀୟ ଯୋଗାଇ ଦିଆଯିବ। ଏଥିସହିତ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟିପାଇଁ ସନ୍ଧ୍ୟାରେ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ହବିଷ୍ୟାଳିମାନଙ୍କ ପାଇଁ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରସାଦ ପ୍ରସ୍ତୁତି ପାଇଁ ଟେଣ୍ଡର ଆହ୍ୱାନ କରାଯିବ। ସୁପକାର ସେବାୟତମାନେ ବ୍ୟକ୍ତିଗତ ଭାବେ ଟେଣ୍ଡର ପକାଇବେ। ଚଳିତବର୍ଷ ଏକ ସଂସ୍ଥାଦ୍ୱାରା ଏହି ସମସ୍ତ କାର୍ଯ୍ୟ କରାଯିବା ସହ ସରକାରୀ କର୍ମଚାରୀ ମଧ ଉପସ୍ଥିତ ରହିବେ ବୋଲି ବୈଠକରେ ସ୍ଥିର କରାଯାଇଛି। ପୂର୍ତ୍ତବିଭାଗ ଓ ପର୍ଯ୍ୟଟନ ବିଭାଗ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ହବିଷ୍ୟାଳି ରହୁଥିବା ସ୍ଥାନରେ ଶିକ୍ଷୟିତ୍ରୀମାନେ ନିୟୋଜିତ ହୋଇ ସେବା ଯୋଗାଇଦେବେ।



## କୃଷି କ୍ଷେତ୍ରରେ ଋଣ ଯୋଗାଣ କମିଛି

### ବ୍ୟାଙ୍କ ନଥିବା ୫୦% ପଞ୍ଚାୟତକୁ ସେବା ଦିଆଯାଉ

**ଭୁବନେଶ୍ୱର :** ରାଜ୍ୟରେ ଅଗ୍ରାଧିକାର କ୍ଷେତ୍ରକୁ ଅର୍ଥ ଯୋଗାଣ ବ୍ୟବସ୍ଥା ତ୍ୱରାନ୍ୱିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଚଳିତବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟରେ ବ୍ୟାଙ୍କ ନ ଥିବା ୫୦% ଗ୍ରାମ ପଞ୍ଚାୟତରେ ବ୍ୟାଙ୍କ ସେବା ଉପଲବ୍ଧ କରାଇବା ଦିଗରେ କାର୍ଯ୍ୟ କରିବାକୁ ଅର୍ଥ ମନ୍ତ୍ରୀ ଶଶୀଭୂଷଣ ବେହେରା ପରାମର୍ଶ ଦେଇଛନ୍ତି। ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଯୋଗଦେଇ ଶ୍ରୀ ବେହେରା ଋଣ ପ୍ରଦାନ କ୍ଷେତ୍ରରେ ରାଜ୍ୟରେ ଆଗାମୀ ଦିନରେ ଅଧିକ ଅଗ୍ରଗତି ନେଇ ଆଶା ପ୍ରକାଶ କରିଛନ୍ତି। ରାଜ୍ୟରେ ୧୪୭୪ଟି ପଞ୍ଚାୟତରେ ବ୍ୟାଙ୍କ ନ ଥିବାବେଳେ ଇତି ମଧ୍ୟରେ ଷ୍ଟେଟ୍ ବ୍ୟାଙ୍କ ୪୮ଟି ସ୍ଥାନରେ ବ୍ୟାଙ୍କ ସହଯୋଗ ବ୍ୟବସ୍ଥା ଆରମ୍ଭ କରିଥିବାବେଳେ ଅନ୍ୟ କେତେକ ବ୍ୟାଙ୍କ ୬୪ଟି ସ୍ଥାୟୀ ଶାଖା ଏବଂ ୧୮୨ ସ୍ଥାନରେ ବ୍ୟାଙ୍କ୍ ସହଯୋଗ ବ୍ୟବସ୍ଥା ଆରମ୍ଭ କରିବାକୁ ସମ୍ମତି ଦେଇଛନ୍ତି। ରାଜ୍ୟର କୃଷି, କ୍ଷୁଦ୍ର ଏବଂ ଅଣୁ ଉଦ୍ୟୋଗ କ୍ଷେତ୍ରକୁ ୬୦,୦୦୦ କୋଟି ଟଙ୍କାର ଋଣ ଯୋଗାଇ ଦେବାକୁ ରିଜର୍ଭ ବ୍ୟାଙ୍କ ଏହାର ବାର୍ଷିକ ଋଣ ପ୍ରଦାନ ଚିଠାରେ କହିଥିବାବେଳେ ଚଳିତବର୍ଷ ଜୁଲାଇ ସୁଦ୍ଧା ଏ କ୍ଷେତ୍ରରେ ୨୨% ଅଗ୍ରଗତି ହାସଲ ହୋଇଛି। ତେବେ କୃଷି କ୍ଷେତ୍ରରେ ଋଣ ଯୋଗାଣ ହାରରେ ହ୍ରାସ ଘଟିଥିବା ନେଇ ଶ୍ରୀ ବେହେରା ଉଦ୍‌ବେଗ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଉନ୍ନୟନ କମିସନର ଡ. ଆର୍. ବାଲକ୍ରିଷ୍ଣନ୍ କହିଲେ, ବ୍ୟାଙ୍କର୍ସ କମିଟି ପକ୍ଷରୁ ବିଭିନ୍ନ କ୍ଷେତ୍ରୀୟ ବିଭାଗ ଅଂଶୀଦାର ମାନଙ୍କର ସଂଯୋଜନା ବୈଠକ ନିୟମିତ ହେବା ଉଚିତ। ଏଥିରେ ଅର୍ଥ ବିଭାଗ ପ୍ରମୁଖ ସଚିବ ତୁହିନ୍‌କାନ୍ତ ପାଣ୍ଡେ କହିଲେ, ଗ୍ରାମାଞ୍ଚଳରେ ବ୍ୟାଙ୍କଗୁଡିକର ୨୫% ଶାଖା ଖୋଲାଯିବାର ନିର୍ଦ୍ଦେଶାବଳୀ ରହିଥିବାବେଳେ ଆମ ରାଜ୍ୟରେ ବିଶେଷ କରି ବ୍ୟାଙ୍କ ସେବା ନ ଥିବା ଗ୍ରାମାଞ୍ଚଳରେ ତୁରନ୍ତ ଶାଖା ଖୋଲିବା ଉପରେ ଦୃଷ୍ଟି ଦିଆଯିବା ଉଚିତ। କାର୍ଯ୍ୟକ୍ରମରେ ରିଜର୍ଭ ବ୍ୟାଙ୍କ, ନାବାର୍ଡ, ଏସ୍‌ବିଆଇ ଏବଂ ଅନ୍ୟ ବ୍ୟାଙ୍କଗୁଡିକର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## ସ୍ଥାୟୀ ସରକାରୀ କର୍ମଚାରୀଙ୍କ ପାଇଁ ୭ମ ବେତନ କମିଶନ ଲାଗୁ

# ସମବାୟ ସଂସ୍ଥା ଓ ନିଗମକୁ ମିଳିବ କେବେ ?

**ଭୁବନେଶ୍ୱର :** ରାଜ୍ୟ ସରକାର ସମସ୍ତ ସ୍ଥାୟୀ ସରକାରୀ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ କମିଶନ ଲାଗୁ କରିଛନ୍ତି। ଏହା ୨୦୧୬ ଜାନୁଆରୀରୁ କେନ୍ଦ୍ରୀୟ ହାରରେ ପିଛିଲା ଭାବେ ଲାଗୁ ହେବ। ଏହାକୁ ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘ ସ୍ୱାଗତ କରିଛି। ହେଲେ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ସମସ୍ତ ନିଗମ, ସ୍ୱୟଂଚାଳିତ ସଂସ୍ଥା, ସମବାୟ ସଂସ୍ଥା, ମୁନିସିପାଲିଟି, ଏନ୍‌ଏସି, ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ କ୍ଷେତ୍ରରେ ଏ ନେଇ କୌଣସି ସୂଚନା ନାହିଁ। ରାଜ୍ୟର ବିକାଶରେ ଏ ସମସ୍ତ କର୍ମଚାରୀଙ୍କ ଯୋଗଦାନ ରହିଛି। ନିଗମ କର୍ମଚାରୀମାନେ ଚତୁର୍ଥ ବେତନ ହାରରେ ଦରମା ପାଉଛନ୍ତି। ଯାହାକି କର୍ମଚାରୀ ମହଲରେ ଅସନ୍ତୋଷର ବାତାବରଣ ସୃଷ୍ଟି କରୁଛି ବୋଲି ମହାସଂଘର ନଟବାର ଆଚାର୍ଯ୍ୟ କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଅନେକ ନିଗମ କର୍ମଚାରୀ ବିଗତ ତିନି ଚାରିମାସ ପୂର୍ବରୁ ଷଷ୍ଠ ବେତନ ପାଇଛନ୍ତି। ବର୍ତ୍ତମାନ ସୁଦ୍ଧା ସମସ୍ତ ନିଗମ କର୍ମଚାରୀ ସମ୍ପୂର୍ଣ୍ଣ ଭାବରେ ମହଙ୍ଗା ଭତ୍ତା ପାଇ ନାହାନ୍ତି। ସରକାର ତୁରନ୍ତ ସମସ୍ତ କର୍ମଚାରୀଙ୍କ ପାଇଁ ସମାନ ନିୟମ ପ୍ରଣୟନ କରି କର୍ମଚାରୀଙ୍କୁ ସେମାନଙ୍କର ମୌଳିକ ଅଧିକାର ପ୍ରଦାନ କରିବା ପାଇଁ ଶ୍ରୀ ଆଚାର୍ଯ୍ୟ ଦାବି କରିଛନ୍ତି। ମହାସଂଘର କର୍ମକର୍ତ୍ତାମାନେ ଏହି ସମସ୍ତ ସମସ୍ୟା ସମ୍ପର୍କରେ ଲିଖିତ ଭାବରେ ଫିଟମେଣ୍ଟ କମିଟି ନିକଟରେ ଉପସ୍ଥାପନ କରି ବିଚାର ଆଲୋଚନା କରିଥିଲେ। କିନ୍ତୁ ସରକାର ସେମାନଙ୍କ କଥା ବିଚାରକୁ ନେଲେ ନାହିଁ। ଏହି ସମସ୍ତ କର୍ମଚାରୀଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଚାକିରି ସର୍ତ୍ତାବଳୀ ନାହିଁ ଏବଂ ଏମାନେ ସରକାରୀ ଚାକିରି ସର୍ତ୍ତାବଳୀ ଦ୍ୱାରା ପରିଚାଳିତ। ତେଣୁ ସରକାରୀ କର୍ମଚାରୀ ଭଳି ଏମାନେ ବି ସରକାରଙ୍କ ଠାରୁ ସମସ୍ତ ସୁବିଧା ପାଇବା ପାଇଁ ହକ୍‌ଦାର।

# 'ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେବାକୁ ହେବ'

**କେନ୍ଦୁଝର :** ସାରା ରାଜ୍ୟରେ ସ୍ୱାୟତ୍ତ ଶାସନ ଦିବସ ପାଳନ କରୁଥିବା ବେଳେ କେନ୍ଦୁଝର ଜିଲ୍ଲା ସଦରମହକୁମା କେନ୍ଦୁଝର ଜିଲ୍ଲା ସଦର ମହକୁମା କେନ୍ଦୁଝର ପୌର ପରିଷଦ ପରିସରରେ ଏହି ଦିବସକୁ ଧୂମ୍‌ଧାମରେ ପାଳନ କରାଯାଇଛି। ଏହି ଅବସରରେ ପୌରପାଳିକା ପକ୍ଷରୁ ୪ ଗୋଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇଥିବା ବେଳେ ୫ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡ.ଏନ୍ ତିରୁମାଳା ନାଏକ ଯୋଗ ଦେଇଥିଲେ। ପୌରପାଳିକା ପକ୍ଷରୁ ୫୦ଲକ୍ଷ ଟଙ୍କାରେ ସ୍ଥାପନ କରାଯାଇଥିବା ଲାବଣ୍ୟ ଛକଠାରୁ ମଣ୍ଡୁଆ ପର୍ଯ୍ୟନ୍ତ ଏଲ୍‌ଇଡି ଲାଇଟ୍ ବ୍ୟବସ୍ଥା ଉଦ୍‌ଘାଟନ କରାଯାଇଥିଲା। ଏହାବ୍ୟତୀତ ୫୪ଲକ୍ଷ ଟଙ୍କା ବ୍ୟୟରେ ଢାଙ୍ଗରପଡା ନିକଟରେ ଅତ୍ୟାଧୁନିକ ଶ୍ମଶାନ ଗୃହ ଓ ସୌନ୍ଦର୍ଯ୍ୟକରଣ ତେଲକୋଇ, ବାରିପଦା ଓ ବଡବିଲ ବସ୍‌ଷ୍ଟାଣ୍ଡରେ ଶୌଚାଳୟ ଏବଂ କଲ୍ୟାଣ ମଣ୍ଡପର ଉପର ମହଲା ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ତେବେ କେନ୍ଦୁଝର ସହରରେ ଶ୍ମଶାନର ଆବଶ୍ୟକତା ଦୃଷ୍ଟିରୁ ପୌର ପରିଷଦ ନେଇଥିବା ପଦକ୍ଷେପକୁ ସାଧାରଣରେ ଓ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। ଏହି ଅବସରରେ ପୌରସଂସ୍ଥାର ଭାରପ୍ରାପ୍ତ ଅଧ୍ୟକ୍ଷ ସରୋଜ କୁମାର ସାହୁଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସହରରେ ଥିବା ବିଭିନ୍ନ ଛକ ନିକଟରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ମାର୍ଲ୍ୟାର୍ପଣ କରାଯାଇଥିଲା।


ସ୍ୱାୟତ୍ତ ଶାସନ ଦିବସ-୨୦୧୭

**ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼**

ଆସନ୍ତା ତା.୩୧.୦୮.୨୦୧୭ ରିଖ ଦିନ ୫୫ତମ ପବିତ୍ର 'ସ୍ୱାୟତ୍ତ ଶାସନ ଦିବସ ପାଳନ' ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼ର ତରଫରୁ ସମସ୍ତ ଜନସାଧାରଣଙ୍କ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛୁ।

**ବିନୀତ ଅନୁରୋଧ :**

୧. ପରିଷଦର ଦେୟ ଠିକ୍ ସମୟରେ ପଇଠ କରି ନିରନ୍ତର ସେବା ଯୋଗାଇବାରେ ସହଯୋଗ କରନ୍ତୁ।
୨. ସହରକୁ ପରିଷ୍କାର ପରିଚ୍ଛନ୍ନ ରଖି ଏକ ସୁସ୍ଥ ପରିବେଶ ଗଠନ କରନ୍ତୁ।
୩. ଶୌଚାଳୟ ନିର୍ମାଣ କରି ବ୍ୟବହାର କରନ୍ତୁ। ଏଣେ ତେଣେ ମଳତ୍ୟାଗ କରନ୍ତୁ ନାହିଁ।
୪. ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବରେ ବର୍ଜନ କରନ୍ତୁ।
୫. ଶୌଚାଳୟ ନିର୍ମାଣ ନିମନ୍ତେ ସରକାରଙ୍କ ପ୍ରଦତ୍ତ ଆର୍ଥିକ ଅନୁଦାନ ପାଇବା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼ଙ୍କ ସହିତ ଯୋଗାଯୋଗ କରନ୍ତୁ।
୬. ବର୍ଜ୍ୟବସ୍ତୁ ରାସ୍ତା ଓ ନାଳରେ ନପକାଇ ପରିଷଦ ଦ୍ୱାରା ଦିଆଯାଇଥିବା ଡଷ୍ଟବିନ ଓ ଗାଡ଼ିରେ ପକାନ୍ତୁ ଓ ସଫେଇ କର୍ମଚାରୀଙ୍କୁ ସହଯୋଗ କରନ୍ତୁ।
୭. ସରକାରଙ୍କ ପ୍ରଦତ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯେଉଁ ହିତାଧିକାରୀମାନଙ୍କର କୋଠାଘର ନାହିଁ, ସେମାନେ ପରିଷଦ ସହିତ ଯୋଗାଯୋଗ କରି ସରକାରଙ୍କର ସହାୟତା ରାଶି ନେଇ ତୁରନ୍ତ ପକ୍କାଘର କରନ୍ତୁ।
୮. ରାସ୍ତାକଡ଼ ଜମି ତଥା ସରକାରୀ ଜମି ଜବର ଦଖଲରୁ ନିବୃତ୍ତ ରୁହନ୍ତୁ।
୯. ରାସ୍ତା ଉପରେ ବାଲି, ମାଟି ବା ଅନ୍ୟାନ୍ୟ ଗୃହ ନିର୍ମାଣ ସାମଗ୍ରୀ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ।
୧୦. ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ ଠିକ୍ ସମୟରେ କରାଇ ନିଅନ୍ତୁ।
୧୧. ପରିଷଦର ବିନା ଅନୁମତିରେ ନୂତନ ଗୃହ ନିର୍ମାଣ କରନ୍ତୁନାହିଁ।

*ଐତିହାସିକ ସହର ପାଟଣାଗଡ଼ର ସୌନ୍ଦର୍ଯ୍ୟ ଓ ଶ୍ରୀବୃଦ୍ଧି କରିବା ପାଇଁ ଜନସାଧାରଣଙ୍କ ସହଯୋଗ ଆମର କାମ୍ୟ।*

ଶ୍ରୀମତୀ ମାନସ ମଞ୍ଜରୀ ପାଣିଗ୍ରାହୀ, ନଗରପାଳ | ଶ୍ରୀ ରମାନାଥ ହୋତା, ଉପ-ନଗରପାଳ | ଶ୍ରୀ ବ୍ରଜମଣି ଶତ୍ପଥୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ
ଏବଂ ସମସ୍ତ କାଉନସିଲର ବୃନ୍ଦ



**ବିଜ୍ଞାପିତ ଅଞ୍ଚଳ ପରିଷଦ, ଧର୍ମଗଡ**

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୧୭ ଅବସରରେ ଧର୍ମଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଏହି ପରିଷଦକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ସହଯୋଗ କାମନା କରୁଅଛି।

**ନିବେଦନ :**

୧. ଖୋଲା ସ୍ଥାନରେ ଶୌଚ ନକରି ନିଜ ନିଜ ଘରେ ପାଇଖାନା ନିର୍ମାଣ କରନ୍ତୁ। ଏଥିପାଇଁ ସହାୟତା ରାଶି ପ୍ରଦାନ କରାଯାଉଅଛି।
୨. ଅଳିଆ ଆବର୍ଜନା ଇତସ୍ତତ ଭାବରେ ନ ପକାଇ ଡଷ୍ଟବିନ ବ୍ୟବହାର କରନ୍ତୁ।
୩. ବ୍ୟବସାୟ ପ୍ରତିଷ୍ଠାନ ପାଇଁ ଧାର୍ଯ୍ୟ କରାଯାଇଥିବା ଲାଇସେନ୍ସ ଫି' ଠିକ୍ ସମୟରେ ପୈଠ କରନ୍ତୁ।
୪. ଦୋକାନ ଘର ଗୁଡ଼ିକର ଭଡ଼ା ଟଙ୍କା ନିୟମିତ ଭାବରେ ପୈଠ କରନ୍ତୁ।
୫. ବିନା ନକ୍ସା ଅନୁମୋଦନରେ ଗୃହନିର୍ମାଣ କରନ୍ତୁ ନାହିଁ।
୬. ପଲିଥିନ ବ୍ୟବହାର ନିଷିଦ୍ଧ କରାଯାଇଅଛି। ଏଣୁ ଏହାର ବ୍ୟବହାର କରନ୍ତୁ ନାହିଁ।
୭. ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ଛାଡନ୍ତୁ ନାହିଁ, ଏହା ଯାନବାହାନ ପ୍ରଚଳନରେ ଅସୁବିଧା ସୃଷ୍ଟି ହେଉଅଛି।


ଶ୍ରୀ ଈଶ୍ୱର ପୁଝାରୀ
ନିର୍ବାହୀ ଅଧିକାରୀ


ଶ୍ରୀ ଅଶୋକ କୁମାର ମହାନ୍ତି
ଉପାଧ୍ୟକ୍ଷ


ସୁଶ୍ରୀ ହୀରା ବାଗ
ଅଧ୍ୟକ୍ଷା



Phone : 0674-2431253
Fax : 0674-2432895
E_mail : bmcbbsr@bsnl.in

BHUBANESWAR MUNICIPAL CORPORATION BMC

**ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର**

ସଂଖ୍ୟା: ୧୯୫୫୯ / ତା.୨୮.୦୮.୨୦୧୭

*ସ୍ୱାୟତ୍ତ ଶାସନ ଦିବସ - ୨୦୧୭ ପାଳନ ଅବସରରେ ଭୁବନେଶ୍ୱର ମହାନଗର ନିଗମାଞ୍ଚଳବାସୀଙ୍କୁ ଅଭିନନ୍ଦନ। ଆସନ୍ତୁ ସହରର ବିକାଶଧାରାରେ ସାମିଲ ହେବା ଏବଂ ଏକ ଉନ୍ନତ ସହର ଗଢି ତୋଳିବା।*

ଡା. କ୍ରିଷନ୍ କୁମାର୍, କମିଶନର | ଶ୍ରୀମତୀ କେ. ଶାନ୍ତି, ଡେପୁଟି ମେୟର | ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମେୟର

ଏବଂ ସମସ୍ତ କର୍ପୋରେଟର ଓ ବି.ଏମ୍.ସି. ପରିବାର

*ଭାଗିଦାରି ମାଧ୍ୟମରେ ପ୍ରଗତି - ଏକ ସୁନ୍ଦର ଭୁବନେଶ୍ୱର ପାଇଁ*



**କେନ୍ଦୁଝରଗଡ ପୌରପାଳିକା**

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୧୭ ପାଳନ ଅବସରରେ କେନ୍ଦୁଝରଗଡ ପୌରପାଳିକାର ସମସ୍ତ ଅଧିବାସୀମାନଙ୍କୁ ପୌରପରିଷଦ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଆସନ୍ତୁ ପୌରପାଳିକାର ସର୍ବାଙ୍ଗୀନ ଉନ୍ନତିକଳ୍ପେ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା। ପୌରପାଳିକାର ସମ୍ପତ୍ତି ଆପଣଙ୍କର ଓ ଏହାର ସୁରକ୍ଷା ଦାୟିତ୍ୱ ଆପଣଙ୍କର।

ଶ୍ରୀଯୁକ୍ତ ସରୋଜ କୁମାର ସାହୁ
ଉପାଧ୍ୟକ୍ଷ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ
ଏବଂ ସମସ୍ତ କାଉନସିଲର ବୃନ୍ଦ
କେନ୍ଦୁଝରଗଡ଼ ପୌରପାଳିକା

ଇଂ ମନୋରଞ୍ଜନ ପଣ୍ଡା
ନିର୍ବାହୀ ଅଧିକାରୀ
କେନ୍ଦୁଝରଗଡ଼ ପୌରପାଳିକା

ମନୁଷ୍ୟ ନିଜେ ହିଁ ନିଜ କର୍ମ ଦ୍ୱାରା ଦୁଃଖକୁ ଡାକି ଆଣିଥାଏ। : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## ସଂପାଦକୀୟ..

## ବାବା-ଧର୍ମ ନାମରେ କଳଙ୍କ

**ସା**ରା ଦେଶରେ ଆଜିକାଲି ଭଣ୍ଡ ସାଧୁ ଓ ନକଲି ବାବାଙ୍କ କଳାକାରନାମା ଧର୍ମୀୟ ଭାବନାରେ କଳଙ୍କ ବୋଳିଦେବା ସହିତ ଲୋକଙ୍କ ବିଶ୍ୱାସ ପ୍ରତି ଶକ୍ତ ପ୍ରହାର ଲଗାଇଛି। ଓଡ଼ିଶାର ସୁର-ସାରଥୀ, ଆଶାରାମ ବାପୁ, ଚନ୍ଦ୍ରାସ୍ୱାମୀ ହୁଅନ୍ତୁ କି ଦକ୍ଷିଣର ନାରାୟଣ ସ୍ୱାମୀ ସମସ୍ତେ ଜଣେ ଜଣେ ଭଣ୍ଡ, ପ୍ରତାରକ, ବ୍ୟଭିଚାରୀ ଓ ଠକ ଶ୍ରେଣୀର ବାବା ବୋଲି ସ୍ପଷ୍ଟ ଜଣାପଡିଛି। ଏହିକ୍ରମରେ ଏବେ ଧରାପଡିଛନ୍ତି ଡେରା ସଚ୍ଚା ସୌଦା (ଆଶ୍ରମ) ମୁଖ୍ୟ ଗୁରମିତ ରାମ ରହିମ ସିଂହ। ଏଯାବତ୍ ଆଇନ୍ ଜାଲରେ ଛନ୍ଦି ହୋଇଥିବା ଅନେକ ବାବାଙ୍କ ମଧ୍ୟରୁ ଏହି ରଙ୍ଗିଲା ବାବାଙ୍କ କଥା ସମ୍ପୂର୍ଣ୍ଣ ଭିନ୍ନ। ଗୁରମିତ ଯେ ଦୁଇଜଣ ମହିଳାଙ୍କୁ ଦୁଷ୍କର୍ମ କରିଛନ୍ତି ତାହା ନୁହେଁ, ବରଂ ସେ ବହୁ ନାରକୀୟ କାଣ୍ଡ ଭିଆଇବା ସହ ସଂଖ୍ୟାଧିକ ଶିଷ୍ୟଙ୍କୁ ନପୁସଂକ କରିବା ଭଳି ଅପରାଧ କରିଛନ୍ତି। ଗୁରମିତର ଜଘନ୍ୟ ପାଶବିକତା ଅନ୍ୟ ସମସ୍ତ ଭଣ୍ଡ ବାବାଙ୍କ କାରନାମାକୁ ଟପି ଯାଇଛି। ବହୁଚର୍ଚ୍ଚିତ ଯୌନ ଶୋଷଣ ମାମଲାରେ ଗୁରମିତ ସିବିଆଇ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଏବେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଭୋଗୁଛନ୍ତି। ଉଲ୍ଲେଖଯୋଗ୍ୟ, ହରିଆଣାର ସୀସା ନିକଟ ଡେରା ସଚ୍ଚା ସୌଦା କ୍ୟାମ୍ପରେ ଗୁରମିତ ରାମ ରହିମ ତାଙ୍କର ୨ଜଣ ଅନୁଗାମୀ ସ୍ୱାଧୀଙ୍କୁ ୧୯୯୯ ରୁ ୨୦୦୧ ମଧ୍ୟରେ ବାରମ୍ବାର ଯୌନ ଶୋଷଣ କରିଥିବା ନେଇ ହୋଇଥିବା ଅଭିଯୋଗ ଉପରେ ୨୦୦୨ ଡିସେମ୍ବରରୁ ମାମଲା ଚାଲିଥିଲା।

ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ଗୁରମିତ ଭଳି ଜଣେ ବିବାଦୀୟ ବାବାଙ୍କ ପାଇଁ ତାଙ୍କର ସମର୍ଥକମାନେ ପଞ୍ଚକୁଲା ସମେତ ବିଭିନ୍ନ ସ୍ଥାନରେ ଯେଉଁଭଳି ବ୍ୟାପକ ହିଂସାକାଣ୍ଡ ଘଟାଇଲେ ତାହା ଅତି ଗୁରୁତର। ଏଥିରେ ବହୁ ଜାତୀୟ ସମ୍ପତ୍ତି ନଷ୍ଟ ହୋଇଛି ଏବଂ ୩୬ ଜଣଙ୍କ ଜୀବନ ଚାଲିଯାଇଛି। ୨୬୯ ଜଣ ମଧ୍ୟ ଏହି ହିଂସାକାଣ୍ଡରେ ଆହତ ହୋଇଥିଲେ। ତେବେ ଆତ୍ମଘୋଷିତ ଭଗବାନମାନଙ୍କ ପ୍ରତି ସରଳ ଧର୍ମବିଶ୍ୱାସୀ ଭକ୍ତମାନଙ୍କ ଅତ୍ୟନ୍ତ ଭଲ ପାଇବା ଏହାର ପ୍ରମୁଖ କାରଣ ବୋଲି କୁହାଯାଉଥିଲେ ବି ଏହା ସମ୍ପୂର୍ଣ୍ଣ ଠିକ୍ ନୁହେଁ। କାରଣ ଗୁରମିତ ଭଳି ଅପରାଧୀମାନେ ନିଜ ଅପରାଧ ସମ୍ପର୍କରେ ପୂର୍ବରୁ ଅବଗତ ଥାଇ ଆଇନ୍ ଜାଲରୁ ଖସିଯିବାକୁ ଏଭଳି ଯୋଜନା କରିଥାନ୍ତି। ଧର୍ମ ନାମରେ ବିପୁଳ ସମ୍ପତ୍ତି ଠୁଳ କରି ନିଜର ବିଶାଳ ସାମ୍ରାଜ୍ୟ ଗଠନ କରିଥିବା ଗୁରମିତ କେବେ ବି କଳ୍ପନା କରି ନଥିଲେ ତାଙ୍କ ଜୀବନରେ ଏଭଳି ଘଟିବ ବୋଲି। କାରଣ ସେ ଶାସକ, ପ୍ରଶାସକ ସମସ୍ତଙ୍କୁ ବଶୀଭୂତ କରିବାର ଅଦ୍ଭୁତ ଦକ୍ଷତା ରଖିଥିଲେ। ଦେଶ-ବିଦେଶରେ ତାଙ୍କର କୋଟି କୋଟି ଭକ୍ତ ହିଁ ଥିଲେ ତାଙ୍କର ସମ୍ବଳ ଓ ବଳ। ତେଣୁ ଏତେବଡ ଜଣେ ବଳୀୟାନ ବାବା ଯେ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ କାରାବରଣ କରିବେ ଏହା ତାଙ୍କର ଚିନ୍ତାର ବାହାରେ ଥିଲା।

ଭାରତରେ ଏଭଳି ଠକ ବା ଭଣ୍ଡବାବାଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଥିବା ଦେଖିବାକୁ ମିଳୁଛି। ପ୍ରାରମ୍ଭିକ ଅବସ୍ଥାରେ ଏହି ଭଣ୍ଡ ବାବାମାନେ କଅଁଳ କଥା କହି ସାଧାରଣ ଲୋକଙ୍କୁ ଭକୁଆ ବନାନ୍ତି। ପରେ ଏହା ବ୍ୟାପିଯିବା ଫଳରେ ଏଭଳି ବାବାଙ୍କର ଆୟ ବଢ଼େ ଓ ଭକ୍ତ ବଢ଼ିଥାନ୍ତି। ପରେ ପରେ ଏକ ବିଳାସମୟ ଜୀବନର ପରିକଳ୍ପନା କରନ୍ତି ଏମାନେ ଓ ଯୌନ ଶୋଷଣ ଭଳି ବ୍ୟଭିଚାର ବଢ଼ିଚାଷଲ। କିଛି ସ୍ଥାନରେ ସରକାରୀ ଜମି ହଡପ କରିବା ଚକ୍ରାନ୍ତ କରି ଭଣ୍ଡ ବାବାମାନେ ଏକର ଏକର ଜାଗା ମାଡି ବସି ଆଶ୍ରମ ନାମରେ ବ୍ୟଭିଚାର କେନ୍ଦ୍ର ଖୋଲୁଛନ୍ତି। ଏଠାରେ ବହୁ ଅସାମାଜିକ ବ୍ୟକ୍ତି ସୁରକ୍ଷିତ ରହିବା ସହ ନାନାପ୍ରକାର ନିଶାଦ୍ରବ୍ୟ କାରବାର ଚାଲୁଥିବା ଜଣାପଡେ। ଭଣ୍ଡ ବାବାମାନେ ନିଜର ପ୍ରତିପତ୍ତି ବୃଦ୍ଧି କରାଇ ଏସବୁ କାର୍ଯ୍ୟ ସହଜରେ କରିପାରନ୍ତି। ଫଳରେ ବିପୁଳ ଅର୍ଥ ଆୟ କରିବା ସହିତ ସାମାଜିକ କ୍ଷେତ୍ରରେ ଏମାନଙ୍କର ଅବାଧ ପ୍ରବେଶ ହୋଇଥାଏ। ଏହାର ଫାଇଦା ଉଠାନ୍ତି ସମ୍ପୃକ୍ତ ବାବାମାନେ। ଯେହେତୁ ସେମାନଙ୍କ ହାତରେ ସରକାରୀ କଳ ଏବଂ ଧନୀକ ଶ୍ରେଣୀର ବ୍ୟକ୍ତିମାନେ ଥା'ନ୍ତି, ତେଣୁ ଯାହାକିଛି ବ୍ୟଭିଚାର କଲେ ବି ଏମାନେ ଆଇନ୍ ଜାଲରୁ ଖସିଯିବାକୁ ସକ୍ଷମ ହୋଇଥାନ୍ତି। ଆଧୁନିକତା ଓ ଶିକ୍ଷାର ବିକାଶ ସତ୍ତ୍ୱେ ଆଜିକାଲି ସାଧାରଣ ଲୋକମାନେ କିଭଳି ଯେ ଏଭଳି ଭଣ୍ଡମାନଙ୍କ ଦ୍ୱାରା ପ୍ରତାରିତ ହୁଅନ୍ତି ତାହା ବିସ୍ମୟ ସୃଷ୍ଟି କରେ। ଆମର ଐତିହ୍ୟ ଏବଂ ପ୍ରାଚୀନ ପରମ୍ପରା ସର୍ବୋନ୍ନତ ହୋଇଥିଲା ବେଳେ ଲୋକେ ପୁରାତନ ମନ୍ଦିରକୁ ଭୂଲି ବାବାମାନଙ୍କ ଶରଣାଗତ ହେବା ଅତ୍ୟନ୍ତ ନିନ୍ଦନୀୟ।

# ସାମାଜିକ ଅରାଜକତା ବନାମ ଶାସନ



ଡକ୍ଟର ହୁସେନ ରବିଗାନ୍ଧୀ

ଭାରତବର୍ଷରେ ଧିରେ ଧିରେ ଏକ ନୂତନ ଅରାଜକତା ଦେଖିବାକୁ ମିଳୁଛି, ଯାହା ଭବିଷ୍ୟତ ପାଇଁ ଅତି ସାଂଘାତିକ ଅବସ୍ଥା ସୃଷ୍ଟି କରିପାରେ। ତାହା ହେଲା, ସାମାଜିକ ଅରାଜକତା। ସେହି ଅରାଜକତା ମଧ୍ୟରେ ମହିଳାମାନଙ୍କ ସହିତ, ଏପରିକି ୫/୬ ବୟସର ଶିଶୁକନ୍ୟା ସହିତ ଗଣଦୁଷ୍କର୍ମ ତଥା ହତ୍ୟା ପରି ଜଘନ୍ୟ ଘଟଣାମାନ ପ୍ରାୟ ପ୍ରତିଦିନ ଲୋକଲୋଚନକୁ ଆସୁଅଛି। ତା' ସହିତ ସର୍ବସାଧାରଣ ସ୍ଥାନରେ ଜାତି, ଧର୍ମକୁ ନେଇ ମଧ୍ୟ କିଛି ଉଗ୍ରବାଦୀ ସଂଗଠନ ଗଣହତ୍ୟା ବା ସମୂହ ଭାବେ ଜଣକୁ ପିଟିପିଟି ହତ୍ୟା କରିବା (ଯାହାକୁ ଇଂରାଜୀରେ Mob Linching ବୋଲି କୁହାଯାଇଥାଏ) ଦଳିତ ମାନଙ୍କର ଗାଁ ବା ସାହି/ବସ୍ତିକୁ ପୋଡି ପାଉଁଶ କରିଦେବା କିମ୍ବା ପ୍ରଶାସନ ବିରୁଦ୍ଧରେ କୌଣସି ଆନ୍ଦୋଳନ କରିଲେ ଆନ୍ଦୋଳନକାରୀମାନଙ୍କ ନାମରେ ଦେଶଦ୍ରୋହର ଦଫା ଲଗାଇ ମକଦ୍ଦମା ରୁଜୁ କରିବା ତଥା ଆନ୍ଦୋଳନକାରୀମାନଙ୍କୁ ବିଭିନ୍ନ ଗୁରୁତର ଦଫା ଲଗାଇ ଦୀର୍ଘଦିନ ବନ୍ଦୀଶାଳାରେ ରଖିବା ଭଳି ଘଟଣାମାନ ମଧ୍ୟ ଗତ କିଛି ଦିନ ଭିତରେ ଜନସାଧାରଣଙ୍କ ସାମ୍ନାକୁ ଆସୁଛି। ଏହିସବୁ ଘଟଣା ପଛରେ ପ୍ରାୟତଃ ଶାସକ ଦଳ କର୍ମୀମାନଙ୍କର ପ୍ରତ୍ୟେକ୍ଷ ଓ ପରୋକ୍ଷ ଭୂମିକା ସକ୍ରିୟ ଭାବେ ରହୁଛି, ଯାହାକୁ ପୋଲିସ ସାମ୍ନାକୁ ଆଣି ଅପରାଧୀମାନଙ୍କୁ ଗିରଫ କରିବା ଲାଗି ପଛଘୁଞ୍ଚା ଦେଉଛି।

ଏବେ ଏବେ ଯାଜପୁର ଜିଲ୍ଲାରେ ଦୁଇଟି ହତ୍ୟାକାଣ୍ଡ ଘଟିଯାଇଛି। ଗୋଟିଏ ଘଟଣାରେ ବିଜେପି ଦଳର ଜନୈକ ପୂର୍ବତନ ସମିତିସଭ୍ୟଙ୍କୁ ହତ୍ୟା କରାଯାଇଥିବା ବେଳେ ଦ୍ୱିତୀୟ ଘଟଣାରେ ସେଇ ବିଜେପି ଦଳର ଜଣେ ବର୍ତ୍ତମାନର ସମିତିସଭ୍ୟଙ୍କୁ ହତ୍ୟା କରାଯାଇଛି। ପ୍ରଥମଟି ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ଘଟିଥିବା ବେଳେ ଦ୍ୱିତୀୟଟି ଯାଜପୁର ବ୍ଲକ ଅଞ୍ଚଳରେ ଘଟିଛି ଏବଂ ଉଭୟ ଘଟଣାରେ ଶାସକ ବିଜେଡି ଦଳର ବହୁ ଆଗ ଧାଡିର କର୍ମୀମାନଙ୍କ ସମ୍ପୃକ୍ତି ଥିବା ସମ୍ପର୍କରେ ଅଭିଯୋଗ ହୋଇଛି।

ସେହିପରି ଉତ୍ତର ପ୍ରଦେଶର ସାହାରନପୁର ଜିଲ୍ଲାରେ କେତୋଟି ଦଳିତ ଗ୍ରାମକୁ ଉଚ୍ଚ ଜାତିର ରାଜପୁତ୍ମାନେ ପୋଡି ଭସ୍ମ କରି ଦେଇଛନ୍ତି। ଦଳିତ ମାନଙ୍କର ମହିଳା ଓ ଯୁବତୀମାନେ ଉଚ୍ଚ ଜାତିର ଲୋକମାନଙ୍କ ଦ୍ୱାରା ନିର୍ଯ୍ୟାତିତା ହୋଇଛନ୍ତି ବୋଲି ବହୁ ଜାତୀୟ ସମ୍ବାଦପତ୍ର ତଥା ଗଣମାଧ୍ୟମରେ ପ୍ରକାଶିତ ଓ ପ୍ରସାରିତ ହୋଇ ଥିବାର ଘଟଣା ଆମ ନଜରକୁ ଆସିଛି। ଘଟଣା ଘଟାଇଥିବା ଉଚ୍ଚ ଜାତିର ଲୋକେ ସମସ୍ତେ ଉତ୍ତରପ୍ରଦେଶର ଶାସକ ବିଜେପି ଦଳର ସମର୍ଥକ ବୋଲି ଜଣାଯାଏ।

ସେହି ଉତ୍ତରପ୍ରଦେଶରେ ବିଗତ କିଛିମାସ ଭିତରେ ଏକାଧିକ ସାମ୍ପ୍ରଦାୟିକ ଦଙ୍ଗା ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କୁ ହତ୍ୟା ଘଟଣା ଗଣମାଧ୍ୟମ ପରିବେଷଣ କରିଥିଲେ। ସମସ୍ତ ଅଭିଯୁକ୍ତ ଉତ୍ତରପ୍ରଦେଶର ଶାସକ ଦଳ ସମର୍ଥିତ ବୋଲି ମଧ୍ୟ ଅଭିଯୋଗ ହୁଏ। ବିହାରରେ ଜନତା ଦଳ (ୟୁ) ଓ ଭାରତୀୟ ଜନତା ପାର୍ଟିର ମିଳିତ ସରକାର ଗଠନ ହେବାକୁ ମାସେ ମଧ୍ୟ ବିତି ନଥିବା ବେଳେ ବେଆଇନ୍ ଗୋରୁ ଚାଲାଣ ଅଭିଯୋଗରେ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ବୟସ୍କ ବ୍ୟକ୍ତିଙ୍କୁ ପିଟି ପିଟି ମାରି ଦିଆଯିବାର ଅଭିଯୋଗ ସାମ୍ନାକୁ ଆସିଛି। ଝାଡଖଣ୍ଡରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବେଶ୍ କିଛି ଲୋକଙ୍କୁ ଗୋମାଂସ ବ୍ୟବସାୟ ବା ଅବୈଧ ଗୋ-ଚାଲାଣ କରୁଥିବା ଅଭିଯୋଗରେ ଜନସମୂହ ଦ୍ୱାରା ପିଟିପିଟି ମାରିଦେବାର ଅଭିଯୋଗ ମଧ୍ୟ ହୋଇଛି।



ହରିୟାଣା, ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ମଧ୍ୟ ଏପରି ବହୁ ଅଭିଯୋଗ ସାମ୍ନାକୁ ଆସୁଅଛି। ଅବଶ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀ ଏହି ମବ୍ ଲିଚିଂ କାମକୁ ଅତି କଠୋର ଶବ୍ଦରେ ଏକାଧିକ ଥର ନିନ୍ଦା କରି ଆଇନ୍ ଭଙ୍ଗକାରୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବା ପାଇଁ ଆଶ୍ୱାସନା ଦେଇଛନ୍ତି, ମାତ୍ର ତାହା ବିଶେଷ ଭାବେ ଫଳପ୍ରଦ ହୋଇନାହିଁ ଏବଂ ମବ୍ ଲିଚିଂ ଘଟଣା ଏବେ ବି ଘଟୁଛି।

ମହିଳାମାନଙ୍କ ଉପରେ ଏସିଡ୍ ଦ୍ୱାରା ଆକ୍ରମଣ, ଯୁବକ-ଯୁବକଙ୍କ ଭିତରେ 'ଗ୍ୟାଙ୍ଗ ୱାର' ବା ଗୋଷ୍ଠୀ ସଂଘର୍ଷ ବଢ଼ି ବଢ଼ି ଚାଲିଛି। ତତ୍ସହିତ ଗଣମାଧ୍ୟମରେ ନିଜକୁ କଠୋରବାଦୀ ବୋଲି କହି ହାତରେ ବନ୍ଧୁକ, ପିସ୍ତଲ ଧରି ମଥାରେ ଲମ୍ବା ସିନ୍ଦୁ ଗାର ଟାଣି ଫଟୋ ଉଠାଇ ବହୁଳ ପ୍ରସାର କରାଯାଉଥିବାର ବହୁ ନଜିର ଆମ ସାମ୍ନାକୁ ଆସୁଛି।

ଏସବୁ ଘଟଣା ଦେଖିଲା, ପଢ଼ିଲା ଓ ଶୁଣିଲା ପରେ ଏ ଦେଶର ଗତି କୁଆଡକୁ ବୋଲି ମନରେ ସ୍ୱତଃ ପ୍ରଶ୍ନ ଉଠେ। ଦେଶରେ ଆଇନ୍‌ର ଶାସନ ଚାଲିଛି କି କିଛି ମୁଷ୍ଟିମେୟ ଅସାମାଜିକ ଓ ଅପରାଧିକ ପୃଷ୍ଠଭୂମିରୁ ଆସିଥିବା ଲୋକଙ୍କ (ବିଶେଷ କରି ଯୁବକଙ୍କ) ଦ୍ୱାରା ଏ ଦେଶ ତଥା ସମାଜ ପରିଚାଳିତ ହେବ, ତାହା ବିଚାର୍ଯ୍ୟ।

ଯଦି ବେଳ ଥାଉ ଥାଉ ସରକାର ତଥା ପ୍ରଶାସନିକ କଳ ତତ୍ପର ନ ହୁଅନ୍ତି, ଯଦି ଅପରାଧିମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନହୁଏ, ଯଦି ଅପରାଧିମାନଙ୍କ ପ୍ରତି ଶୂନ୍ୟ ସହ୍ୟ ଆଭିମୁଖ୍ୟ ବା ଜିରୋ ଟଲରେନ୍ସ ଏଟିଚ୍ୟୁଡ୍ ଗ୍ରହଣ କରାନଯାଏ, ତେବେ ଏ ଦେଶରେ ପ୍ରତିଶୋଧ ନେବା ପାଇଁ ବହୁ ନକାରାତ୍ମକ ଓ ଏକଦା ଉତ୍ତରପ୍ରଦେଶରେ ଉଚ୍ଚଜାତିର ଲୋକଙ୍କ ଦ୍ୱାରା ଦଳିତ ମାନଙ୍କର ସମୂହ ହତ୍ୟା ଓ ବଳାତ୍କାର ବିରୁଦ୍ଧରେ ପ୍ରତିବାଦ କରିବାକୁ ଯାଇ କୁଖ୍ୟାତ ଦସ୍ୟୁରାଣୀ ଫୁଲନ ଦେବୀ ସୃଷ୍ଟି ହୋଇଥିଲା। ୧୯୯୩ ସାଲ୍‌ର ମୁମ୍ବାଇଠାରେ ଜଘନ୍ୟ ସାମ୍ପ୍ରଦାୟିକ ଦଙ୍ଗା ଓ ପ୍ରାୟ ୩ ହଜାର ନିରୀହ ସଂଖ୍ୟାଲଘୁ ବ୍ୟକ୍ତିଙ୍କ ହତ୍ୟା, ଗୃହଦାହ, ଗଣଧର୍ଷଣ ତଥା ସମ୍ପତ୍ତି ଲୁଟ୍‌ପାଟ୍‌ର ପ୍ରତିକ୍ରିୟାରେ ମୁମ୍ବାଇ ବୋମା ବିସ୍ଫୋରଣ ଏବଂ ଏହାର ସୃଷ୍ଟିକର୍ତ୍ତା କୁଖ୍ୟାତ ଅପରାଧି ଦାଉଦ ଇବ୍ରାହିମ୍, ୟାକୁବ୍ ମେମନ ଇତ୍ୟାଦି ସୃଷ୍ଟି ହୋଇଥିଲେ। ଦଙ୍ଗାର ପ୍ରତିଶୋଧ ନେବା ପାଇଁ ସେମାନେ ଭୟଙ୍କର ଅପରାଧି ହେବାକୁ ପଶ୍ଚାଦ୍‌ପଦ ହୋଇନଥିଲେ। ଏବେ ଉତ୍ତରାଞ୍ଚଳର ଦଳିତ ଯୁବକମାନଙ୍କ ଦ୍ୱାରା 'ଭୀମ ସେନା' ସେହିପରି ଏକ ସଂଗଠନ ଯାହା ଉଚ୍ଚଜାତିର ଲୋକଙ୍କ ବିରୁଦ୍ଧରେ ବିଷୋଦ୍‌ଗାର କରିଚାଲିଛି। ତେଣୁ ବେଳ ଥାଉ ଥାଉ ଯଦି ଆମ ସମାଜ ଏ ଦିଗରେ ସତର୍କ ନହୁଏ ଏବଂ ମୌଳବାଦୀ ତଥା କଠୋରବାଦୀ ସାମାଜିକ ଓ ରାଜନୈତିକ ଚିନ୍ତାଧାରାଠାରୁ ମୁକ୍ତ ହୋଇ ଭାରତକୁ ଭାରତୀୟ ସମ୍ବିଧାନର ଧର୍ମନିରପେକ୍ଷ ବିଚାରଧାରା ଅନୁସାରେ ଚାଲିବା ପାଇଁ ସୁଯୋଗ ଦିଆ ନଯାଏ, ତେବେ ଆମ ଗଣତନ୍ତ୍ରର ଭବିଷ୍ୟତ ବିପନ୍ନ ହୋଇପଡିବ।

ଓଡ଼ିଶା ଅବଶ୍ୟ ଏକ ବ୍ୟତିକ୍ରମ ବୋଲି ପୂର୍ବରୁ ବିଚାର କରାଯାଉଥିଲା। କାରଣ ଓଡ଼ିଶାରେ ଜାତି, ଧର୍ମ, ସମ୍ପ୍ରଦାୟ, ଗୋ ଓ ଦୁଗ୍ଧ ବ୍ୟବସାୟକୁ ଆଧାର କରି ବିଶେଷ ଅଶାନ୍ତି ଘଟୁ ନଥିଲା। ରାଜନୈତିକ ଓ ସାମାଜିକ ସମୂହ ଦଙ୍ଗା ବା ଗଣ୍ଡଗୋଳ ଖୁବ୍ ନଗଣ୍ୟ ଥିଲା। ରାଜନୈତିକ ପ୍ରତିହିଂସା ଜନିତ ହତ୍ୟାକାଣ୍ଡ ମଧ୍ୟ କାଁ ଭାଁ ହେଉଥିଲା। ମାତ୍ର ଏଇ କିଛିବର୍ଷ ଭିତରେ ଓଡ଼ିଶାରେ ମଧ୍ୟ ଏହିପରି ଅପରାଧର ସଂଖ୍ୟା ବଢ଼ି ବଢ଼ି ଚାଲିଛି ଏବଂ ପ୍ରଶାସନ ପ୍ରାୟତଃ ଉଦାସୀନ ରହୁଛି। ଏହା ଏକ ସୁସ୍ଥ ସାମାଜିକ ଅବସ୍ଥାର ଚିହ୍ନ ଆଦୌ ନୁହେଁ। ବେଳ ଥାଉ ଥାଉ ଏହାକୁ ଅବଦମିତ କରିବା ପାଇଁ ଯଦି କଠୋର ପଦକ୍ଷେପ ଗ୍ରହଣ କରାନଯାଏ ତେବେ ଓଡ଼ିଶା ମଧ୍ୟ ହିନ୍ଦୀ ଭାଷାଭାଷୀ ରାଜ୍ୟମାନଙ୍କ ପରି ଏକ ଅସହିଷ୍ଣୁ ରାଜ୍ୟରେ ପରିଣତ ହୋଇଯିବା କିଛି ଅସମ୍ଭବ କଥା ନୁହେଁ।

ତେଣୁ 'ସାଧୁ ସାବଧାନ' ନୀତିରେ ଓଡ଼ିଶାର ଜନସାଧାରଣ ଓ ପ୍ରଶାସନ ବେଳହୁଁ ସାବଧାନ ହେବା ଉଚିତ୍।

ବନ୍ଦେ ଉତ୍କଳ ଜନନୀ।

ଶକ୍ତି ଓ ଗୋଷ୍ଠୀ ଜନ୍ମଲାଭ କରିବ।

*ଅମିନ୍ ହାଉସ୍,*
*ଖାନ ବଜାର, କଟକ-୧*

# ସେ ଯାହା ଆପଣେ କରିଅଛନ୍ତି ନିର୍ମାଣ



ଗଜାନନ ମିଶ୍ର

ଅଚ୍ୟୁତାନନ୍ଦଙ୍କ ଭାଷାରେ କହିଲେ – ସେ ଯାହା ଆପଣେ କରିଅଛନ୍ତି ନିର୍ମାଣ, ତା ଲଂଘିଲେ ବେଦଶାସ୍ତ୍ର ହେବ ଅକାରଣ । ଆଜି କିନ୍ତୁ ଏଇ ଗଣତନ୍ତ୍ର ଶାସନ ପ୍ରଣାଳୀରେ ଯାହା ଲୋକଙ୍କର ଲୋକଙ୍କ ଦ୍ୱାରା ଓ ଲୋକଙ୍କ ପାଇଁ , ଲୋକ ପ୍ରତିନିଧିଗଣ ଲୋକଙ୍କ ପାଇଁ ଆଇନ ତିଆରି କରୁଛନ୍ତି, ଲୋକସେବକଗଣ କିନ୍ତୁ ସେହି ଆଇନାନୁସାରେ କାର୍ଯ୍ୟ କରୁ ନାହାନ୍ତି । କରୁଛନ୍ତି – ଲୋକବିରୋଧୀ କାର୍ଯ୍ୟ, ଲୋକଙ୍କୁ ବିଦେଶୀ ଭାଷାରେ ଚିଠିପତ୍ର ଦେଇ, ଅନ୍ୟଭାଷାରେଶାସନ /ପ୍ରଶାସନ କାର୍ଯ୍ୟ ସଂପାଦନ କରି ଅନୀତି ଆଚରି କଳାଧନ ସଂଗ୍ରହ କରିବାରେ ବ୍ୟସ୍ତ ରହୁଛନ୍ତି ଯାହା ଦ୍ୱାରା ଲୋକେ ନିଃସ୍ୱ ହୋଇଯାଉଛନ୍ତି । ଆଜି ସମସ୍ତେ ଭୁଲି ଯାଉଛନ୍ତି କାହାର କର୍ମ କଣ ଓ ସେ କିଭଳି କରିବା କଥା । ଆଚରଣ ବିଧି ଥିଲେ ବି କିଏ ମାନୁଛି ତାହା । ସଂସାରର ମାୟାରେ ମୋହିତ ହୋଇ ରକ୍ତମାଂସର ଶରୀରେ ବାଇ। ସତ୍ୟକୁ ଅନୁସରଣ ନ କରି ଭ୍ରମୁଛନ୍ତି ନିଜ ନିଜ କର୍ମପଥେ ଯାହାର ଭୋଗ କେବଳ ଦୁଃଖ । ସତ୍ୟ ହେଉଛି ଆମେ ସ୍ୱାଧୀନ, ଆମେ ସାର୍ବଭୌମ, ଆମେ ସ୍ୱତନ୍ତ୍ର। ସତ୍ୟ ହେଉଛି ଜନଗଣମନ ଏ ଦେଶର, ଏ ମାଟିର ପ୍ରକୃତ ମାଲିକ । ଏ ଜନଗଣଙ୍କର ସେବା ପାଇଁ ପ୍ରତିନିଧିଗଣ, ସେବକଗଣ ନିଯୁକ୍ତ। ଲୋକଙ୍କ ଟିକସ ଟଙ୍କାରେ ସେମାନେ ଚଳପ୍ରଚଳ । ଲୋକଙ୍କ ଭାଷାରେ ଶାସନ/ ବିଚାର ସବୁ ଚାଲିବ । ଲୋକେ ସବୁ ବୁଝି ପାରିବେ, ଜାଣି ପାରିବେ । ସୁଶାସନ ପ୍ରତିଷ୍ଠା ହୋଇପାରିବ । ଏଥିପାଇଁ ଆମେ ସ୍ୱାଧୀନ ହୋଇଛେ, ଏଥିପାଇଁ ସମ୍ବିଧାନ ତିଆରି ହୋଇଛି । ସମ୍ବିଧାନ ଅନୁସାରେ ଆଇନ ପ୍ରସ୍ତୁତ ହେଉଛି . ଆଇନ ଅନୁସାରେ ଶାସନ ଚାଲିଛି । ଯୋଉଠି ଆଇନର ଖିଲାପ କରାଯାଉଛି ବିଚାର ବିଭାଗ ରହିଛି ଦଣ୍ଡ ଦେବା ପାଇଁ। ଯେଉଁମାନେ ଆଇନ ତିଆରି କରୁଛନ୍ତି, ଯେଉଁମାନେ ଆଇନର ରକ୍ଷକ , ଯେଉଁମାନେ ଆଇନ ଅନୁସାରେ କାର୍ଯ୍ୟ ସବୁ ସଂପାଦନ କରିବା କଥା ସେମାନେ ସବୁ ଆଇନକୁ ଲଂଘନ କରୁଛନ୍ତି, ଅସୁବିଧାଟା ଏଇଠି । ଏହା ହିଁ ଲୋକବିରୋଧୀ । ତେଣୁ ସାଧାରଣ ଲୋକେ ଏକତ୍ରୀତ ହୋଇ ସ୍ୱର ଉଠାଇବାର ସମୟ ଆସିଛି ।

ସତ୍ୟ ଉପରେ ଭରସା ରଖି କହିବାକୁ ପଡୁଛି ଯେ ଆମ ଏଇ ଓଡିଶା ରାଜ୍ୟ ଓଡିଆ ଭାଷାକୁ ନେଇ ଗଠିତ ହୋଇଛି ୧୯୩୬ ରୁ । ୧୯୫୪ରୁ ଓଡିଶା ସରକାରୀ ଭାଷା ଆଇନ ତିଆରି ହୋଇଛି ଯୋଉଠି ସ୍ପଷ୍ଟ କୁହାଯାଇଛି ଯେ ସବୁଠି ସବୁବେଳେ ଓଡିଆ ଭାଷା ବ୍ୟବହାର କରାଯିବ । ଆମ ଭାରତୀୟ ସମ୍ବିଧାନ ଭାଗ ୧୭ ଧାରା ୩୪୩ ରୁ ୩୫୧ ସରକାରୀ ଭାଷା ବିଷୟରେ କହୁଛି । ଧାରା ୩୪୩(୨) ରେ କୁହାଯାଇଛି ଯେ ସମ୍ବିଧାନ ପ୍ରଣୟନର ୧୫ ବର୍ଷ ଯାଏ ଇଂରାଜି ଭାଷା ରହିବ । ସମ୍ବିଧାନ ଧାରା ୩୪୪(୨)(ବି) ରେ ଇଂରେଜି ବ୍ୟବହାରକୁ ବାରଣ ପାଇଁ କମିସନ କହିବ । ଧାରା ୩୪୫ କେଉଁ ରାଜ୍ୟରେ କେଉଁ ଭାଷାକୁ ସରକାରୀ ଭାଷା ଭାବରେ ଗ୍ରହଣ କରାଯିବ ଆଇନ ତିଆରି କରି ତାହା ପ୍ରୟୋଗ କରାଯିବ । ଆଇନ ତିଆରି ନ ହେଲା ଯାଏ ଇଂରେଜି ବ୍ୟବହାର ହେବ । ଧାରା ୩୪୬ କହିଛି ଯେ ରାଜ୍ୟ ରାଜ୍ୟ ଭିତରେ କୋଉ ଭାଷାରେ ପତ୍ର ବିନିମୟ ହେବ ତାହା ସେମାନେ ସ୍ଥିର କରିବେ । ଧାରା ୩୪୭ କହୁଛି ଯେ ବହୁସଂଖ୍ୟାରେ ଲୋକେ କଥାବାର୍ତ୍ତା ହେଉଥିବା ଭାଷାକୁ ରାଜ୍ୟ ସରକାର ସ୍ୱୀକୃତି ଦେଇ ଅନ୍ୟତମ ସରକାରୀ ଭାଷା ଭାବରେ ମାନ୍ୟତା ଦେଇ ସରକାରୀ ସ୍ତରରେ ତାକୁ ବ୍ୟବହାର କରି ପାରିବେ । ଧାରା ୩୪୮ ଧାରାରେ କୁହାଯାଇଛି ଯେ ଉଚ୍ଚତମ ଓ ରାଜ୍ୟର ଉଚ୍ଚ ନ୍ୟାୟାଳୟମାନଙ୍କରେ ଇଂରେଜିରେ କାର୍ଯ୍ୟଧାରା ଚାଲିବ । ୩୪୮(୨) ରେ ପୁନଶ୍ଚ କୁହାଯାଇଛି ଯେ ରାଜ୍ୟର ରାଜ୍ୟପାଳ, ରାଷ୍ଟ୍ରପତିଙ୍କର ପୂର୍ବସ୍ୱୀକୃତି ନେଇ ହିନ୍ଦୀ ବା ରାଜ୍ୟ ଭାଷାରେ ଉଚ୍ଚ ନ୍ୟାୟାଳୟର କାର୍ଯ୍ୟ ଚାଲିବାକୁ ଆଦେଶ ଦେଇପାରିବେ । ୩୪୮(୩)ରେ କହିଲା ରାଜ୍ୟ ସରକାରୀ ଭାଷାରେ ବିଧାନସଭାରେ ଆଇନ ତିଆରି ହେବ, ମୂଳ ରାଜ୍ୟ ଭାଷା ସହିତ ଅନୁଦିତ ଇଂରେଜି ଆଇନ ସରକାରୀ ଗେଜେଟରେ ପ୍ରକାଶିତ ହେବ । ସମ୍ବିଧାନର ଧାରା ୩୫୦ରେ କୁହାଯାଇଛି ଯେ ରାଜ୍ୟ ଭାଷାରେ ଅଭିଯୋଗପତ୍ର ସବୁ ଦିଆଯିବ । ୩୫୦ଏ ଅନୁସାରେ ମାତୃଭାଷାରେ ପ୍ରାଥମିକ ଶିକ୍ଷା ପ୍ରଦାନ କରାଯିବ । ୩୫୦ବିରେ ସଂଖ୍ୟାଲଘୁ ଭାଷାଭାଷୀଙ୍କ ପାଇଁ ସ୍ୱତନ୍ତ୍ର ଅଧିକାରୀ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହେବେ ଭାଷାର ସୁରକ୍ଷା ପାଇଁ ସେ ସମସ୍ତ ବିହିତ କାର୍ଯ୍ୟ ରାଷ୍ଟ୍ରପତିଙ୍କୁ ଜଣାଇ ଗ୍ରହଣ କରିବେ । ଧାରା ୩୫୧ରେ କୁହାଯାଇଛି ଯେ ଅଷ୍ଟମ ସୂଚୀରେ ଦିଆଯାଇଥିବା ଭାଷା ତାଲିକା ଅନୁସାରେ ହିନ୍ଦୀ ସମେତ ରାଜ୍ୟଭାଷାର ବିକାଶ ପାଇଁ ପଦକ୍ଷେପ ସବୁ ନିଆଯିବ । ସମ୍ବିଧାନର ଅଷ୍ଟମ ସୂଚୀରେ ଥିବା ଭାଷା ଗୁଡିକ ହେଉଛି – ଆସାମି, ବଙ୍ଗଳା, ବୋଡୋ, ଡୋଗ୍ରି, ଗୁଜରାଟି, ହିନ୍ଦି, କନ୍ନଡ, କାଶ୍ମିରି, କୋନକାନି, ମୈଥିଳି, ମାଲାୟାଲମ, ମଣିପୁରି, ମରାଠି, ନେପାଲି, ଓଡିଆ, ପଂଜାବି, ସଂସ୍କୃତ, ସାନ୍ତାଳି, ସିନ୍ଧି, ତାମିଲ, ତେଲୁଗୁ, ଉର୍ଦ୍ଦୁ ଆଦି। ସ୍ପଷ୍ଟ କରିଦେବାକୁ ପଡୁଛି ଯେ ଇଂରେଜି ଭାଷା ଏହି ସୂଚୀରେ ସ୍ଥାନ ପାଇ ନାହିଁ । ତେଣୁ କୁହାଯାଇପାରେ ଯେ ଇଂରେଜି ହେଉଛି ଅଣସାମ୍ବିଧାନିକ ଭାଷା ।

ଦେବାନୀ କାର୍ଯ୍ୟବିଧି ସଂହିତା ୧୯୦୮ର ଧାରା ୧୩୭ ଅଧସ୍ତନ ନ୍ୟାୟାଳୟର ଭାଷା ବିଷୟରେ କହୁଛି ଯେ ଏହି ସଂହିତା ପ୍ରଚଳିତ ହେବାବେଳେ ଉଚ୍ଚ ନ୍ୟାୟାଳୟର ଅଧସ୍ତନ ନ୍ୟାୟାଳୟରେ ଯେଉଁ ଭାଷା ଚାଲୁଥିଲା , ତାହା ହିଁ ରହିବ, ଯେ ପର୍ଯ୍ୟନ୍ତ ରାଜ୍ୟ ସରକାର ତାହା ପରିବର୍ତ୍ତନ ନ କରିଛନ୍ତି । ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା ୨୭୨ ନ୍ୟାୟାଳୟର ଭାଷା କହୁଛି – ରାଜ୍ୟ ସରକାର , ଏହି ସଂହିତାର ପ୍ରୟୋଜନାର୍ଥେ ଉଚ୍ଚ ନ୍ୟାୟାଳୟ ବ୍ୟତୀତ ରାଜ୍ୟ ଭିତରେ ଥିବା ପ୍ରତ୍ୟେକ ନ୍ୟାୟାଳୟର କି ଭାଷା ହେବ ତାହା ନିର୍ଦ୍ଧାରଣ କରିବେ । ଧାରା ୨୭୭(କ)– ଯଦି ସାକ୍ଷୀ ନ୍ୟାୟାଳୟର ଭାଷାରେ ସାକ୍ଷ୍ୟ ଦିଏ ତେବେ ତାହା ସେହି ଭାଷାରେ ଅଭିଲିଖନ କରାଯିବ । ଦେବାନୀ ଓ ଫୌଜଦାରୀ ଅଦାଲତର ଶୃଙ୍ଖଳିତ କାର୍ଯ୍ୟଧାରା ପାଇଁ ପୃଥକ୍ ପୃଥକ୍ ସାଧାରଣ ନିୟମାବଳୀ ଓ ପରିପତ୍ର ଆଦେଶବଳୀ ରାଜ୍ୟ ସରକାର ଓ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରସ୍ତୁତ ହୋଇଛି । ଦେବାନୀ ପ୍ରଥମ ଖଣ୍ଡ ନିୟମ ୯ ନ୍ୟାୟାଳୟର ଭାଷା ବିଷୟରେ କହୁଛି ଯେ – ବିଷୟବସ୍ତୁ ଉପରେ ସମସ୍ତ ପୂର୍ବବର୍ତ୍ତୀ ବିଜ୍ଞପ୍ତି ତଥା ଆଦେଶାବଳୀର ଅଧିକ୍ରମଣରେ ରାଜ୍ୟ ସରକାର ନିମ୍ନୋକ୍ତ ଭାଷାକୁ ଓଡିଶା ରାଜ୍ୟର ବିଭିନ୍ନ ଜିଲ୍ଲାରେ ନ୍ୟାୟାଳୟ ଭାଷା ରୂପେ ଘୋଷଣା କରିଛନ୍ତି – (୧) ଘୁମୁସର ବ୍ୟତୀତ ଗଂଜାମ ଜିଲ୍ଲାରେ ଓଡିଆ, ତେଲୁଗୁ ଏବଂ ବାଲିଗୁଡା ଉପଖଣ୍ଡ ଏବଂ ଆସ୍କା ମୁନସିଫ୍ ଅଦାଲତରେ ଇଂଗ୍ରାଜି (୨) କୋରାପୁଟ ଜିଲ୍ଲାର ଗୁଣପୁର, ରାୟଗଡା, ବିଷମକଟକ, ପଚ୍ଚାଙ୍ଗୀ ଏବଂ ମାଲକାନଗିରି ତାଲୁକଗୁଡିକରେ

ଓଡିଆ,ତେଲୁଗୁ ଏବଂ ଇଂଗ୍ରାଜି (୩) ୧ ନମ୍ବର ଓ ୨ ନମ୍ବର ବ୍ୟତୀତ ରାଜ୍ୟର ଅନ୍ୟ ସବୁ ଜିଲ୍ଲାରେ ଓଡିଆ ଏବଂ ଇଂଗ୍ରାଜି । ନିୟମ ୪୨ କହୁଛି ଯେ ଆଦେଶିକାଗୁଡିକ ସାଧାରଣ ଭାବରେ ଅଦାଲତର ଭାଷାରେ ନିର୍ଗମିତ ହେବ, ମାତ୍ର ସେଗୁଡିକୁ ନିର୍ଗମିତ କରୁଥିବା ଅଦାଲତର ଭାଷାଠାରୁ ଯେଉଁ ସ୍ଥାନରେ ଆଦେଶିକାଗୁଡିକ ଜାରି ହେବା ପାଇଁ ପଠାଯାଏ ସେ ସ୍ଥାନର ଭାଷା ଯଦି ଭିନ୍ନହୁଏ, ତେବେ ସେହି ସ୍ଥାନର ଭାଷା କିମ୍ବା ଇଂରାଜିରେ ତାହା ଅନୁବାଦ କରାଯାଇ ତାହା ସହିତ ଯିବ । (ଖ) ୟୁରୋପିଆନ୍ ତଥା ଆଙ୍ଗଲୋଇଣ୍ଡିଆନଙ୍କ ପ୍ରତି ଆଦେଶିକା ଇଂଗ୍ରାଜିରେ ଯିବ । ପୁନଶ୍ଚ ଅଷ୍ଟାଦଶ ଆଦେଶ ନିୟମ ୫ରେ କହୁଛି ଯେ ସାକ୍ଷୀଙ୍କର ସାକ୍ଷ୍ୟ ଅଦାଲତର ଭାଷାରେ ଲେଖାଯିବ । ନିୟମ ୯(୨)ରେ କହୁଛି ଯେ ଇଂରାଜିରେ ଲିପିବଦ୍ଧ କରାଯିବାରେ ଆପତି ନ ଉଠାନ୍ତି ତେବେ ଅଦାଲତ ଏପରି ସାକ୍ଷ୍ୟ ଇଂରାଜିରେ ଲେଖି ପାରିବେ କିମ୍ବା ଲେଖାଇ ପାରିବେ। ଉନବିଂଶ ଆଦେଶ ନିୟମ ୧ଅନୁସାରେ ହଲପନାମା ସାକ୍ଷୀ ପଢିବାର ନିର୍ଦ୍ଦେଶ ରହିଛି । ଅତଏବ ସାକ୍ଷୀଙ୍କ ଭାଷାରେ ହଲପନାମାରେ ହେବା କଥା ସ୍ପଷ୍ଟ ବୁଝା ଯାଉଛି । ଫୌଜଦାରୀର ନିୟମାବଳୀ ଓ ଆଦେଶାବଳୀର ଧାରା ୭ରେ ମଧ୍ୟ ଅନୁରୂପ ଅଧସ୍ତନ ଅଦାଲତର ଭାଷା ବିଷୟରେ ରହିଛି ।

ଆମ ଓଡିଆ ଭାଷା ହେଉଛି ବହୁତ ପୁରାତନ ହଜାର ହଜାର ବର୍ଷର ଭାଷା ଏଣୁ ଏହାକୁ କେନ୍ଦ୍ର ସରକାର ଶାସ୍ତ୍ରୀୟମାନ୍ୟତା ପ୍ରଦାନ କରିଛନ୍ତି । ଏହାର ଲିପି ହେଉଛି ବ୍ରାହ୍ମିଲିପି ଯାହା ସମଗ୍ର ବିଶ୍ୱରେ ଅନନ୍ୟ । ଏହି ଓଡିଆ ଭାଷା ହେଉଛି ବୈଜ୍ଞାନିକ ସିଦ୍ଧ ଭାଷା, ଏହାର ଜ୍ୟୋତି ହେଉଛି ଶୂନ୍ୟଭେଦୀ । ଓଡିଆ ଭାଷା ପାଇଁ ହିଁ ଆଜିର ଏ ଓଡିଶା ପ୍ରଦେଶ । ଅନ୍ୟର ଭାଷା ଆମର ନୁହେଁ, କେବେ ମଧ୍ୟ ହୋଇ ପାରିବ ନାହିଁ । ଓଡିଆ ଜାତିର ପରିଚୟ ହେଉଛି ଓଡିଆ ଭାଷା । ଓଡିଆଗଣ ଯଦି ଜାପାନ, ଜର୍ମାନୀ, ରୁଷିଆ, ଚୀନ ଯିବାକୁ ଚାହିଁବେ, ସେଠାକାର ଭାଷା ଶିଖି କରି ଗଲେ ଅସୁବିଧା ନାହିଁ , କିନ୍ତୁ ରାଜ୍ୟ ଭିତରେ ନିଜ ଭାଷା ଥାଉ ଥାଉ ପରର ଭାଷାକୁ ବ୍ୟବହାର କରିବା ଦ୍ୱାରା ଅଗଣତାନ୍ତ୍ରିକ ତଥା ଅସମ୍ବିଧାନିକ ହେଉଛି। ଯେହେତୁ ଭାଷା ଆଇନରେ କେବଳ ଓଡିଆ ବୋଲି ରହିଛି ଅନ୍ୟ ଭାଷା ବ୍ୟବହାର କରିବା ବେଆଇନ ଅଟେ। ତେଣୁ ସବୁଠି ସବୁବେଳେ ସରକାରୀ ଭାଷା ଆଇନ ଅନୁସାରେ , ଭାରତୀୟ ସମ୍ବିଧାନ ଅନୁସାରେ ଓଡିଆଭାଷା ପ୍ରୟୋଗ ନିହାତି ଆବଶ୍ୟକ ।

*ତପୋବନ,*
*ଟିଟିଲାଗଡ,ବଲାଙ୍ଗିର*

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର,ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୬୫୫୩୪୦୨୯
୦୭୦୦୩୪୦୩୯

# ବେଦନାର ବେଦ (୩୨)



କ୍ଷୀରୋଦ ଦାସ
ମୋ : ୯୪୩୭୧୬୩୦୦୨
ମେଲ୍ : khirod65@gmail.com



ଧାରାବାହିକ ଉପନ୍ୟାସ

**ତା'** ଆଖିରୁ ... ନା କେବଳ ଆଖିରୁ ନୁହେଁ, ସମଗ୍ର ଶରୀରରୁ ଉଛୁଳି ପଡୁଥିଲା ସମୁଦ୍ର ସମୁଦ୍ର ଲୁହ ଓ କୋହ। ସବୁ ଜଣାପଡୁଥିଲା ବିଭ୍ରାନ୍ତିକର, ଗଣ୍ଡଗୋଳିଆ ଓ ଅବିଶ୍ୱାସ ପରିପୂର୍ଣ୍ଣ। ତାକୁ ଯେ ନିର୍ଦ୍ଦୟ ଭାବରେ ଲୁଣ୍ଠନ କରାଯାଇଛି, ତା' ଛୋଟିଆ ସଂସାରକୁ ଉଛନ୍ନ କରିଦେବା ପରି ଭୟଙ୍କର ଚକ୍ରାନ୍ତ ଚାଲିଛି, ଏକଥା ଭାବିଦେବା ମାତ୍ରେ ଭୟରେ ଟାଙ୍କୁରି ଉଠୁଥିଲା ତା' ରୂମମୂଳ।

ଛାତି ଭିତରୁ ବିଳପି ଉଠୁଥିଲା ଅଥୟ କାନ୍ଦ। ସେ ଧୀରେ ଧୀରେ ରୂପାନ୍ତରିତ ହୋଇଯାଉଥିଲା ଏକ ଭଗ୍ନାଂଶରେ।

ଏ ପୃଥିବୀ, ଏ ଜୀବଜଗତ, ଏ ସୂର୍ଯ୍ୟ, ଚନ୍ଦ୍ର, ତାରା, ଗଛଲତା, ମାଟି, ଆକାଶ ଯେ କେବଳ ଶଠତା, ହିଂସ୍ରତା, ନିର୍ଦ୍ଦୟତା ଓ ପ୍ରତାରଣାର ଚାରି ଖୁମ୍ବ ଉପରେ ଦଣ୍ଡାୟମାନ ହୋଇଛି, ଏକଥାକୁ ସେ ହାଡେ ହାଡେ ଅନୁଭବ କରୁଥିଲା ସେଇ ମୁହୂର୍ତ୍ତରେ।

ଚକ୍ରଧର ଆକାଶ ଆଡକୁ ଚାହିଁଲା।

ପଶ୍ଚିମପଟକୁ ଢଳିଲେଣି ସୂର୍ଯ୍ୟ। କୁଆଡେ ଗଲା ଏ ବଦ୍‌ମାସ୍ ରିକ୍ସାବାଲାଟା ? କ'ଣ ତା' ନାଁଟି ତ ! ହଁ... ହଁ.... ଜଗନ୍ନାଥ ! ଜଗନ୍ନାଥଙ୍କଠାରୁ ଆହୁରି କାଳିଆ କିଟ୍‌କିଟ୍ ମଣିଷଟା। ଦେଖିବାକୁ ଭାରି ଅପରିଚ୍ଛନିଆଟା। ମୁହଁସାରା ବସନ୍ତ ଦାଗ। ନାଲି ନାଲି ଆଖି। କୁଆଡେ ଗଲା ? କୋଉଠି ରହିଲା ଏତେବେଳଯାଏ ? ହାଣ୍ଡିଆ କି ଜିଂଜର କଥା ମନେ ପଡ଼ିଗଲା କି ଆଉ ! ଶଳା ମଦୁଆଙ୍କ ବଡ଼ବୋପା। କୋଉଠି ଯାଇ ମେଳରେ ବସିଯାଇଥିବ ଯେ ରିକ୍ସା କଥା କି ରିକ୍ସାରେ ବସିଥିବା ଲୋକ କଥା ମନେ ନଥିବ। ଯାଇଛି ଯେ ଯାଇଛି... ଶଳା ଦି'ଘଡି ହେଲାଣି ଆସି !

- "ହେ ଜଗନ୍ନାଥ ... ବାବୁ ଜଗନ୍ନାଥ... ବାରେ ଶୀଘ୍ର ଆସ ! ଅପେକ୍ଷା କରିଛି ତୁମ ରଥ ନନ୍ଦିଘୋଷ... ନ ଆସିଲେ ଘଟିବ ଘୋର ସର୍ବନାଶ...।

ଚମ୍ପା ଏବେ କ'ଣ କରୁଥିବ ନର୍ସିଂହୋମରେ ? କ'ଣ କରୁଥିବ ପୁଅ ? ଡାକ୍ତର ଆସିଥିବେ ନା ନାହିଁ ? ପୁଅ ପେଟର ସିଲେଇ ଖୋଲା ହେବଣି ନା ନାହିଁ ?

ଏକ ଅଭୂତପୂର୍ବ କୋହ ଚିପୁଡି ପକାଇଲା ଚକ୍ରଧରକୁ। ସେ ଆଉ ସ୍ଥିର ହୋଇ ବସିପାରିଲା ନାହିଁ ରିକ୍ସା ଭିତରେ। ଗୋଟାଏ ଅଦୃଶ୍ୟ ଶକ୍ତି ସତେଯେପରି ତାକୁ ଠେଲି ବାହାକୁ ଫୋପାଡି ଦେବାକୁ ବଦ୍ଧପରିକର ଥିଲା ! ସେ ଓହ୍ଲାଇ ଆସିଲା ରିକ୍ସାରୁ। ଠିଆ ହେଲା ରାସ୍ତା ଉପରେ। ଗାମୁଛାରେ ମୁହଁ ଓ ବେକର ଝାଳ ପୋଛି ଚାହିଁଲା ଆକାଶକୁ। ସୂର୍ଯ୍ୟ ଆହୁରି ଢଳିଗଲେଣି ପଶ୍ଚିମଦିଗକୁ। ଦିନ ତିନିଟା ବାଜିବ ବୋଧହୁଏ ! କେତେବେଳେ ସେ ବସ୍‌ଷ୍ଟାଣ୍ଡରେ ପହଞ୍ଚି ବସ୍ ଧରିବ ? କେତେବେଳ ଯାଇ ପରଜଙ୍ଗ ବଜାରରେ ପହଞ୍ଚିବ ? କେତେବେଳେ ଯାଇ ନିଜ ଗାଁରେ ପହଞ୍ଚିବ ? କେତେବେଳେ ଯୋଗାଡ କରିବ ବାରହଜାର ସାତଶହ ଟଙ୍କା ? କେତେବେଳେ... ? ?

କୁଆଡେ ଗଲା ଜଗନ୍ନାଥ ? ନନ୍ଦିଘୋଷକୁ ରାଜରାସ୍ତା ଉପରେ ତା' ମାର୍ଫତରେ ଛାଡ଼ିଦେଇ କୁଆଡେ ଗଲା ଏତେବେଳଯାଏ ?

ଆଉ ଦଣ୍ଡେମାତ୍ର ଅପେକ୍ଷା କରିବାକୁ ଧୈର୍ଯ୍ୟ ନଥିଲା ଚକ୍ରଧରର। ତା' ମନ ଓ ଆତ୍ମା ବନ୍ଧା ପଡି ଯାଇଥିଲା ପତିତପାବନ ନର୍ସିଂହୋମ୍‌ର ଦୁଇଶହ ପଞ୍ଚାବନ ନମ୍ବର କେବିନ୍ ଭିତରେ। ତା' ଭିତରେ ଦୀର୍ଘ ବାରଦିନ ଧରି ହନ୍ତସନ୍ତ ହେଉଥିବା ଦୁଇଜଣ ଅନ୍ତରଙ୍ଗ ମଣିଷଙ୍କ ପାଖରେ। ସେ କିଛି ଭାବି ପାରୁନଥିଲା। ପୂର୍ବର ଦୋଦୂଲ୍ୟମାନ ମାନସିକତା ପୁଣିଥରେ ତାକୁ ଆକ୍ରାନ୍ତ କରି ପକାଉଥିଲା। କ'ଣ କରିବ ସେ ? ଗାଁ'କୁ ଯିବ ନା ଫେରିଯିବ ପତିତପାବନ ନର୍ସିଂହୋମ୍‌କୁ ?

ଫେରି ଆସିଥିବ କି ସଞ୍ଜୟ !

ଚକ୍ରଧର ଭାବିଲା - "ସଞ୍ଜୟ ଆସି ପହଞ୍ଚି ଯାଇଥିବ ଏବଂ ଗୋଟାଏ ଅତି ଜରୁରୀ କାମରେ ବ୍ୟସ୍ତ ଥାଇ ଆସିବାକୁ ବିଳମ୍ବ ହୋଇଗଲା ବୋଲି ମନସ୍ତାପ କରୁଥିବ କି ଚମ୍ପା ପାଖରେ ! ଚମ୍ପାକୁ ବୁଝାଇ କହୁଥିବ- "ଖୁଡି, ତମେ ଜମା ବ୍ୟସ୍ତ ହୁଅନା ! ତୁମକୁ ଓ ଦାଦାଙ୍କୁ ଯିଏ ଯାହା କହିଚି, ସେଗୁଡା ଡାହାମିଛ କଥା। ମଣିଷର ସ୍ୱଭାବ ହେଲା ପରା ମିଛ କହିବା ! ପୁଅ ଏବେ ସମ୍ପୂର୍ଣ୍ଣ ସୁସ୍ଥ। ମୁଁ ଏଇ ସଙ୍ଗେ ସଙ୍ଗେ ଡାକ୍ତରକୁ କହୁଚି ପୁଅ ପେଟର ସିଲେଇ ଖୋଲିଦେବେ। ଟଙ୍କା ପଇସା କଥା ମୁଁ ବୁଝିବି। ବୁଝିବି କ'ଣ ? ତୁମକୁ ଆଉ ଆଦୌ ଟଙ୍କା ଦେବାକୁ ପଡିବନି। କାଲି ସକାଳୁ ସକାଳୁ ପୁଅକୁ ନେଇ ତୁମେ ଗାଁକୁ ପଳେଇବ.... !!"

ଏପରି ସାନ୍ତ୍ୱନାଟେ ସଞ୍ଜୟ ଦେଉଥିବ କି ଚମ୍ପାକୁ !!

> ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

ଚକ୍ରଧର ପୁଣି ଏପାଖ ସେପାଖ ଚାହିଁଲା। କୁଆଡେ ଗଲା ସେ ବଦ୍‌ମାସ୍ ରିକ୍ସାବାଲା ? ନାଁ'ଟା କଣ ନା ଜଗନ୍ନାଥ। ରିକ୍ସାର ନାଁ ନନ୍ଦିଘୋଷ ! ଜଗନ୍ନାଥଙ୍କର କେଉଁ ଗୁଣକୁ ତୁ ସରି ହେବୁ କିରେ ? ଶଳା ହାରାମଜାଦା... କେବଳ ତୁ ନୁହେଁ, ଏ ନର୍ସିଂହୋମ୍ ... ଡାକ୍ତର.... ନର୍ସ... ସଞ୍ଜୟ... ଏ ସହର... ସମଗ୍ର ସଂସାର ଧୋକ୍କାବାଜ....।

ଚକ୍ରଧର ଭିତରେ ଲୋପ ପାଇଯାଉଥିଲା କୋହ। ସେ ବେଳକୁବେଳ କଠିନ ହୋଇଯାଉଥିଲା। ନା, ଏଠି ଆଉ ସେ ଅଯଥାରେ ଗୋଡହାତ ଜାକି ବସି ରହିପାରିବନି। ତା' ସଂସାର ତେଣେ ଉଛନ୍ନ ହେବାକୁ ବସିଲାଣି। ସେ ଏଠି ବସି ଗୋଟେ ମଦୁଆ, ଭାଣ୍ଡୁଆ, ରାଣ୍ଡୁଆ ରିକ୍ସାବାଲାର ରିକ୍ସା ଜଗିବ ? ତା'ଠାରୁ ବୋକା ଆଉ ଏ ଦୁନିଆରେ କିଏ ଅଛି ?

ଚକ୍ରଧର ଶେଷଥର ପାଇଁ ଚାରିଆଡକୁ ଚାହିଁ ଜୋର୍‌ଜୋର୍ ପାଦ ପକାଇ ମାଡ଼ି ଚାଲିଲା ଆଗକୁ। ତାକୁ ଅନେକ ବାଟ ଯିବାକୁ ହେବ ! ତା' ମୁଣ୍ଡ ଉପରେ ଅନେକ କାମ... ଅନେକ ଦାୟିତ୍ୱ...

ହେ ଭାଇ... ରୁହ ରହୁ.... ଟିକେ ଶୁଣ ହୋ...ଭାଇ....

ଅଟକିଗଲା ଚକ୍ରଧରର ପାଦ। ସେ ଅଟକି ବୁଲି ଚାହିଁଲା ପଛକୁ। କେହି ଜଣେ ତାକୁ ଡାକୁଛି କି ?

ପଛରୁ ଦୌଡ଼ି ଦୌଡ଼ି ଜଗନ୍ନାଥ ଆସୁଥିଲା। ଝୁଣ୍ଟି ପଡୁଥିଲା ଏବଂ ପଡ଼ି ଉଠି ପୁଣି ଧାଉଁଥିଲା।

- "ଆଜି ଶଳା ନାକଯାଏ ପିଇଦେଇ ଆସିଚି। ଶଳା ନିମକହାରାମ, ପାସେଞ୍ଜରକୁ ରିକ୍ସାରେ ବସାଇ ଦେଇ ଚାଲି ଯାଉଛୁ ମଦ ପିଇବାକୁ ! ଦେଖୁନା, କେମିତି ଏପାଖ ସେପାଖ ଛନ୍ଦି ହୋଇ ପଡୁଚି ତା' ପାଦ ଯୋଡ଼ିକ ! ନିଜେ ତ ଦି'ପାଦ ଚାଲିବାକୁ ଅକ୍ଷମ, କେମିତି ଚଳାଇବ ରିକ୍ସା ? ୟା ସାଙ୍ଗରେ ଗଲେ ମଣିଷ କେବେବି ପହଞ୍ଚି ପାରିବ ନାହିଁ ଠିକଣା ସ୍ଥାନରେ। ମଦ ନିଶାରେ କୋଉଠି, କାହା ସାଙ୍ଗରେ ଯଦି ରିକ୍ସାକୁ ପଟିଦେବ, ଏ ଜୀବନଟା ଚାଲିଯିବ !

ଚକ୍ରଧର ଠିଆ ହେଲା ସେଇଠି। ଅବଶ୍ୟ ଭୁଲଟାଏ ହୋଇଗଲା ତା'ର। ଦେଢ଼ ମାଇଲ ଖଣ୍ଡେ ସେ ଆସିଛି ତା' ରିକ୍ସାରେ। ତା' ଭଡ଼ା ପଇସା ନଦେଇ ଚାଲିଯିବାଟା ଠିକ୍ ହୋଇନି ତା'ର। ଏଇଟା କେଉଁ ଭଦ୍ରାମୀ ? ସଙ୍କୁଚିତ ହୋଇପଡ଼ିଲା ଚକ୍ରଧର।

କ୍ରମଶଃ...

## ବିଶେଷ କବିତା

### ଏବେ ମନର ନାହିଁ ପ୍ରତିପକ୍ଷ



ଅକ୍ଷୟ ବେହେରା

ମନକୁ ଛାଡି ଆସିଛି କେଉଁଠି;
ଜାଣେ ଯତ୍ନରେ ହେଲା ହେବନାହିଁ
ସେ ଏକ ଗହନ ବନ
ଭରା ନଈ ଅଥଳ ସୁଅରେ ଭାସି ଯାଉଛି ନାଆ
କୁଆଡେ ଯେ ଜଣା ନାହିଁ...

କେବେ ଟଳମଳ ନ ହେଉ ନାଆ
କେବେ କୂଳ ନ ଲଙ୍ଘୁ ନଈ
ଏତକ ସ୍ଥିର ହେଲେ
ନାଆ ବାହି ନେବ ନାଉରୀ
ଆଗକୁ ଅନନ୍ତ ପଥ
ଯିବାକୁ ହେବ ଗାଇ ପ୍ରୀତିର ଗୀତ
ଦିଅ ଗୋ ହାତ ବଢ଼ାଇ...

କେତେ ବୁଲିଲିଣି ସେ ପଥରେ
ଆଦି ଅନ୍ତ ନାହିଁ
କେବେ ପାଇଛି ହରେଇଛି କେବେ
ଏମିତି ହରେଇ ପାଇ, ପାଇ ହରେଇ
ଜୀବନ ଚାଲିଛି କବିତାର କ୍ଷେତ ଖୋଜି
କେବେ ନଈ କୂଳେ କୂଳେ
କେବେ ନିଷିଦ୍ଧ ପଥେ
କେବେ ଦୂର ଆକାଶେ
ପ୍ରେମର କିଛି ଠିକଣା ନାହିଁ ...

ଏବେ ମନ ନିଶ୍ଚିନ୍ତ ଯେ
ଆଉ ସେ ଭେଟିବନି
ପ୍ରତିପକ୍ଷର ଛାଇ....

ଏମ୍‌ଆଇଜି (୨) ୬୫.୫, ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର-୧୬
ଫୋନ୍ : ୯୪୩୭୨୭୯୯୪୧

## କୁନାବାପାଙ୍କ କୁନିକଥା ୧୫



**କୁ**ନାକାକା ଏବେ ବୁଲିଯାଇଛନ୍ତି ରାୟପୁର। ତେଣୁ କୁନାକୁ ସ୍କୁଲକୁ ନେବା ଆଣିବା କରିବାର ଗୁରୁଦାୟିତ୍ୱଟି ବର୍ତ୍ତମାନ କୁନା ବାପାଙ୍କର। ଏଇ ଗଲା ଗୁରୁବାର କଥା। କୁନାକୁ ସ୍କୁଲରୁ ଆଣିବା ବେଳେ ଜାଣିଲେ ଯେ କଲୋନୀ ମୁଖ୍ୟରାସ୍ତାକୁ ଲାଗି ହେଉଥିବା ନୂଆ ସରକାରୀ ଘରଟି ହେବ ଡେ କେୟାର ସେଣ୍ଟର। ଆଉ ଖୋଦ ମୁଖ୍ୟମନ୍ତ୍ରୀ, ତାଙ୍କ ସହ ପୁରୁଖା ସାଂସଦ, ବିଧାୟକ ଓ ମେୟରଙ୍କ ଉପସ୍ଥିତିରେ କରିବେ ଉଦ୍‌ଘାଟନ। ବୁଝୁ ବୁଝୁ କ'ଣ ନା, ସ୍ୱାୟତ୍ତ ଶାସନ ଦିବସ ଅବସରରେ ଏ ସବୁର ଆୟୋଜନ। ଆୟୋଜନ କ'ଣ, ଯେ'ତ ମହା ଆୟୋଜନ। ସବୁ ଶୁଣି ନିଜ କାମରେ ଲାଗିଲେ। ସଂଧ୍ୟାରେ ଘରକୁ ଫେରିବା ବେଳେ କଲୋନୀ ଛକ ମନୁଆ ଓମଫେଡରୁ କ୍ଷୀର ଆଣିବା ବେଳେ ଆର ଗଳିର ପଣ୍ଡାବାବୁ ଦେଖାହେଲେ। ତାଙ୍କଠୁ ଉଦ୍‌ଘାଟନୀ ଉତ୍ସବର ସବିଶେଷ ବିବରଣୀ ଶୁଣିଲେ। ପଣ୍ଡାବାବୁ କହିଲେ, ଆହେ ମୁଖ୍ୟମନ୍ତ୍ରୀଙ୍କ ନାଁ, ଉଦ୍‌ଘାଟନ କଲେ ସାଂସଦ। ମୁଖ୍ୟମନ୍ତ୍ରୀ ଆସିବେ କହି ଆସିଲେନି। ଏମିତି ଆହୁରି କେତେକଥା। ସବୁ ଶୁଣି ଘରମୁହାଁ ହେଲେ କୁନାବାପା। ଘରକୁ ପଶୁପଶୁ କୁନାବୋଉଙ୍କୁ ଖବର କାଗଜଟା ମାଗି ଆଉଥରେ ଆଖି ବୁଲେଇଲେ। କୁନାବୋଉ ପଚାରନ୍ତେ କହିଲେ, ଆହେ ସ୍ୱାୟତ୍ତ ଶାସନ ଦିବସ ଅବସରରେ କ'ଣ କ'ଣ ସବୁ କାର୍ଯ୍ୟକ୍ରମ ହେଉଛି, ସେୟା ଦେଖୁଛି। ତିନି ଦିନରେ ପ୍ରାୟ ପଚାଶରୁ ଊର୍ଦ୍ଧ୍ୱ ପ୍ରକଳ୍ପର ଉଦ୍‌ଘାଟନ। ଆଉ ଏଇ ଜନ ମଙ୍ଗଳକାରୀ ପ୍ରକଳ୍ପ ଗୁଡ଼ିକର ଉଦ୍‌ଘାଟନୀ ବ୍ୟସ୍ତତାରେ ବାରମ୍ବାର ପୋଲିସ ସାଇରନ୍ ଆଉ ଟ୍ରାଫିକ୍ ଛକରେ ଗାଡି ଚଳାଚଳ ଠପ୍। ଆଉ ମୋତେତ ଲାଗୁଛି, ସେଇ ଆଉଟଲୁକ୍ ଶ୍ରେଷ୍ଠ ପ୍ରଶାସକ ପୁରସ୍କାର ପାଇଲା ପରେ ମୁଖ୍ୟମନ୍ତ୍ରୀ ଟିକେ ବେଶି ଆକ୍ଟିଭ ହୋଇଯାଇଛନ୍ତି। ଆଚ୍ଛା ହଉ, ଆମକୁ ଆକ୍ଟିଭ ହେବାକୁ ଟିକେ ଚା'ମିଳୁ।

କୁନାବାପା ବାଥରୁମ୍‌ରୁ ଫ୍ରେସ୍ ହୋଇ ଲୁଗା ବଳଦି ବସିଲେ ଆରାମ ଚେୟାରରେ। କୁନାବୋଉ ଚା' ସାଙ୍ଗରେ ବେସନ ଛଣା ସେଉକୁ ପ୍ଲେଟରେ ବାଢ଼ିଦେଲେ। କୁନାବାପା ଗରମ ଚା'ସାଙ୍ଗରେ ଛଣାସେଉ ଦିଟା ପାଟିରେ ପକେଇଲେ। କୁନାବୋଉ ପଚାରିଲେ, ଏଇ ନୂଆ ଯୋଜନାରେ ସବୁ କାମର ସୁଫଳ କ'ଣ ହେବ। କୁନାବାପା ଚା' କପ ଥୋଇ କହିଲେ, ଆହେ ହାଇଟେକ ଶୌଚାଳୟ ହେବ, କିନ୍ତୁ ଭିତରେ ନୁହେଁ ବାହାରେ ମଇଳା ବେଶି ନିଷ୍କାସନ ହେବ। ହଇହୋ ଯେଉଁ ରାଜ୍ୟରେ ଲୋକ ଟଙ୍କାକରେ ଚାଉଳ ଆଉ ପାଞ୍ଚଟଙ୍କାରେ ଭାତ ଡାଲମା ଖାଆନ୍ତି, ସେଠି ରାସ୍ତାକଡରେ ମାଗଣାରେ ପରିଶ୍ରା ନକରି, ଭିତରେ ତିନିଟଙ୍କା କିଏ ଦବ ? ସ୍ମାର୍ଟ ଟଏଲଟର ମଇଳା ସ୍ମାର୍ଟ ଭାବରେ ରାସ୍ତା ଉପରେ ରାଜୁତି ଚଳେଇବେ। ହାଇବ୍ରିଡ ଟଏଲଟର ବାହାରପଟ କାନ୍ଥ ଗୁଡ଼ିକ ପରିଣତ ହେବ ମାଗଣା ପରିଶ୍ରାଗାରରେ। ଡେ କେୟାର ସେଣ୍ଟର ଉଦ୍‌ଘାଟନ ପରେ ତାଲା ଝୁଲୁଛି। କିଛିଦିନ ପରେ ସେଠି ତାସ୍ ଆଉ ରାଜନୀତି ଚର୍ଚ୍ଚାହୋଇ ଗଣ୍ଡଗୋଳ ହେବ ଆଉ ତା'ପରେ ବନ୍ଦ। ବାସହୀନଙ୍କ ପାଇଁ ରାତ୍ରୀ ଆଶ୍ରୟ ସ୍ଥଳୀରେ ହେଉଥିବା ଅସାମାଜିକ ଗତିବିଧି ତ ତୁମେ ଜାଣିଛ। ଏମିତି କେବଳ ଯୋଜନା ଆଉ ବିଜ୍ଞାପନରେ ତ ଚାଲିଛି ସରକାର, ଆଉ ସରକାର ବନ୍ଦ କରିବାକୁ ଚାହୁଁଥିବା ପିସି କାରବାର। ଜଗର ପାର୍କ ତିଆରି ହେବ, ହେଲେ ପାର୍କରେ ଚାଲିବ ପ୍ରେମ ବ୍ୟାପାର ଯେ, ଜଗିଙ୍ଗ୍‌କୁ ଯାଉଥିବା ବୟସ୍କ ବସିପାରିବେନି ପାର୍କରେ। କଥାରେ ଅଛି ପରା, ସରକାରକା ମାଲ୍ ଦରିଆ ମେଁ ଡାଲ। ରାଜ୍ୟକୁ ଜଗନ୍ନାଥ ଭରଷା।

ସର୍ବେ ଭବନ୍ତୁ ସୁଖୀନଃ।

- ଶାରଦା ପ୍ରସାଦ ମହାପାତ୍ର
ଦୂରଭାଷ : ୯୭୭୮୭୬୭୩୭୪

## ଅଭିଶପ୍ତ ନାୟକ

ଦିବ୍ୟଜ୍ୟୋତି ମହାନ୍ତି



**ଜୀ**ବନଟା ଗୋଟେ ସୁଖ ଦୁଃଖର ସମାହାର । ସୁଖ ଆଉ ଦୁଃଖ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି । ଜଣେ ଅନ୍ୟଜଣଙ୍କ ବିନା ମୂଲ୍ୟହୀନ। ବିଧିର ବିଧାନ ଅବା କେ କରିବ ଆନ । ଏ ତ ନିୟତିର ଖେଳ, ନୀତିର ନିୟମ ଏଥିରୁ କେମିତି ଅବା ବାଦ୍ ପଡନ୍ତେ ବିଜୟ।

ସୂର୍ଯ୍ୟଙ୍କ ଆଗମନ ପାଇଁ ଆଉ ଘଡିଏ କି ଦୁଇ ଘଡି ବାକି ଥାଏ । ଚାରିଆଡର ପରିବେଶ ପୁରା ଶାନ୍ତ, ସ୍ନିଗ୍ଧ ଆଉ କୋମଳ । ହେଲେ କେଉଁ ଏକ ଅଖ୍ୟାତ ପଲ୍ଲୀର ବିଖ୍ୟାତ ପରିବାରରେ ଲାଗିଥିଲା ବେଶ୍ କୋଳାହଳ । ଏହି କୋଳାହଳମୟ ପରିବେଶ ଉପରେ ଯବନିକା ପକାଇ ଖୁସିର ବାତାବରଣଟେ ତୋଳିଥିଲା ଏକ ଶିଶୁ ପୁତ୍ରର କନ୍ଦନ ସ୍ୱର। ସୂର୍ଯ୍ୟଙ୍କ ଆଗମନ କ୍ଷଣି ଗାଁଟା ସାରା ହୋଇ ଉଠିଲା ଉତ୍ସବ ମୁଖର। ଚାରିଆଡେ ବଣ୍ଟା ଚାଲିଲା ମିଠା, ପିଠା ଆଉ କେତେ କ'ଣ। ଦୀର୍ଘ ୧୨ ବର୍ଷର ଅନେକ ତପ ଜପ ପରେ କାଞ୍ଚନ ଦେବୀଙ୍କ କୋଳରୁ କୃପାସିନ୍ଧୁ ବାବୁଙ୍କ ପରିବାରରେ ଜନ୍ମ ଗ୍ରହଣ କରିଥିଲା ଶିଶୁ ପୁତ୍ରଟିଏ । ସେଦିନ କୃପାସିନ୍ଧୁ ବାବୁଙ୍କ ମୁହଁରେ ଦେଖାଯାଇଥିଲା ଗୋଟିଏ ଖୁସିର ଝଲକ୍ । କାରଣ ତାଙ୍କୁ କି କାଞ୍ଚନ ଦେବୀଙ୍କୁ ଶୁଣିବାକୁ ଆଉ ପଡିବନି ସାହିପଡିଶାଙ୍କ ଟାହିଟାପରା । ଶୁଣିବାକୁ ପଡିବନି ତାତ୍ସଲ୍ୟଭରା କଟୁ ସମାଲୋଚନା । ହେବନି ଗାଁ ଦାଣ୍ଡରେ କି ଠାକୁର ମଣ୍ଡପରେ ତାଙ୍କର ଆଲୋଚନା କି ପର୍ଯ୍ୟାଲୋଚନା । ସେ ସବୁର ଅନ୍ତଃ ଘଟିଛି ସେଥିରେ ଆଜି ପୂର୍ଣ୍ଣଚ୍ଛେଦ।

ଶିଶୁ ପୁତ୍ରଟିକୁ ସବୁ କ୍ଷେତ୍ରରେ ବିଜୟୀ କରିବା ପାଇଁ କାଞ୍ଚନ ଦେବୀ ଓ କୃପାସିନ୍ଧୁ ବାବୁ ତା'ର ନାଁ ରଖିଲେ ବିଜୟ । ବିଜୟ ବି ଛୋଟବେଳୁ ବାପା ମାଆଙ୍କ ଏହି ନାମକରଣକୁ ସାର୍ଥକ କରିତୋଳିଲା । ସେ ଗାଁର ସବୁ ପିଲାଙ୍କଠୁ ଥିଲା ବେଶ୍ ଚାଲାକ୍, ଚତୁର ଓ ସବୁ କ୍ଷେତ୍ରରେ ପ୍ରବୀଣ ଆଉ ପାରଙ୍ଗମ । ଖେଳ, କୁଦ ଦୌଡଠୁ ଆରମ୍ଭ କରି ଗୀତା ଭାଗବତ ପୁରାଣରେ ତାର ଥିଲା ଅଗାଧ୍ୟ ପାଣ୍ଡିତ୍ୟ । ସେଥିପାଇଁ କୃପାସିନ୍ଧୁ ବାବୁଙ୍କ ଉପରେ ଗାଁର ଅନ୍ୟମାନେ ଈର୍ଷା କରୁଥିଲେ । କୃପାସିନ୍ଧୁ ବାବୁ ବି ପୁଅର ଏ ସବୁ ଗୁଣକୁ ନେଇ ବେଶ୍ ଗର୍ବ ଅନୁଭବ କରନ୍ତି । ଖୁସିରେ ତାଙ୍କ ଛାତିଟା କୁଣ୍ଢେମୋଟ ହୋଇଯାଏ । ସେ କାଞ୍ଚନ ଦେବୀଙ୍କୁ କୁହନ୍ତି, ଦେଖିବ ଦିନେ ଆମ ପୁଅ ଜଣେ 'ମହା ନାୟକ' ହେବ ।

ବିଜୟକୁ ଯେବେ ୧୪ ବର୍ଷ ଏହି ସମୟରେ ରାଜନୀତି କ୍ଷେତ୍ରରେ ଯୋଗ ଦିଅନ୍ତି କୃପାସିନ୍ଧୁ ବାବୁ । ତାଙ୍କର ଲୋକପ୍ରିୟତା, ଅକୁଣ୍ଠ ଜନସମର୍ଥନକୁ ଦେଖି ବିରୋଧୀ ଦଳ ତରଫରୁ ତାଙ୍କ ଉପରେ ଆକ୍ରମଣ ହୁଏ । ସେଥିରେ କୃପାସିନ୍ଧୁ ବାବୁ ନିଜର ଦୁଇ ହାତ ଓ ଦୁଇ ଗୋଡ ହରାଇ ପାଲଟି ଯାଆନ୍ତି ସବୁଦିନ ପାଇଁ ଗୋଟେ ପଙ୍ଗୁ ଅଥର୍ବ ମଣିଷ । ପୁଅର ଭବିଷ୍ୟତ ଓ ସ୍ୱାମୀଙ୍କ ଏପରି ଅବସ୍ଥା ଚିନ୍ତାରେ ଧୀରେ ଧୀରେ କାଞ୍ଚନ ଦେବୀ । ଏହାର ଠିକ୍ ପାଂଚବର୍ଷ ପରେ ବିଜୟକୁ ଶୋକ ସାଗରରେ ଭସାଇ ଦେଇ କାଂଚନ ଦେବୀ ଦୁରାରୋଗ୍ୟରେ ଚାଲିଗଲେ ଆରପାରିକୁ । ବିଜୟକୁ ଲାଗିଲା ସତେ ଯେମିତି ତା ପାଦତଳୁ ମାଟି ଅତଡା ଧସି ଯାଉଛି। ମୁଣ୍ଡ ଉପରେ ଆକାଶଟା ଛିଡି ପଡିଛି।

ମା' ଚାଲିଯିବା ପରେ ପରିବାରର ବୋଝ ଆସିଯାଏ ବିଜୟ କାନ୍ଧ ଉପରେ । ନିଜର ପାଠ ପଢା ସହ ପଙ୍ଗୁ ବାପାଙ୍କର ପ୍ରତ୍ୟେକଟି କଥା ବୁଝିବାକୁ ହିଁ ହୁଏ ବିଜୟକୁ। ସବୁ ଝଡଝଞ୍ଜାକୁ ସାମ୍ନା କରି ବିଜୟ ଜୀବନ ଯମୁନା ଭିତରେ ଆଗକୁ ଅଗ୍ରସର ହେବାକୁ ଲାଗେ । ସେ ଭଲ ମାର୍କ ରଖି ଛାତ୍ରବୃତ୍ତି ପାଇ ଗୋଟିଏ ଭଲ କଲେଜରେ ଯୋଗ ଦିଏ ଉଚ୍ଚଶିକ୍ଷା ପାଇଁ । ତାକୁ ଏହି କଲେଜରେ ମିଳିଗଲା ସବୁ ସୁଖ ଦୁଃଖ ବାଣ୍ଟିପାରୁଥିବା ଭାଇଠୁ ଅତି ଆପଣାର ସାଙ୍ଗ ଅଜୟ । କଲେଜରେ ଦିନପରେ ଦିନ ବିତିଚାଲେ । ସେପଟେ ବାପାଙ୍କ ଦେଖାରେଖା ସହ ପାଠପଢାକୁ ବେଶ୍ ସୂଚାରୁ ରୂପେ ସଂପାଦକ କରୁଥାଏ ବିଜୟ । ଆଉ ଅଜୟ ବି ତାକୁ ସବୁ କ୍ଷେତ୍ରରେ ପ୍ରେରଣା, ଉତ୍ସାହ ଯୋଗାଇବାରେ ହେଳା କରୁନାଥାଏ ।

ସେଦିନ କଲେଜରେ ଭୀଷଣ ଗଣ୍ଡଗୋଳ ହେଉଥାଏ। ଏହି ସମୟରେ ଅଜୟ କୌଣସି ଏକ ଜରୁରୀ କାମରେ କଲେଜ ଯିବାକୁ ବାଧ୍ୟ ହେଲା । ମାତ୍ର କଲେଜ କ୍ୟାମ୍ପସ୍‌ରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ହେଉଥିବା ଆକ୍ରମଣର ଶିକାର ହୋଇ ସେ ମୃତ୍ୟୁବରଣ କଲା । ଯାହା ପୁଣି ଥରେ ବିଜୟର ଦୃଢ ମନୋବଳକୁ ଭାଙ୍ଗିଦେଲା । ସେ ଶପଥ ନେଲା ପୋଲିସ ବିଭାଗରେ ଯୋଗଦେବ ଆଉ ସମାଜରେ ଚାଲିଥିବା ଏଭଳି ଅନ୍ୟାୟ ଅତ୍ୟାଚାର ବିରୋଧରେ ଲଢିବ । କଲେଜ ପଢା ସରିବା ପରେ ସେ ଲାଗିପଡିଲା ପୋଲିସ ବିଭାଗରେ ଯୋଗଦେବା ପାଇଁ ସମସ୍ତ ପ୍ରସ୍ତୁତିରେ । ଯାହା ହେଉ ଭଗବାନଙ୍କ କୃପାରୁ ତାକୁ ପ୍ରଥମ ଥରରେ ହିଁ ମିଳିଗଲା ପୋଲିସ୍ ଚାକିରି । ହେଲେ ଚାକିରିରେ ଯୋଗଦେବାକୁ ହେଲେ ତାକୁ ଦେବାକୁ ହେବ ପାଞ୍ଚଲକ୍ଷ ଟଙ୍କା ଲାଞ୍ଚ ।

ସେ ଗରିବ ମଣିଷଟିଏ ଏତେ ଟଙ୍କା ଅବା ଆଣିବ କାହୁଁ । ସେଥିପାଇଁ ସେ ଚାକିରିରେ ଯୋଗଦେଇପାରିଲାନି । କିନ୍ତୁ ସମାଜର ଅନ୍ୟାୟ, ଅତ୍ୟାଚାର, ବାପାଙ୍କ ପଙ୍ଗୁ ଅର୍ଥବ ହେବା, ମା' ଓ ସାଙ୍ଗର ମୃତ୍ୟୁ ତାକୁ ବାଧ୍ୟ କରିଥିଲା ମାଓ ସଙ୍ଗଠନରେ ଯୋଗଦେବା ପାଇଁ । ଆଇନ କାନୁନ୍‌ରେ ନହେଲା ନାହିଁ ବନ୍ଧୁକ ମୁନରେ ସମାଜରେ ପରିବର୍ତ୍ତନ ଆଣିବର ଆଶା ତାକୁ ଟାଣି ନେଇଥିଲା ଘୃଣା କରୁଥିବା ମାଓ କ୍ୟାମ୍ପ ପର୍ଯ୍ୟନ୍ତ । ତାର ମାଓବାଦୀରେ ଯୋଗ ଦେବାର ଆଜକୁ ଦୁଇ ବର୍ଷ ହେଲାଣି । ବାପାଙ୍କୁ ନିଜେ ତୋଳିଥିବା ବୃଦ୍ଧା ଆଶ୍ରମରେ ଛାଡିଆସିଛି । ବର୍ତ୍ତମାନ ତା ନାଁ ଶୁଣିଲେ ବଙ୍ଗ, ବିହାର, ଓଡିଶା ଓ ଛତିଶଗଡ ଭଳି ରାଜ୍ୟର ପୋଲିସ ମାନଙ୍କ ଭିତରେ ଛନକା ପଶେ । ମାତ୍ର ସେ କେବେ କେବେ ଏକୁଟିଆ ବସି ଭାବେ ପ୍ରକୃତରେ ସେ ଜୀବନରେ କ'ଣ ହୋଇଛି ! ବୋଉଙ୍କୁ ବାପାଙ୍କର କହିବାନୁଯାୟୀ ମହା ନାୟକ ନା ବଙ୍ଗ, ବିହାର, ଓଡିଶା ଓ ଛତିଶଗଡ ପୋଲିସ ହେଉ ଅବା ଜନତାଙ୍କ ଭାଷାରେ ଅଭିଶପ୍ତ ନାୟକ ।

ଫୋନ୍ : ୭୩୭୭୮୧୦୨୫୪

## ଶବ୍ଦ ସମ୍ଭାର

**ଓ ପକ୍ଷାନ୍ତର**

**ଡ. ମୌସୁମୀ ପରିଡା**

**ପ୍ରକାଶକ : ଡା. ସାରଦା ପ୍ରସନ୍ନ ସ୍ୱାଇଁ**

**ମେଡିକାଲ କ୍ୟାମ୍ପସ,ଜଗତସିଂହପୁର**

**ମୂଲ୍ୟ : ୧୫୦ ଟଙ୍କା**

**ପ୍ରକାଶନ କାଳ -୨୦୧୬**

ଗୋଟିଏ ନିରୁତା ସ୍ୱପ୍ନ ପରି ଡକ୍ଟର ମୌସୁମୀ ପରିଡାଙ୍କ ଉପନ୍ୟାସ 'ଓ ପକ୍ଷାନ୍ତର' ନିଛକ ଗାଉଁଲି ଚରିତ୍ରମାନଙ୍କୁ ନେଇ ଗତିଶୀଳ। ତାଆରି ଭିତରେ ପରୀ ରାଇଜ, ରଜାପୁଅ, ଜମିଦାର, ଆଭିଜାତ୍ୟ, ଭଲପାଇବା, ସ୍ନେହ ପ୍ରେମକୁ ନେଇ ଗୋଟେ ନିଆରା ଦୁନିଆର ଛବି ଲୁଚି ରହିଛି। ଶାନ୍ତ, ସରଳ, ନିରୀହା ଝିଅର ପ୍ରେମ ସମ୍ପର୍କ ଭିତରେ ଅନାଦି ଓ ସାନବାବୁ। ବସ୍ତିରେ ରହି ପରଘରେ ପାଇଟି କରୁଥିବା ଗୋଟେ ଜେଜେମାର ଛାତି ତଳେ ନାତୁଣୀ ପାଇଁ ଥିବା ସ୍ୱପ୍ନ, ସମ୍ଭାବନା ଓ ଆଶାର କିରଣ ଭିତରେ ବାତ୍ସଲ୍ୟ ମମତାର ଶ୍ୱେତ ତରଙ୍ଗ କାହାଣୀକୁ ଆଗକୁ ନେଇଚାଲେ। ଗତାନୁଗତିକ ଭାବେ ଚାଲିଥିବା ସଂସାର ଯାତ ମଧ୍ୟରେ ଲୀନା ପରି ବସ୍ତି ସୁନ୍ଦରୀମାନଙ୍କ ଭାବନାର ଅନ୍ତ ହେଉ ନଥାଏ। ସାମାନ୍ୟ ହସ ଓ ଆଖିଠାରର ଇସାରା ଇସାରା ଦେଇ ସ୍ୱଚ୍ଛ ମନ୍ଦାକିନୀ ଧାଇଁ ଗଲାଭଳି 'ଓ ପକ୍ଷାନ୍ତର' ଆଗକୁ ଆଗକୁ ଗତି କରେ ନାନା ରକମ ପଥ ଅତିକ୍ରମ କରି। ଜୀବନ, ଜୀବିକା ଓ ଜୀଜ୍ଞାସାର ଅସୁମାରୀ ଢେଉ ପରି ମାଲିକାଣୀ, ମାଲିକ ଓ ତାଙ୍କର ରାଜପୁତ୍ର ପରି ପୁଅର ଭାଗ୍ୟ ସହ ନିଜକୁ କିଭଳି ସାମିଲ କରିନେଇଛି ଉପନ୍ୟାସର ନାୟିକା ତାହା ବେଶ୍ ଚମତ୍କାର ଢଙ୍ଗରେ ଲେଖି ପାରିଛନ୍ତି ଔପନ୍ୟାସିକା ଡକ୍ଟର ପରିଡା।





କାହ୍ନୁଚରଣ ବା ଫକୀର ମୋହନଙ୍କ ଅବିକଳ ଭାଷା ନ ହେଲେ ବି ଏହି ଉପନ୍ୟାସଟିରେ ତତ୍କାଳୀନ ଗ୍ରାମ୍ୟ ଜୀବନ, ନୂଆକରି ଗଢ଼ି ଉଠୁଥିବା ସହରୀ ସଭ୍ୟତାର ଝଲକ ସ୍ପଷ୍ଟ ବାରି ହୋଇପଡେ। ଗୋଟେ ପୋଖତ ହାତର କରାମତି ସଦୃଶ 'ଓ ପକ୍ଷାନ୍ତର' ସବୁ ବର୍ଗର ପାଠକ ପାଠିକାଙ୍କୁ ବିମୋହିତ କରିବାର ସାମର୍ଥ୍ୟ ରଖେ। ଭାଗ୍ୟ ଓ ଭବିଷ୍ୟତକୁ ନେଇ ସନ୍ଦିହାନ ଗୋଟେ ଜେଜେମାର ନାତୁଣୀ ପ୍ରତି ଥିବା ସ୍ନେହ, ପ୍ରେମ ଓ ହୃଦୟ ଖୋଲା ଭଲ ପାଇବାର ସତ୍ୟତାକୁ ନେଇ ଯେତେବେଳେ ସମୟର ନୂଆ ଠିକଣା ଖୋଜାଯାଏ, ସେଥିରେ ଆପଣା ବସ୍ତିର ଯୁବକ ଜଣେ ବି ମୁହଁ ଦେଖାଏ। ନିଜ ଦୁଃଖରେ ଭାଙ୍ଗି ପଡୁଥିବା ଅନାଦି ମନରେ ବଞ୍ଚିବାର ଆଶା ଭରିଦେବାକୁ କେହିଜଣେ ଧାଇଁ ଆସେ। ହେଲେ ସାନବାବୁଙ୍କ ପାଇଁ ମୋହଗ୍ରସ୍ତା ଲୀନାର ଜୀବନରେ ଏଭଳି ଅନେକ ଝଡ ଉଠିଛି। କେତେବେଳେ ସେ ନିଜେ ବହୁ ଘଟଣା ଓ ଦୁର୍ଘଟଣା ପାଇଁ ଦାୟୀ ତ ଆଉ କେତେବେଳେ କାହାଣୀର ନାୟକ ସବୁଦୋଷ ସହିନେଉଛି ନିର୍ବିଘ୍ନରେ। ସଂସାର ଭିତରେ ଘଟୁଥିବା ନାନାଦି ଜୀବନ ଯନ୍ତ୍ରଣାର ସତସତିକା ଛବିଟିଏ ପରି ଲାଗେ 'ଓ ପକ୍ଷାନ୍ତର'। ଢେର ପାଠକୀୟ ଆଦୃତି ଆଶା ରଖେ ପ୍ରାଞ୍ଜଳ ଓ ପରିପୂର୍ଣ୍ଣତାର ଏହି ଉପନ୍ୟାସ ବହି।

### ଚିନ୍ତାରେ ପକାଇଛି ପୂଜା ଚାନ୍ଦା

## ନଦେଲେ ମିଳୁଛି ଧମକ

**ପାରାଦୀପ :** ବିଶ୍ୱକର୍ମା ପୂଜା ପାଇଁ ବନ୍ଦର ନଗରୀ ପାରାଦୀପ ପ୍ରସିଦ୍ଧ ଏବଂ ଏହାର ଅଳ୍ପଦିନ ପୂର୍ବରୁ ପାଳିତ ହୋଇଯାଇଛି ଗଣେଷପୂଜା । ପୂର୍ବରୁ ଏହି ସବୁ ପୂଜା ଓ ମେଢର ସଂଖ୍ୟା ସୀମିତ ଓ ନିୟନ୍ତ୍ରଣାଧିନ ଥିଲା, କିନ୍ତୁ ଏବେ ଏହା ବ୍ୟାପକ ହୋଇଛି । ଏବେ ଗଣେଷ ପୂଜାର ସଂଖ୍ୟା ୧୫ରୁ ୯୨ ଟି ହୋଇଥିବା ବେଳେ ଆଗକୁ ବିଶ୍ୱକର୍ମା ପୂଜାରେ ମେଢ ସଂଖ୍ୟା ବଢିବାର ସମ୍ଭାବନା ଅଛି । ଏଠାରେ ସୂଚନାଯୋଗ୍ୟ ଯେ ଗଣେଷ ପୂଜା ବିଭିନ୍ନ କ୍ଲବ ଓ ଯୁବସଙ୍ଗଠନ ଦ୍ୱାରା ପାଳନ କରାଯାଉଥିବା ବେଳେ, ବିଶ୍ୱକର୍ମା ପୂଜା ବିଭିନ୍ନ ସଂଘ, ଶ୍ରମିକ ସଙ୍ଗଠନ, ବନ୍ଦରର ବିଦ୍ୟୁତ୍ ବିଭାଗ, ମେରାଇନ୍ ବିଭାଗ, ପି.ଏଚ୍.ଡି ବିଭାଗ ଇତ୍ୟାଦି ମହାଆଡମ୍ବର ସହକାରେ ପାଳନ କରିଥାନ୍ତି । କିନ୍ତୁ ବର୍ତ୍ତମାନ ଦୀର୍ଘଦିନ ଧରି ପାରାଦୀପରେ ଆର୍ଥିକ ମାନ୍ଦାବସ୍ଥା ଯୋଗୁଁ ବ୍ୟବସାୟିକ ସଂସ୍ଥାମାନେ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି । ଏପରି ସମୟରେ ବୋଝ ଉପରେ ଲଳିତା ବିଡା ସଦୃଶ ପୂଜା ଆୟୋଜନକାରୀ ମାନେ ଜବରଦସ୍ତ ଚାନ୍ଦାର ପରିମାଣକୁ ଆଶାତୀତ ଭାବେ ବୃଦ୍ଧି କରାଇଛନ୍ତି । ଏପଟେ ଗଣେଷପୂଜା ଚାନ୍ଦା ନଦେଲେ ଧମକ, ସେପଟେ ବିଶ୍ୱକର୍ମା ପୂଜାଚାନ୍ଦା ନଦେଲେ ବନ୍ଦରର ଜଳ, ବିଦ୍ୟୁତ୍ ଓ ଅନ୍ୟାନ୍ୟ ବିଭାଗର ଜୁଲମ ବଢିଥାଏ । ତେବେ ବର୍ତ୍ତମାନ ପରିସ୍ଥିତରେ ଚାନ୍ଦା ଦେବାରେ ଅସମର୍ଥ ହେଉଥିବା ବହୁ ଚାନ୍ଦାଦାତା ଚାନ୍ଦା ନଦେବା ଉଦେଶ୍ୟରେ ନିଜକୁ ଆତ୍ମଗୋପନ କରି ରଖିବାକୁ ଶ୍ରେୟସ୍କର ମଣୁଛନ୍ତି । ତେବେ ନିକଟ ଅତିତରେ ବ୍ୟବସାୟୀ ଜନିତ ଆକ୍ରମଣ ଓ ହତ୍ୟାକାଣ୍ଡ, ବିଭିନ୍ନ ଶ୍ରମିକ ସଂଘ ମଧ୍ୟରେ ବିବାଦ ଯୋଗୁଁ ଏବେବି ପାରାଦୀପରେ ଚାପା ଉତ୍ତେଜନା ଲାଗି ରହିଛି । ସେ ଦୃଷ୍ଟିରୁ ପାରଦୀପରେ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ଓ ଭବିଷ୍ୟତରେ ଅପରାଧମୂଳକ କାର୍ଯ୍ୟକଳାପରେ ଅଙ୍କୁଶ ଲଗାଇବା ପାଇଁ ପ୍ରଥମଥର ପାରାଦୀପ ପୋଲିସ ଦୃଢ ପଦକ୍ଷେପ ନେଇଛି । ଏବର୍ଷ ଗଣେଷ ପୂଜାରେ ମେଲୋଡି ଓ ଭଷାଣି କାର୍ଯ୍ୟକ୍ରମକୁ ଅନୁ ମତି ନଦେଇ ଏହି କାର୍ଯ୍ୟକ୍ରମକୁ ପାରାଦୀପ ପୋଲିସ ବନ୍ଦ କରିଦେଇଛି ଏବଂ ଜବରଦସ୍ତ ଚାନ୍ଦା ଆଦାୟ ଅଭିଯୋଗ ହେଲେ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଶୁଭ୍ରାଂଶୁ ଶେଖର ନାୟକ ପ୍ରକାଶ କରିଛନ୍ତି । ତେବେ ପାରାଦୀପ ଆଇନଶୃଙ୍ଖଳା ରକ୍ଷା ନିମିତ୍ତ ପୋଲିସର ଏପରି ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ୍ର ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି । ଏଥିପାଇଁ ଚାନ୍ଦାଦାତାମାନେ ଆଶିଂକ ଚାନ୍ଦା ଦେବାରୁ ତ୍ରାହି ପାଇଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି ।

### ଶିକ୍ଷକଙ୍କ ନିର୍ଯାତନା ଅଭିଯୋଗ

## ଜିଲ୍ଲାପାଳଙ୍କୁ ଭେଟିବାକୁ ୧୫ କିମି ଚାଲିଲେ ଛାତ୍ରୀ

**ବାରିପଦା :** ମୟୂରଭଞ୍ଜ ଜିଲ୍ଲା ଚିତ୍ରଡା ବ୍ଲକ ଅନ୍ତର୍ଗତ ପାଟପୁର ସରକାର ଉଚ୍ଚ ବିଦ୍ୟାଳୟରେ ଘଟିଛି ଏକ ଅଘଟଣ । ଶିକ୍ଷକଙ୍କ ଅଶାଳୀନ ବ୍ୟବହାର ଓ ନିର୍ଯାତନା ବିରୋଧରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ସ୍କୁଲ ଛାତ୍ରୀମାନେ ୧୫ କିମି ଚାଲିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ଜିଲ୍ଲାପାଳ ଏହି ଅଭିଯୋଗ ପାଇବା ପରେ ସ୍କୁଲର ଦୁଇ ଜଣ ଶିକ୍ଷକଙ୍କୁ ସସ୍‌ପେଣ୍ଡ କରିଛନ୍ତି । ହଷ୍ଟେଲରେ ରହୁଥିବା ୮ମ ଓ ୯ମ ଶ୍ରେଣୀର ୧୩୦ରୁ ଅଧିକ ଛାତ୍ରୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଓ ଗଣିତ ଶିକ୍ଷକଙ୍କ ବିରୋଧରେ ଜିଲ୍ଲାପାଳ ସୁରେନ୍ଦ୍ର କୁମାର ମୀନାଙ୍କୁ ଅଭିଯୋଗ କରିବା ପାଇଁ ଚାଲି ଚାଲି ଯାଇଥିଲେ । ଛାତ୍ରୀମାନେ ନିଚୁଆପଦା ଠାରେ ପହଞ୍ଚିବା ପରେ ସ୍ଥାନୀୟ ଲୋକେ ଏବଂ କିଛି ଅଭିଭାବକ ସେମାନଙ୍କୁ ଅଟକାଇବା ସହ ଚାଲିଚାଲି ଯିବାର କାରଣ ପଚାରି ବୁଝିଥିଲେ । ମାତ୍ର ଛାତ୍ରୀମାନେ ସେମାନଙ୍କ ସମସ୍ୟା କେବଳ ଜିଲ୍ଲାପାଳଙ୍କୁ କହିବେ ବୋଲି କହିଥିଲେ । ଏପରିକି ୨୮ଜଣ ଛାତ୍ରୀ ହଷ୍ଟେଲ ପାଚେରୀ ଡେଇଁ ବସ୍ ଯୋଗେ ବାରିପଦାସ୍ଥିତ ଜିଲ୍ଲାପାଳଙ୍କ ଆବାସିକ ଅଫିସକୁ ଯାଇଥିଲେ । ଏସଂପର୍କରେ କିଛି ଅଭିଭାବକ ଓ ସ୍ଥାନୀୟ ଲୋକେ ତୁରନ୍ତ ଜିଲ୍ଲାପ୍ରଶାସନକୁ ଖବର ଦେଇଥିଲେ । ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା ସ୍ଥାନୀୟ ନିଚୁଆପଦା ମାଧ୍ୟମିକ ବିଦ୍ୟାଳୟ ପରିସରରେ ସେମାନଙ୍କୁ ଅଟକାଇ ବୁଝାସୁଝା କରିବା ପାଇଁ ଉଦ୍ୟମ କରିଥିଲେ । ସେଠାରେ ବାଙ୍ଗିରିପୋଷୀ ବିଧାୟକ ସୁଦାମ ମାର୍ଣ୍ଡି ଓ ସାରସକଣା ବିଧାୟକ ଭାଦବା ହାସଁଦା ପହଞ୍ଚି ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ । କିନ୍ତୁ ଜିଲ୍ଲାପାଳ ନଆସିଲେ କୌଣସି ଆଲୋଚନା ହେବ ନାହିଁ ବୋଲି ସେମାନେ



କହିଥିଲେ । ପରେ ଜିଲ୍ଲାପାଳ ଛାତ୍ରୀମାନଙ୍କୁ ଭେଟି ସେମାନଙ୍କ ସମସ୍ୟା କଥା ପଚାରି ବୁଝିଥିଲେ । ଛାତ୍ରମୀନେ ସେମାନଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିବା ସହ ଗଣିତ ଶିକ୍ଷକ ସୁଶାନ୍ତ କୁମାର ଦାସ ୨ମାସ ଧରି ସେମାନଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହ ନିର୍ଯାତନା ଦେଉଥିବା କଥା କହିଥିଲେ । ଛାତ୍ରୀମାନେ ଏନେଇ ଅନ୍ୟ ଶିକ୍ଷକମାନଙ୍କୁ ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଏହାଛଡ଼ା ପ୍ରଧାନଶିକ୍ଷକ ରାଜୀବ କୁମାର ମହାନ୍ତ ପାଠ ପଢ଼ାଇବା ସମୟରେ ମାଡ଼ ମାରନ୍ତି ବୋଲି ଛାତ୍ରୀମାନେ ଅଭିଯୋଗ କରିଥିଲେ । ଏପରିକି ସେମାନଙ୍କ ଅଭିଭାବକମାନେ ଦେଖାକରିବା ପାଇଁ ଆସିଲେ ସେମାନଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ କରିଥିଲେ । ଏହି ଘଟଣାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ମହାନ୍ତ ଏବଂ ଗଣିତ ଶିକ୍ଷକ ଶ୍ରୀ ଦାସଙ୍କୁ ତୁରନ୍ତ ସସ୍‌ପେଣ୍ଡ କରିଛନ୍ତି ଜିଲ୍ଲାପାଳ । ୧୫ଦିନ ମଧ୍ୟରେ ଛାତ୍ରୀମାନେ କରିଥିବା ଅଭିଯୋଗର ତଦନ୍ତ କରାଯିବ ଏବଂ ଏଥିରେ ଶିକ୍ଷକମାନେ ଦୋଷୀ ସାବ୍ୟସ୍ତ ହେଲେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ । ଅପରପକ୍ଷେ ଦୁଇଜଣ ଶିକ୍ଷକଙ୍କ କହିବା ଅନୁଯାୟୀ ଏ ସମସ୍ତ କାର୍ଯ୍ୟ ସ୍ଥାନୀୟ ଲୋକଙ୍କର କୁଚକ୍ରାନ୍ତର ପରିଣାମ । ସେ ଛାତ୍ରୀମାନଙ୍କୁ ଗଣେଶ ପୂଜା ବିସର୍ଜନାରେ ନାଚିବା ପାଇଁ ବାରଣ କରି ଗାଳି ଦେଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କହିଛନ୍ତି ।

### ଡାବୁଗାଁ ବ୍ଲକରେ ଖାଲି ପଡିଛି ବିଭିନ୍ନ ପ୍ରଶାସନିକ ଅଧିକାରୀ ପଦବୀ

## ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

**ଡାବୁଗାଁ :** ଡାବୁଗାଁ ବ୍ଲକ ସଦର ମହକୁମାରେ ଭିନ୍ନ ଭିନ୍ନ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀ ପଦବୀ ଖାଲି ପଡିଥିବା ନେଇ କର୍ମଚାରୀ ତଥା ଜନସାଧାରଣରେ ସମସ୍ତ କାର୍ଯ୍ୟାଳୟର କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳୁଛି । ଫଳରେ ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଛି । ଗତ ଡିସେମ୍ବର ୨୦୧୬ରେ ଡାବୁଗାଁ ତହସିଲଦାର ରୁନୁ ଲାକ୍ରାଙ୍କୁ ରାଇଘର ବ୍ଲକକୁ ବିଡିଓ ଭାବେ ବଦଳି ହୋଇଥିଲେ । ତେବେ ତାଙ୍କରି ସ୍ଥାନ ବର୍ତ୍ତମାନ ସୁଦ୍ଧା ପୂରଣ ହୋଇ ନଥିବା ବେଳେ ଅତିରିକ୍ତ ତହସିଲଦାର ଅବଶ୍ୟ କିଛି କାର୍ଯ୍ୟ ତୁଲାଉଛନ୍ତି । ଏଣୁ ରାଜସ୍ୱ ବିଭାଗର ଅନେକ କାର୍ଯ୍ୟରେ ବାଧା ଉପୁଜୁଛି । ସେହିପରି ଛାତ୍ରଛାତ୍ରୀମାନଙ୍କୁ ଜାତି ପ୍ରମାଣପତ୍ର ଓ ହିତାଧିକାରୀଙ୍କୁ ଜମିପଟ୍ଟା ମିଳିବାରେ ସମସ୍ୟା ଦେଖାଦେଇଛି । ଅବଶ୍ୟ କିଛି କାର୍ଯ୍ୟ ଅତିରିକ୍ତ ତହସିଲଦାର ତୁଲାଉଛନ୍ତି । ଅନ୍ୟପଟେ ଗତ ଜୁଲାଇ ମାସରୁ ଡାବୁଗାଁର ବିଡିଓ ପଦବୀ ଖାଲିପଡିଛି । ପୂର୍ବତନ ବିଡିଓ ଲଳିତ ସରେଙ୍ଗଙ୍କୁ ଝାରସୁଗୁଡାକୁ ବଦଳି ହୋଇଥିବା ବେଳେ ତାଙ୍କରି ସ୍ଥାନରେ ଝାରସୁଗୁଡାର ବିଡିଓ ଶରତ କୁମାର ବାଗ ଗତ ଅଗଷ୍ଟ ୯ ତାରିଖରେ ଡାବୁଗାଁ ବ୍ଲକରେ ଯୋଗ ଦେବାକୁ ଆସିଥିଲେ । ତେବେ ମାତ୍ର ୨ଦିନ ପରେ କାର୍ଯ୍ୟଭାର ଗ୍ରହଣ କରିବା ପୂର୍ବରୁ ତାଙ୍କର ଅନ୍ୟତ୍ର ବଦଳି ହୋଇଯାଇଛି । ବରଗଡ଼ରୁ ଜ୍ୟୋତି ଶଙ୍କର ମହାପାତ୍ର ଡାବୁଗାଁ ବ୍ଲକର ନୂତନ ବିଡିଓ ଭାବେ ଯୋଗ ଦେବେ ବୋଲି ସରକାରୀ ସୂତ୍ରରୁ ସୂଚନା ମିଳିଛି । ସେହିପରି ଉମରକୋଟ ଅଞ୍ଚଳର ସରକାରୀ ଜମିରେ ଜଣେ ଚାଷୀଙ୍କ ମକା କ୍ଷେତ୍ରରେ ଗତ ଅଗଷ୍ଟ ୨୪ ତାରିଖରେ ସରକାରୀ ଗାଡି ଚଳାଇବା ଯୋଗୁଁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଡାବୁଗାଁ ଥାନାର ପୂର୍ବତନ ଥାନା ଅଧିକାରୀ ସୁବାଷ ଚନ୍ଦ୍ର ରାୟ ଗୁରୁଙ୍କୁ ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ରାଳୟରେ ଅବସ୍ଥାପିତ କରାଯାଇଛି । ସେହିଦିନ ଠାରୁ ଡାବୁଗାଁ ଥାନା ଅଧିକାରୀ ପଦବୀ ଖାଲି ରହିଛି । ସେହିପରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜିପର୍ଯ୍ୟନ୍ତ ସ୍ଥାୟୀ ଦରମା ଉଠାଣ ଅଧିକାରୀ ରହିନଥିବା ଯୋଗୁଁ କର୍ମଚାରୀମାନେ ଦରମା ଠିକ୍ ମାସରେ ପାଇପାରୁ ନାହାନ୍ତି । ଅନ୍ୟପଟରେ ଉକ୍ତ ବ୍ଲକର ସିଡିପିଓ ଛୁଟିରେ ରହିଥିବାରୁ ଝରିଗାଁ ସିଡିପିଓ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି । ବ୍ଲକରେ ଖାଲି ପଡିଥିବା ସମସ୍ତ ଉଚ୍ଚ ପଦସ୍ଥ ପଦବୀ ମତ୍ସ୍ୟ ବିଭାଗ ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀ ଓ ବନାଞ୍ଚଳ ଅଧିକାରୀ (ବନ ବିଭାଗ) ପଦବୀ ଦୁଇଦୁଇଟି କାର୍ଯ୍ୟାଳୟର ଭାର ସମ୍ଭାଳୁଛନ୍ତି । ଏଣୁ ବ୍ଲକରେ ଖାଲିପଡିଥିବା ସମସ୍ତ ଉଚ୍ଚ ପଦସ୍ଥ ପଦବୀ ପୂରଣ କରିବା ସହ ଦୁଇଦୁଇଟି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ସ୍ଥାୟୀ କାର୍ଯ୍ୟଭାର ପ୍ରଦାନ ନିମନ୍ତେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ କର୍ମଚାରୀମାନଙ୍କ ସହ ଏ ଅଞ୍ଚଳବାସୀ ଦୃଢ଼ଦାବି କରିଛନ୍ତି ।

## ଶୁଦ୍ରମୁନିଙ୍କ ଜନ୍ମ ପୀଠରୁ ରଜମାଟି ସଂଗ୍ରହ



**ତିର୍ତ୍ତୋଲ :** ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାର ତରଫରୁ ଜଗତସିଂହପୁର ଜିଲ୍ଲା ଗାୟତ୍ରୀ ପରିବାର ଓ ଯୁବା ପ୍ରକୋଷ୍ଠ ଆନୁକୁଲ୍ୟରେ ଶୁଦ୍ରମୁନି ସାରଳା ଦାସଙ୍କ ଜନ୍ମ ମାଟି ଏହି ବ୍ଲକ ଅନ୍ତର୍ଗତ ଝଙ୍କଡ ଶାରଳାପୀଠ କାଳିନାଗ ନିକଟରୁ ରଜମାଟି ସଂଗ୍ରହ କରାଯାଇଛି । ପ୍ରସିଦ୍ଧ ସନ୍ଥ, ସମାଜ ସଂସ୍କାରକ, ସହିଦ, କବି, ବାଗ୍ମୀ, ଲେଖକ ଓ ମହାପୁରୁଷଙ୍କୁ ବିଶ୍ୱସ୍ତରରେ ପରିଚିତ କରାଇବା ଉଦେଶ୍ୱରେ ଏହି ଅନୁଷ୍ଠାନ ତରଫରୁ ଚାରୋଟି ରଥ ଭାରତବର୍ଷରେ ଭ୍ରମଣ କରିବେ । ୨ଟିରଥ ନଭେମ୍ବର ୫ରୁ ଡିସେମ୍ବର ୨୫ପର୍ଯ୍ୟନ୍ତ ସମଗ୍ର ଓଡିଶାରେ ପରିଭ୍ରମଣ କରିବେ । ଏହି ଉପଲକ୍ଷେ ପ୍ରାତଃରେ ମା ଶାରଳାଙ୍କ ପୂଜାର୍ଚ୍ଚନା କରାଯାଇ ପୂର୍ବାହ୍ନରେ ଗାୟତ୍ରୀ ଯଜ୍ଞ ଓ ଆହୁତି ପ୍ରଦାନ କରାଯାଇଥିଲା । ଶାରଳା ସଂସ୍କୃତି ମହିମା ପ୍ରଚାରକ ରମାକାନ୍ତ ରାଉଳଙ୍କ କରକମଳରେ ରଜମାଟି ସଂଗ୍ରହ କରାଯାଇଥିଲା । ଗାୟତ୍ରୀ ପରିବାର ଦ୍ୱାରା ଏହି କାର୍ଯ୍ୟ ସମ୍ପାଦନା ହୋଇଥିଲା । ଜିଲ୍ଲା ସଂଯୋଜକ ସୂର୍ଯ୍ୟନାରାୟଣ ତ୍ରିପାଠୀ, ଯୁବାପ୍ରକୋଷ୍ଠର ମୁଖ୍ୟ ପବିତ୍ର କୁମାର ସ୍ୱାଇଁ, ରଶ୍ମି ରଞ୍ଜନ ପାଣି, ରଶ୍ମି ରଞ୍ଜନ ସାହୁ, ରମାକାନ୍ତ ଦଳାଇ, ବିଜୟ ସାହୁ, ବିଷ୍ଣୁ ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରିଥିଲେ ।

## ଷ୍ଟ୍ରିଟ୍ ରୋମିଓଙ୍କୁ ସାବାଡ଼ କଲେ ଆଇଆଇସି

**ପାରାଦୀପ :** ପାରାଦୀପ ଅଞ୍ଚଳରେ ପାରାଦୀପ ପୋଲିସ କିଛି ହାଇପ୍ରୋଫାଇଲ କେସ୍‌ରେ ବ୍ୟସ୍ତ ରହିଥିବାବେଳେ, ସହରରେ ଷ୍ଟିଟ୍‌ରୋମିଓ ବା ରଙ୍ଗିଲା ଟୋକାଙ୍କର ପ୍ରାଦୁର୍ଭାବ ବହୁମାତ୍ରାରେ ବଢିଯାଇଥିଲା ଏବଂ ଏହା ସହରାଞ୍ଚଳରେ ଥିବା ସ୍କୁଲ ଓ କଲେଜ ରାସ୍ତାରେ ବହୁମାତ୍ରାରେ ଦେଖିବାକୁ ମିଳୁଥିଲା । ଅବିଭାବକ ମାନେ ନିଜ ପିଲାଙ୍କୁ ଏଠାରେ ଯିବା ଆସିବାକୁ ସୁରକ୍ଷିତ ମଣୁନଥିଲେ । ପ୍ରାୟ ଅବିଭାବକମାନେ ବାଧହୋଇ ନିଜ ପିଲାଙ୍କୁ ସ୍କୁଲକୁ ନେବା ଆଣିବା କରିଥାନ୍ତି । ଗଣେଷପୂଜା ପରିପ୍ରେକ୍ଷିରେ ଏହି ରାସ୍ତାରେ ଛାତ୍ର ଛାତ୍ରୀମାନେ ନିଜ ନିଜ ଶିକ୍ଷାନୁଷ୍ଠାନରେ ପୂଜା ନିମନ୍ତେ ଆସିଥିଲେ ଏବଂ ରାସ୍ତାରେ ବହୁ ଗହଳି ଲାଗିରହିଥିଲା । କିନ୍ତୁ କିଛି ଅସାମାଜିକ ଷ୍ଟିଟରୋମିଓ ବା ରଙ୍ଗିଲା ଟୋକା ଦୃତବେଗରେ ଗାଡିଚଳାଇ ଝିଅ ମାନଙ୍କୁ କମେଣ୍ଟ ମାରି ନିଜ ପ୍ରତି ଦୃଷ୍ଟି ଆକର୍ଷଣ କରାଇବା ପାଇଁ ଚେଷ୍ଟା କରୁଥିଲେ । କିନ୍ତୁ ପୂର୍ବରୁ ସୂଚନା ପାଇ ପାରାଦୀପ ଥାନା ଭାରପ୍ରାପ୍ତ ଅଧିକାରୀ ଶୁଭ୍ରାଶୁଂ ଶେଖର ନାୟକ ଓ ଥାନା କର୍ମଚାରୀମାନେ ରାସ୍ତାରେ ଏହି ରୋମିଓ ଓ ସେମାନଙ୍କର ସୌଖିନ ମୋଟରାସଇକେଲକୁ ଅଟକାଇ କରି ପିଟିଥିଲେ । ଏହି କାର୍ଯ୍ୟ ଦୀର୍ଘ ୩ ଘଣ୍ଟା ଧରି ଚାଲିଥିଲା ଓ ରୋଡ ରୋମିଓମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇ ସେମାନଙ୍କର ଅବସ୍ଥା ସଙ୍ଗୀନ ହୋଇପଡିଥିଲା । ଏଥିମଧ୍ୟରେ ଛାତ୍ର ଛାତ୍ରୀ ମାନଙ୍କର ପୂଜା ଶେଷ ହୋଇଯାଇଥିବାରୁ ସମସ୍ତ ଛାତ୍ର ଛାତ୍ରୀ ସୁରକ୍ଷିତ ଅବସ୍ଥାରେ ଘରକୁ ଫେରିଥିଲେ । ତେବେ ଥାନାଧିକାରୀ ଶ୍ରୀ ନାୟକଙ୍କର ଏପରି କାର୍ଯ୍ୟାନୁଷ୍ଠାନ ଓ ଉଦ୍ୟମକୁ ସ୍ଥାନୀୟ ଅବିଭାବକ, ଶିକ୍ଷକ, ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ତରଫରୁ ବେଶ ପ୍ରଶଂସା କରାଯାଇଛି । ଆଗକୁ ଏଭଳି କାର୍ଯ୍ୟାନୁଷ୍ଠାନକୁ ନିୟମିତ ଜାରି ରଖିବା ପାଇଁ ସାଧାରଣରେ ଅନୁରୋଧ କରାଯାଇଛି ।

### ବିମାନବନ୍ଦରରେ ଯୁବତୀଙ୍କୁ ଆକ୍ରମଣ ଘଟଣା

## ପୀଡ଼ିତାଙ୍କ ବୟାନ ରେକର୍ଡ

**ଭୁବନେଶ୍ୱର :** ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ସାଗରିକା ଦାଶ ନାମକ ଜଣେ ଯୁବତୀଙ୍କୁ ମାଡ଼ ହୋଇଥିଲା । ଗତ ୧୬ ତାରିଖରେ ଜଣେ ମହିଳା ତାଙ୍କୁ ମାଡ଼ ମାରିବା ଘଟଣାରେ ଯୁବତୀ ଜଣକ ଆଜି ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିଛନ୍ତି । ଆକ୍ରମଣ ପଛରେ ମାଡ଼ ମାରୁଥିବା ମହିଳା ସିଲା ପଟ୍ଟ ନାୟକ, ତାଙ୍କ ସାଙ୍ଗରେ ଆସିଥିବା ଶାସକ ଦଳର ୪୫ ନମ୍ବର ୱାର୍ଡ କର୍ପୋରେଟର ଅମରେଶ ଜେନା ଓ ତାଙ୍କ ସହଯୋଗୀ ସୁବ୍ରତ, ଅରୁଣ ପରିଡ଼ା ଓ ଅନ୍ୟ କିଛି ଯୁବକଙ୍କ ହାତ ଥିବା ଯୁବତୀ ଜଣକ କହିଛନ୍ତି । ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ପୁଲିସ୍ ସମ୍ମୁଖରେ ଦାବି କରିଛନ୍ତି । ଅନ୍ୟପଟରେ କମିଶନରେଟ ପୁଲିସ୍ ଘଟଣାକୁ ଗୁରୁତ୍ୱର ସହ ନେଇଛି । ଘଟଣା ସମ୍ପର୍କରେ ଏୟାରଫିଲ୍ଡ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି । ପୁଲିସ୍ ମାଡ଼ ଖାଇଥିବା ମହିଳା ସାଗରିକାଙ୍କର ୧୬୧ ସିଆର୍‌ପିସି ଧାରାରେ ବୟାନ ରେକର୍ଡ କରିବା ସହ ତଥ୍ୟ ପ୍ରମାଣ ଯୋଗାଡ଼ କରିବାରେ ଲାଗି ପଡିଛି । ତେବେ ଯୁବତୀଙ୍କୁ ମାଡ଼ ମାରିବା ପଛରେ ଉକ୍ତ କର୍ପୋରେଟର ଓ ତାଙ୍କ ସହଯୋଗୀଙ୍କ ସମ୍ପୃକ୍ତି ଥିବା ନେଇ ସେ ପୁଲିସ୍ ଆଗରେ ବୟାନ ଦେଇଛନ୍ତି । ବିମାନ ବନ୍ଦରରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ତାଙ୍କୁ କିଭଳି ଭାବେ ଆକ୍ରମଣ କରାଯାଇଥିଲା, ଅପହରଣ କରି ଏକ ଅଜ୍ଞାତ ସ୍ଥାନରେ ରଖାଯାଇ ମାଡ଼ ମରା ଯାଇଥିଲା, ଏ ସବୁ ଉପରେ ସେ ପୁଲିସ୍‌କୁ ତଥ୍ୟ ଦେଇଛନ୍ତି । ଦରକାର ପଡ଼ିଲେ ପୁଲିସ୍ ବିମାନ ବନ୍ଦରର ସିସିଟିଭିକୁ ଯାଞ୍ଚ କରି ସତ କ'ଣ ଜାଣିପାରିବ ବୋଲି ସେ କହିଛନ୍ତି । ଯୁବତୀ ଆହୁରି କହିଛନ୍ତି ଯେ, ରାଜନେତା ସାଙ୍ଗରେ ଥିବା ଯୋଗୁ ମହିଳା ଜଣକ ମାଡ଼ ମାରିବାକୁ ସାହସ ଜୁଟାଇ ଥିଲେ । ଏଥିସହ ସିଲା ତାଙ୍କ ସ୍ୱାମୀଙ୍କ ସହ ଥିବା ଯୁବତୀଙ୍କୁ ମାଡ଼ ମାରୁଥିବା ବେଳେ ସମ୍ପୃକ୍ତ ରାଜନେତା ଓ ତାଙ୍କ ସହଯୋଗୀ ମୋବାଇଲ୍‌ରେ ଭିଡିଓ ରେକର୍ଡିଂ କରିଥିଲେ । ଯାହା ଏବେ ସୋଶାଲ୍ ମିଡିଆରେ ଭାଇରାଲ୍ ହୋଇଛି । ଅନ୍ୟପଟରେ ଯୁବତୀଙ୍କ ସହ ଥିବା ଯୁବକ (ମହିଳାଙ୍କ ସ୍ୱାମୀ) ବିଦ୍ରୁଦତ୍ତ ଥାନାରେ ସ୍ପିଡ୍ ପୋଷ୍ଟ ଯୋଗେ ଅଭିଯୋଗ କରିଥିଲେ । ହେଲେ ପୁଲିସ୍ ତାଙ୍କ ଅଭିଯୋଗକୁ ଗ୍ରହଣ କରି ନଥିବା ସେ କହିଛନ୍ତି । ତେଣୁ ଉକ୍ତ ଘଟଣାରେ ସିଲା ଓ ତାଙ୍କ ସହ ଆସିଥିବା ଗୁଣ୍ଡା ଶ୍ରେଣୀର ବ୍ୟକ୍ତିଙ୍କ ବିରୋଧରେ କୋର୍ଟରେ ଅଭିଯୋଗ କରିବେ ବୋଲି କହିଛନ୍ତି ।


## ଜଗତସିଂହପୁର ପୌର ପରିଷଦ, ଜଗତସିଂହପୁର

ସର୍ବଭାରତୀୟ ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୧୭ ଉପଲକ୍ଷେ ଜଗତସିଂହପୁର ସହରବାସୀଙ୍କୁ ଶୁଭେଚ୍ଛା ଜଣାଉଅଛୁ । ନିମ୍ନ ଲିଖିତ କାର୍ଯ୍ୟପ୍ରତି ଧ୍ୟାନଦେବା ପାଇଁ ଅନୁରୋଧ କରୁଅଛୁ ।

- ଟିକସ ଯଥା ସମୟରେ ପୌର ପରିଷଦରେ ପଇଠ କରନ୍ତୁ ।
- ସରକାରୀ ତଥା ପୌରପରିଷଦ ଜମି ଓ ଡ୍ରେନ୍‌କୁ ଅବରୋଧ କରନ୍ତୁନାହିଁ ।
- ଅଳିଆ ଆବର୍ଜନାକୁ ଏଣେତେଣେ ନପକାଇ ନିର୍ଦ୍ଧାରିତ ସ୍ଥାନରେ ପକାନ୍ତୁ ଏବଂ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ।
- ପୌର ପରିଷଦରେ ଜନ୍ମ ମୃତ୍ୟୁର ପଞ୍ଜିକରଣ ଯଥା ସମୟରେ କରନ୍ତୁ ।
- ପୌରାଞ୍ଚଳରେ ଗୃହ ନିର୍ମାଣ କରିବା ପୂର୍ବରୁ ପୌରପରିଷଦର ଅନୁମତି ନିଅନ୍ତୁ ।
- ପଲିଥିନ ବ୍ୟବହାରକରି ପରିବେଶକୁ ଦୂଷିତ କରନ୍ତୁନାହିଁ ।
- ଫ୍ଲାଏୟାସ ଇଟା ବ୍ୟବହାର କରି ପରିବେଶକୁ ସ୍ୱଚ୍ଛ ରଖନ୍ତୁ ।
- ଆପଣଙ୍କ ସହଯୋଗ ଆମର ଏକାନ୍ତ କାମ୍ୟ

**ଶ୍ରୀଯୁକ୍ତ ବିକାଶ ସେଠୀ**
ଓ.ଆର.ଏସ୍
ନିର୍ବାହୀ ଅଧିକାରୀ

**ଶ୍ରୀମତୀ ପୂଜା ଗନ୍ତାୟତ**
ଉପାଧକ୍ଷା

**ଶ୍ରୀଯୁକ୍ତ ବିପ୍ଳବ ଚୌଧୁରୀ**
ପୌରାଧକ୍ଷ

ଏବଂ ସମସ୍ତ ପାରିଷଦ ବୃନ୍ଦ, ପୌରପରିଷଦ, ଜଗତସିଂହପୁର

## ରାୟଗଡ଼ ପୌରପରିଷଦ

ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ରାୟଗଡ଼ ପୌର ପରିଷଦର ସମସ୍ତ ଅଧିବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ସହରର ସର୍ବାଙ୍ଗୀନ ଉନ୍ନତି ପଥରେ ଆଗେଇ ନେବାରେ ସହଯୋଗ କାମନା କରୁଛି ।

୧) ପୌରପାଳିକାର ସମ୍ପତ୍ତି ଆପଣଙ୍କର ଓ ଏହାର ସୁରକ୍ଷା ଦାୟିତ୍ୱ ଆପଣଙ୍କର ।
୨) ସହରକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ।
୩) ପରିଷଦର ଟିକସ ଦେୟ ଠିକ୍ ସମୟରେ ପୈଠ କରନ୍ତୁ ।
୪) ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗୃହ ନିର୍ମାଣ କରନ୍ତୁ ନାହିଁ ।
୫) ପଲିଥିନ୍ ବ୍ୟବହାର ନ କରି ପ୍ରଦୂଷଣ ମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ ।

**ଡଃ ନିରଞ୍ଜନ ପ୍ରସାଦ ବକ୍ସିପାତ୍ର**
ଉପାଧକ୍ଷ

**ଶ୍ରୀମତୀ ଭି.ଗୌରୀ ଜୟନ୍ତୀ**
ଅଧକ୍ଷା

ଏବଂ
ସମସ୍ତ ପାରିଷଦ ବୃନ୍ଦ
ରାୟଗଡ଼ ପୌର ପରିଷଦ



# ଲେହ ଲଦାଖର ରହସ୍ୟ



# ଚୁମ୍ବକୀୟ ପର୍ବତ

**ଭା**ରତର ଉତ୍ତରରେ ଥିବା ହିମାଳୟ ପର୍ବତମାଳାକୁ ଭାରତର ମୁକୁଟ କୁହାଯାଏ। ଅନେକ ଶାସ୍ତ୍ର ପୁରାଣରେ ଏହି ପର୍ବତମାଳାକୁ ନେଇ ଅନେକ ଅଲୌକିକ କାହାଣୀ କିମ୍ବଦନ୍ତୀର ବର୍ଣ୍ଣନା ରହିଛି। ଏପରିକି ହିମାଳୟକୁ ଅନେକ ରହସ୍ୟର ଗନ୍ତାଘର ବୋଲି କହିଥାନ୍ତି। ଏହି ବିରାଟ ପର୍ବତମାଳାର ଏକ ରହସ୍ୟମୟ ଅଂଶ ହେଉଛି ଲେହ ଲଦାଖ ଅଞ୍ଚଳ। ଏହି ଅଞ୍ଚଳରେ ରହିଛି ରହସ୍ୟମୟ ମ୍ୟାଗନେଟିକ୍ ହିଲ୍। ଏଠାରେ ସୁନ୍‌ସାନ ରାସ୍ତା ଆଉ ଦୁଇପଟେ ରହିଛି କେବଳ ପାହାଡ ହିଁ ପାହାଡ। ଜନବସତି ମଧ୍ୟ ବିଶେଷ ନାହିଁ। ନା ଅଛି ଏଠାରେ ଲୋକମାନଙ୍କର ଯାତାୟତ। ଯେଉଁବାଟ ଦେଇ ଗଲେ ହଠାତ ଡରିଯାଇଥାନ୍ତି ଯାତ୍ରୀ। ଯେଉଁମାନେ ଏକ ଅଜବ ଶକ୍ତିର ଅନୁଭବ କରିଥାନ୍ତି ଏହି ନିରୋଳା ରାସ୍ତାରେ। କ'ଣ ଏହି ଶକ୍ତି ? ଯାହା ନିଜ ଆଡକୁ ଆକର୍ଷଣ କରୁଛି। ଯାହାଦ୍ୱାରା ଗାଡି ମଟର ସବୁ ଟାଣି ହୋଇଯାଇଥାଏ ଏଠାରେ ଥିବା ପାହାଡ ଆଡକୁ। ଯେଉଁ ବାଟ ଦେଇ ଗଲା ପୂର୍ବରୁ ଲୋକମାନେ ବହୁବାର ଭାବିବାକୁ ବାଧ ହୋଇଥାନ୍ତି। କ'ଣ ସେହି ଅଜଣା ଶକ୍ତି ତାକୁ ନେଇ ମନରେ ସେମାନଙ୍କର ଆସେ ବିସ୍ମୟ ଭାବ। ଗଡାଣିଆ ବାଟରେ ମଧ୍ୟ ଉପର ଆଡକୁ ଚାଲିଯାଇଥାଏ। କେହି କେହି ଏଠାରେ ଭୁତପ୍ରେତର ଭୟ ରହିଛି ବୋଲି ମଧ୍ୟ ବିଶ୍ୱାସ କରନ୍ତି। ସତରେ କ'ଣ ଏଠାରେ ଭୁତପ୍ରେତ ଅଛନ୍ତି, ଆଉ ସେମାନଙ୍କର ପ୍ରଭାବରେ ଏଭଳି ଗାଡି ଗୁଡିକ ଟାଣି ହେଇଯାଉଛି। ଏହି ରାସ୍ତା ଦେଇ ଦିନ ବେଳେ ଗଲେ ତ ଠିକ ଅଛି ତେବେ ରାତିରେ ଏହି ରାସ୍ତାର ଦୃଶ୍ୟ ବିଲ୍କୁଲ ଅଲଗା। ଯେଉଁ ବାଟ ଦେଇ ଗଲା ବେଳେ ଲୋକମାନେ ପାହାଡ ଆଡକୁ ଟାଣି ହୋଇଯାଇଥିବାର ଅନୁଭବ କରିଥାନ୍ତି। ଯେଉଁସବୁ ଅଦ୍ଭୁତ କାରନାମା ହୋଇଥାଏ ସେଠାରେ ଥିବା ମ୍ୟାଗ୍ନେଟିକ୍ ହିଲ୍ସ ପାଇଁ। ଏହି ମ୍ୟାଗ୍ନେଟିକ୍ ହିଲ୍‌ରେ ଥିବା ଶକ୍ତି ଦ୍ୱାରା ଏହି ବାଟ ଦେଇ ଯାଉଥିବା ବେଳେ ଆପେ ଆପେ ଟାଣି ହୋଇଯାଇଥାଏ ସମସ୍ତ ଗାଡ଼ି ଓ ସେଥିରେ ବସିଥିବା ଲୋକମାନେ। ଏ କଥା ଅନେକ ବର୍ଷର ପରୀକ୍ଷା ନିରୀକ୍ଷା ପରେ ଗବେଷକମାନେ କହିଥିଲେ। ମାତ୍ର ତଥାପି କେଉଁଠି ନା କେଉଁଠି ପ୍ରକୃତିର ରହସ୍ୟକୁ ନେଇ ସାଧାରଣ ମଣିଷ ମାନଙ୍କ ମନରେ ଏବେବି ରହସ୍ୟ ଲୁଚି ରହିଛି।

ଲେହ ଠାରୁ ୩୦ କିଲୋମିଟର ଦୂରରେ ରହିଛି ଏହି ମ୍ୟାଗ୍ନେଟିକ୍ ହିଲ୍। ଯାହା ସମୁଦ୍ର ପତ୍ତନଠାରୁ ୧୧ ହଜାର ଫୁଟ୍ ଉପରେ ରହିଛି। ଯେଉଁ ପାହାଡ ଦେଇ ଯାଉଥିବା ରାସ୍ତାକୁ ମ୍ୟାଜିକ ରୋଡ ବୋଲି କୁହାଯାଏ। ହେଲେ ଏହାକୁ ମ୍ୟାଜିକ୍ ରୋଡ କାହିଁକି କୁହାଯାଏ। ଏହା ପ୍ରକୃତିର କେଉଁ ରହସ୍ୟକୁ ଲୁଚାଇ ରଖିଛି। କାହିଁକି ଏହି ପାହାଡ ଦେହରେ ରହିଛି ମ୍ୟାଗ୍ନେଟିକ୍ ପାୱାର ? ଏମିତି ଅନେକ ପ୍ରଶ୍ନରେ ଘାରି ହୁଅନ୍ତି ସମସ୍ତେ ଏ ରହସ୍ୟମୟ ପର୍ବତ ନିକଟକୁ ଆସିଲେ। ଲୌହ ବସ୍ତୁ ଆପେ ଆପେ ଟାଣି ହୋଇଯାଇଥାଏ ଏହି ପର୍ବତ ଆଡକୁ। ଏହି ପାହାଡକୁ ଗ୍ରାଭିଟି ହିଲ୍ ବୋଲି ମଧ୍ୟ କୁହାଯାଇଥାଏ। ଯେଉଁଠି ରାସ୍ତାଟି ଗଡାଣିଆ ହୋଇଥିଲେ ମଧ୍ୟ ଗାଡି ମୋଟର ସବୁ ଆପେ ଆପେ ଉପରକୁ ଯାଇଥାଏ। ସ୍ପିଡ୍‌ରେ ଯାଉଥିବା ଗାଡି ମାନଙ୍କୁ ବ୍ରେକ୍ ଲଗାଇ ଏହି ପ୍ରାକୃତିକ ଚୁମ୍ବକୀୟ ଶକ୍ତିର ଅନୁଭବ କରିବା ପାଇଁ କୁହାଯାଇଥାଏ। ପୂର୍ବରୁ ତ ଲୋକମାନେ ଏହି ରାସ୍ତା ଦେଇ ଯିବା ପାଇଁ ଡରୁଥିଲେ। ମନରେ ତାଙ୍କର ଥିଲା ଅନେକ ପ୍ରଶ୍ନ। ହେଲେ ମ୍ୟାଗ୍ନେଟିକ୍ ପାୱାର ସମ୍ବନ୍ଧରେ ଜାଣିବା ପରେ ସାମାନ୍ୟ ଡର କମିଛି। ହେଲେ ଏହି ରହସ୍ୟକୁ ନେଇ ସେମାନଙ୍କ ମନଭିତରେ ବିସ୍ମୟଭାବ ରହିଛି। ଏବେ ରାସ୍ତା ଉପରେ ମ୍ୟାଗ୍ନେଟିକ୍ ଟ୍ରାକ୍ ବୋଲି ଲେଖାରହିଛି। କାହିଁକି ନା ତା'ପରଠାରୁ ଗାଡିର ବେଗ ଜୋରରେ ନଥିଲେ ମଧ୍ୟ ଆପେ ଆପେ ଟାଣି ହୋଇଯାଏ। ଲୋକମାନେ ତା ଗାଡ଼ିର ଷ୍ଟିଅରିଂକୁ ମଧ୍ୟ ଛାଡି ଗାଡିରେ ବସି ଏହି ଚୁମ୍ବକୀୟ ଶକ୍ତିର ମଜା ନେଇଥାନ୍ତି। ଭାରତର ଲେହ-ଲଦାକ୍‌ର ସମସ୍ତ ଦର୍ଶନୀୟ ସ୍ଥାନ ସହ ଏହି ମ୍ୟାଗ୍ନେଟିକ୍ ହିଲ୍‌କୁ ମଧ୍ୟ ଦେଖିବା ପାଇଁ ଦୂର ଦୂରାନ୍ତରୁ ଅନେକ ପର୍ଯ୍ୟଟକ ଆସିଥାନ୍ତି। କେବଳ ଭାରତ କାହିଁକି ଏମିତି ଚୁମ୍ବକୀୟ ଉପତ୍ୟକା ଆମେ ବିଦେଶରେ ମଧ୍ୟ ଦେଖିବାକୁ ପାଇଥାଉ। କାନାଡା, ବ୍ରାଜିଲ, ଅଷ୍ଟ୍ରେଲିଆ ଓ ଚାଇନା ଭଳି ଦେଶରେ ମଧ୍ୟ ଲୋକମାନେ ଏହି ମ୍ୟାଗ୍ନେଟିକ୍ ହିଲର ଅନୁଭୂତି କରନ୍ତି। ହେଲେ ପ୍ରତିଥର ଭଳି ପ୍ରକୃତିର ରହସ୍ୟମୟ ରୂପ ଏବେବି ମଣିଷ ମନରେ କିନ୍ତୁ ଅନେକ ପ୍ରଶ୍ନବାଚୀ ତିଆରି କରିଛି।




ଉପସ୍ଥାପନା
ଜାହ୍ନବୀସୁତ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବୋଝ ବଢୁଛି ...

ପୂର୍ବରୁ ସରକାରୀ କର୍ମଚାରୀଙ୍କୁ ପୂଜା ଭେଟି ଦେଇ ରାଜ୍ୟ ସରକାର ୪,୫୦୦ କୋଟିର ବୋଝ ମୁଣ୍ଡାଇଛନ୍ତି। ଏବେ ଶିକ୍ଷକମାନଙ୍କୁ ପୂଜା ଭେଟି ଦେବାକୁ ଯାଇ ବାର୍ଷିକ ୯ଶହ କୋଟିର ଅତିରିକ୍ତ ବୋଝକୁ ଗ୍ରହଣ କରିନେବା ଫଳରେ ରାଜ୍ୟ ରାଜକୋଷ ଉପରେ ୫,୪୦୦ କୋଟିର ବୋଝ ବଢ଼ିଯିବ। ଏହି ଅର୍ଥ ଭରଣା କରିବାର ଦିଗ ସମ୍ପର୍କରେ ସଠିକ୍ ଜଣାପଡିନାହିଁ। ହେଲେ ଶିକ୍ଷକମାନଙ୍କ ଦାବି ପ୍ରସଙ୍ଗରେ ସରକାର ଓ ମିଳିତ ମଞ୍ଚ ମଧ୍ୟରେ ହୋଇଥିବା ସହମିତିକୁ ନେଇ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାଏକ ଐତିହାସିକ ନିଷ୍ପତ୍ତି ଏବଂ ଏହାଦ୍ୱାରା ଶିକ୍ଷକମାନେ ଉପକୃତ ହେବେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଏଥିସହ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହାଦ୍ୱାରା ଆମ ରାଜ୍ୟରେ ଶିକ୍ଷାର ମାନ ବୃଦ୍ଧିରେ ଏହା ସହାୟକ ହୋଇପାରିବାର ଚିନ୍ତାଧାରା ପ୍ରତିଫଳିତ ହୋଇଛି। ସୂଚନାଯୋଗ୍ୟ, ବହୁ ପ୍ରତୀକ୍ଷା ପରେ ରାଜ୍ୟ ସରକାର କର୍ମଚାରୀମାନଙ୍କୁ ୭ମ ବେତନ କମିଶନ ଭେଟି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ମଙ୍ଗଳବାର ସଂଧ୍ୟାରେ ଏ ନେଇ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସପ୍ତମ ବେତନ କମିଶନଙ୍କ ସୁପାରିଶକୁ କାର୍ଯ୍ୟକାରି କରିବା ପାଇଁ ସରକାର ଗଠନ କରିଥିବା କମିଟି ରିପୋର୍ଟ ଆଧାରରେ ରାଜ୍ୟ ସରକାରୀ କର୍ମଚାରୀଙ୍କୁ ବର୍ଦ୍ଧିତ ଦରମା ପ୍ରଦାନ କରାଯିବ। ଏଥିରେ ୪ଲକ୍ଷ ୫୦ ହଜାର ସରକାରୀ କର୍ମଚାରୀ ଓ ୩ଲକ୍ଷ ୫୦ ହଜାର ପେନ୍‌ସନ୍‌ଧାରୀ ଉପକୃତ ହେବେ। ଏହି ବର୍ଦ୍ଧିତ ଦରମା ପିଛିଲା ଭାବେ ୨୦୧୬ ଜାନୁଆରୀ ପହିଲାରୁ ଲାଗୁ ହେବ। ତେବେ କର୍ମଚାରୀମାନେ ସେପ୍ଟେମ୍ବର ପହିଲାରୁ ବର୍ଦ୍ଧିତ ଦରମା ପାଇବେ। ରାଜକୋଷ ଉପରେ ଏଥିପାଇଁ ୪୫୦୦ କୋଟି ଟଙ୍କାର ଅତିରିକ୍ତ ବୋଝ ପଡିବ। ବକେୟା ଦରମା ସରକାର କିସ୍ତି ଅନୁସାରେ ପ୍ରଦାନ କରିବେ। ସପ୍ତମ ବେତନ କମିଶନ ସୁପାରିଶ ଆଧାରରେ ବର୍ଦ୍ଧିତ ଦରମା ଦେବାକୁ ମୋଡାଲିଟି ପ୍ରସ୍ତୁତ କରିବା ପାଇଁ ରାଜ୍ୟ ସରକାର ୨୦୧୬ ଅକ୍ଟୋବର ୨୮ରେ ଉନ୍ନୟନ କମିଶନର ଆର.ବାଲକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ଏକ ୬ଜଣିଆ ଫିଟ୍‌ମେଣ୍ଟ କମିଟି ଗଠନ କରିଥିଲେ। ଏହି କମିଟି ୪ମାସ ମଧ୍ୟରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବାକୁ କୁହାଯାଇଥିଲା। ବିଭିନ୍ନ କ୍ୟାଡରରେ ଥିବା ଆନାମୋଲିକୁ ଦୂର କରିବା ପାଇଁ ୧୭ଟି କର୍ମଚାରୀ ସଂଗଠନ ଫିଟ୍‌ମେଣ୍ଟ କମିଟିକୁ ପ୍ରସ୍ତାବ ଦେଇଥିଲେ। ୨୦୧୭ ଫେବୃଆରୀ ୨୮ ତାରିଖ ସୁଦ୍ଧା କମିଟି ରିପୋର୍ଟ ଦେବା କଥା, ମାତ୍ର ରିପୋର୍ଟ ପ୍ରସ୍ତୁତିରେ ବିଳମ୍ବ ହେବାରୁ କମିଟି ଦୁଇଥର ସମୟ ଗଡାଇ ନେଇଥିଲେ। ଶେଷରେ ଜୁନ ମାସରେ କମିଟି ରାଜ୍ୟ ସରକାରଙ୍କୁ ଚୂଡାନ୍ତ ରିପୋର୍ଟ ପ୍ରଦାନ କରିଥିଲେ। କମିଟିର ସୁପାରିସ ଅନୁଯାୟୀ ମୂଳ ଦରମାର ୨୩ ପ୍ରତିଶତ ବୃଦ୍ଧି କରାଯାଇଛି। ସେହିଭଳି ଚାକିରି ସର୍ତ୍ତାବଳୀ ସହ ପୂର୍ଣ୍ଣ ଅନୁଦାନ ଦାବିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନ ଚାଲିଥିଲା। ସମସ୍ୟାର ସମାଧାନ ପାଇଁ ବହୁବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନଥିଲା। ଚାକିରି ସର୍ତ୍ତାବଳୀକୁ ନେଇ ରହିଥିବା ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଅବ୍ୟାହତ ରଖିବା ନେଇ ସଂଘ ଜିଦ ଧରି ବସିଥିଲା। ବ୍ଲକ ଗ୍ରାଣ୍ଟ ଉଚ୍ଛେଦ କରି ଗ୍ରାଣ୍ଟ ଇନ୍ ଏଡ୍ ଲାଗୁ କରିବା ନେଇ ଘୋଷଣା ପରେ ଶିକ୍ଷକ କର୍ମଚାରୀ ସେମାନଙ୍କ ଆନ୍ଦୋଳନ ସ୍ଥଗିତ ରଖିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ସ୍କୁଲ ଓ କଲେଜ ଶିକ୍ଷକଙ୍କ ପ୍ରତି ସରକାରଙ୍କ ସହାନୁଭୂତି ରହିଛି। ୨୦୦୪ ମସିହାଠାରୁ ରାଜ୍ୟ ସରକାର ସ୍କୁଲ ଓ କଲେଜ ଶିକ୍ଷକ କର୍ମଚାରୀଙ୍କୁ ସହାୟତା ପ୍ରଦାନ କରିବା ପାଇଁ ବ୍ଲକ ଗ୍ରାଣ୍ଟ ବ୍ୟବସ୍ଥା ଆରମ୍ଭ କରିଥିଲେ। ବର୍ତ୍ତମାନ ବ୍ଲକ ଗ୍ରାଣ୍ଟ ବ୍ୟବସ୍ଥା ଉଚ୍ଛେଦ କରି ଗ୍ରାଣ୍ଟ-ଇନ-ଏଡ ବ୍ୟବସ୍ଥା ଲାଗୁ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆନ୍ଦୋଳନରୁ ନିବୃତ୍ତ ରହି ସ୍କୁଲ କଲେଜରେ ଶିକ୍ଷାଦାନ ଆରମ୍ଭ କରିବାକୁ ସେ ଶିକ୍ଷକମାନଙ୍କୁ ଅନୁରୋଧ କରିଥିଲେ। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରକ୍ଷା ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରିପ୍ରେକ୍ଷୀରେ ସେମାନେ ଆନ୍ଦୋଳନ ସ୍ଥଗିତ ରଖିଥିବା ସଂଘ କାର୍ଯ୍ୟକର୍ତ୍ତାମାନେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର କହିଛନ୍ତି, ସରକାର ଶିକ୍ଷକ କର୍ମଚାରୀଙ୍କ ବହୁ ଦାବି ପୂରଣ କରିଛନ୍ତି। ଏହି ଘୋଷଣା ଦ୍ୱାରା ଶିକ୍ଷକ କର୍ମଚାରୀମାନେ ଅଧିକ ଲାଭବାନ ହେବେ। ମୋଟ ୫୮୭୨ ଶିକ୍ଷାନୁଷ୍ଠାନର ୫୫ହଜାର ୧୫୫ ବ୍ଲକ ଗ୍ରାଣ୍ଟ ଶିକ୍ଷକ କର୍ମଚାରୀଙ୍କୁ ପୂର୍ଣ୍ଣ ଅନୁଦାନ ନୀତି ଅନୁସାରେ ଦରମା ମିଳିବ ଏବଂ ସେମାନେ ପେ, ଗ୍ରେଡ୍ ପେ ଏବଂ ଇନକ୍ରିମେଣ୍ଟ ପାଇବେ। ଯିଏ ଯେବେଠୁ ଗ୍ରାଣ୍ଟ ପାଉଛନ୍ତି ସେବେଠାରୁ ପ୍ରତି ତିନିବର୍ଷରେ ସେମାନଙ୍କୁ ୩% ହିସାବରେ ଇନକ୍ରିମେଣ୍ଟ ଦିଆଯିବ। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ସପ୍ତମ ବେତନ କମିଶନ ସୁପାରିସ ଲାଗୁ ସମ୍ପର୍କରେ ସରକାର ପରବର୍ତ୍ତୀ ସମୟରେ ବିଚାର କରିବେ। ଅନ୍ୟପକ୍ଷରେ ମିଳିତ ମଞ୍ଚର ପ୍ରତିନିଧିମାନେ କହିଛନ୍ତି, ଆଲୋଚନା ସମୟରେ ଗ୍ରେଡେସନ, ବଦଳି, ଜିଆଇଏଏସ ଏବଂ ଗ୍ରାଚ୍ୟୁଇଟି ଆଦି ସମ୍ପର୍କରେ ଦୁଇମାସ ମଧ୍ୟରେ ବିଚାର କରିବାକୁ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଅନୁକମ୍ପାମୂଳକ ସହାୟତା ବାବଦରେ ୫ଲକ୍ଷ ଟଙ୍କା ପ୍ରଦାନ ପାଇଁ କରାଯାଇଥିବା ଦାବି ଉପରେ ସରକାର ବିଚାର କରିବେ ବୋଲି କହିଛନ୍ତି। ପେନ୍‌ସନ ପ୍ରସଙ୍ଗରେ ସରକାର କିଛି ସ୍ପଷ୍ଟ କରିନାହାନ୍ତି। ଆଲୋଚନା ସମୟରେ ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ସମେତ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ବିଧାୟକ ଅରୁଣକୁମାର ସାହୁ, ପ୍ରଣବ ପ୍ରକାଶ ଦାସ, ମୁଖ୍ୟ ଶାସନ ସଚିବ, ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ମିଳିତ ମଞ୍ଚ ଆବାହକ ମଣ୍ଡଳୀର ପ୍ରକାଶ ଜେନା, ଗୋଲକ ବିହାରୀ ନାୟକ, ପବିତ୍ର ମାହାଲା ଓ ପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ରାଜ୍ୟରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ନୂଆ ଶିଳ୍ପ ନାହିଁ କି ନୂଆ ନିଯୁକ୍ତି ନାହିଁ। ସରକାରୀ ସ୍ତରରେ ମଧ୍ୟ ବେକାରଙ୍କୁ କର୍ମନିଯୁକ୍ତି ମିଳିପାରୁନାହିଁ। ବରଂ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସରକାରୀ ବିଭାଗ ମାନଙ୍କରେ ଅଧିକରୁ ଅଧିକ ଠିକା ନିଯୁକ୍ତି ମିଳୁଛି। ଏଭଳି ସ୍ଥିତିରେ ଶିକ୍ଷିତ ବେକାରମାନେ ମେଳିବାନ୍ଧି ଆନ୍ଦୋଳନକୁ ନ ଓହ୍ଲାଇଲେ ସେମାନଙ୍କ ସମସ୍ୟାର ସମାଧାନ ଆଶକ୍ଷୀଣ ବୋଲି ଜଣାପଡେ। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ରାଜ୍ୟ ସରକାର କାହା ମନରେ ଦୁଃଖ ଦେବା ମୁଡ୍‌ରେ ନଥିବା ଜଣାପଡୁଛି। ହେଲେ କ୍ଷତ ଓ କ୍ଷତି ଭରଣାର ସୁମାର୍ଗ କ'ଣ ତାହା ସ୍ପଷ୍ଟ ଜଣାପଡିନାହିଁ।

### କେନ୍ଦ୍ର ମନ୍ତ୍ରିମଣ୍ଡଳ ...

ବିଜୁ ଜନତା ଦଳ ପାଇଁ ଏକ ସତର୍କ ଘଣ୍ଟି ପାଲଟିବ ବୋଲି ରାଜନୀତି ବିଶାରଦମାନେ ବିଚାର କରୁଛନ୍ତି। କାରଣ ୨୦୧୪ରୁ ଏପର୍ଯ୍ୟନ୍ତ ନବୀନ ଓ ତାଙ୍କ ସରକାରଙ୍କ ବିରୋଧରେ ଏକ ମାହୋଲ ସୃଷ୍ଟି କରିବରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ଧର୍ମେନ୍ଦ୍ର। ଓଡ଼ିଶାରେ ସମସ୍ତେ ଜାଣିଛନ୍ତି ଯେ, ଧର୍ମେନ୍ଦ୍ର ହିଁ ବିଜେଡି ବିରୋଧରେ ସଠିକ୍ ଗୋଟି ଚାଳନା କରୁଛନ୍ତି। ଯେଉଁଥିପାଇଁ ପଞ୍ଚାୟତ ନିର୍ବାଚନରେ ରାଜ୍ୟ ବିଜେପିକୁ ଫାଇଦା ମିଳିଛି। ତେଣୁ ନବୀନଙ୍କ ବିକଳ୍ପ ଯେ ଧର୍ମେନ୍ଦ୍ର ହୋଇପାରିବେ ଏହା ଏବେ ଚର୍ଚ୍ଚା ଜୋର ଧରିଛି। ଆଗକୁ ବିଜେପି ଅଧ୍ୟକ୍ଷ ଅମିତ ଶାହା ଓଡ଼ିଶା ଆସୁଛନ୍ତି। ଏମିତିକି ମୋଦି-ଶାହାଙ୍କ ରଣନୀତିରେ ଓଡ଼ିଶା ପ୍ରମୁଖ ସ୍ଥାନ ପାଇଛି। ଶାହାଙ୍କ ଓଡ଼ିଶା ଗସ୍ତ ରାଜନୈତିକ ଦୃଷ୍ଟିକୋଣରୁ ଅତି ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ମଧ୍ୟ ବିବେଚନା କରାଯାଉଛି। ତେଣୁ ଏବେ ଭିନ୍ନ ମୋଡରେ ଓଡ଼ିଶାର ବିଜେପି ରାଜନୀତି।

### କ୍ୟାସଲେସ୍ ...

କ୍ୟାସ୍‌ଲେସ୍ ବ୍ୟବସ୍ଥା ଦ୍ୱାରା ସାଧାରଣ ଲୋକ, ଓକିଲ, ମୋହରିର, ଦଲିଲ ଲେଖକଙ୍କ ସମେତ ଏହି କାର୍ଯ୍ୟ ସହିତ ଯେଉଁମାନେ ଜଡିତ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂଆ ବ୍ୟବସ୍ଥା ପରେ ଫି' ପାଇଁ ବ୍ୟାଙ୍କ ଡ୍ରାଫ୍ଟ ଦେବାକୁ ପଡୁଥିବାରୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏନେଇ ଗତ ଶୁକ୍ରବାର ଦିନ ଜଟଣୀ ଉପନିବନ୍ଧକ କାର୍ଯ୍ୟାଳୟରେ ଦଲିଲ ଲେଖକ ଓ ମୋହରିର ସଂଘ ତରଫରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ଏହାପରେ ରାଜ୍ୟର ସମସ୍ତ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଏଭଳି ଆନ୍ଦୋଳନ ଚାଲିବ ବୋଲି ଜଣାପଡିଛି। ଏନେଇ ଆଇଜିଆରଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବିପତ୍ର ଦିଆଯାଇ ଏହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

### ପ୍ରତିଶ୍ରୁତିରେ ...

ରାୟଗଡା ଓଭର ବ୍ରିଜ ଉଦ୍‌ଘାଟନ ସମୟରେ କହିଥିଲେ। ମାତ୍ର କାର୍ଯ୍ୟ ଶୂନରେ ହିଁ ଅଟକି ଗଲା। ନିର୍ବାଚନ ସମୟ ଆସିଲେ ବିଧାୟକ ପ୍ରାର୍ଥୀ ମାନଙ୍କର ମନେ ପଡେ ପାଣିହଙ୍ଗର ଯୋଜନା। ଏହି ସମୟରେ ଭୋଟରଙ୍କୁ ପ୍ରତିଶ୍ରୁତି ଦିଆଯାଏ, ଏହା କେବଳ ପ୍ରତିଶ୍ରୁତିରେ ହିଁ ଅଟକି ଯାଉଛି। ୧୯୯୦ରେ ଜନତା ଦଳ ପ୍ରାର୍ଥୀ ରାମମୂର୍ତ୍ତୀ ଗମାଙ୍ଗ, ପାଣିଡଙ୍ଗର ଯୋଜନାର ପ୍ରତିଶ୍ରୁତି ଦେଇ ବିଜୟୀ ହୋଇଥିଲେ, ପରମୂହୁର୍ତରେ ଏହା ଭୂଲିଗଲେ। ପରବର୍ତ୍ତୀ ସମୟରେ ହେମା ଗମାଙ୍ଗ ମଧ୍ୟ ବିଧାୟିକା ଲୋକସଭା ସଦସ୍ୟ ହେଇ ପ୍ରତିଶ୍ରୁତି ଦେଇଥିଲେ। ୨୦୦୯ ମସିହାରେ ବିଜେଡି ପ୍ରାର୍ଥୀ ରାମମୂର୍ତ୍ତୀ ମୁଟିକା ଏହି ବଂଶଧାରା ବିଷୟ ଓ ନେରେଡି ଯୋଜନା ବନ୍ଦ ପାଇଁ ଦୋହରାଇ ଥିଲେ। ପରେ ଦଳର ଆଭ୍ୟନ୍ତରିଣ ଗୋଷ୍ଠୀ କନ୍ଦଳରେ ପଶି ସବୁ ପ୍ରତିଶ୍ରୁତି ଭୁଲିଗଲେ। ୨୦୧୪ ସାଧାରଣ ନିର୍ବାଚନ ସମୟରେ ବିଧାୟକ ପ୍ରାର୍ଥୀ ତ୍ରିନାଥ ଗମାଙ୍ଗ ଓ ଲୋକସଭା ପ୍ରାର୍ଥୀ ଝିନ ହିକ୍‌କା ପ୍ରତ୍ୟେକ ସଭା ସମିତିରେ କହିଥିଲେ ପାଣିଡଙ୍ଗର ଯୋଜନା ଆମର ପ୍ରାଥମିକ ଲକ୍ଷ୍ୟ ବୋଲି କିନ୍ତୁ ବିଡମ୍ବନାର ବିଷୟ ପାଣିଡଙ୍ଗର ଯୋଜନାକୁ ଭୁଲି ମହାନଦୀ ଜଳ ବଞ୍ଚାଓ, ପୋଲାଭରମ ପ୍ରକଳ୍ପ ବନ୍ଦକର ବୋଲି ଲୋକସଭା ସାଂସଦ ଝିନ ହିକ୍‌କା ଓ ରାଜ୍ୟସଭା ସାଂସଦ ଏନ୍. ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ତଥା ରାୟଗଡା ବିଧାୟକ ଲାଲ ବିହାରି ହିମିରିକା, ଗୁଣୁପୁର ବିଧାୟକ ତ୍ରିନାଥ ଗମାଙ୍ଗ, ବିଷମ କଟକ ବିଧାୟକ ଜଗନ୍ନାଥ ସାରକା, ଅବିଭକ୍ତ କୋରାପୁଟ ଜିଲ୍ଲା ବନ୍ଦ କେତେବେଳେ ରାସ୍ତାରୋକ, ଜିଲ୍ଲାପାଳଙ୍କ ଅଫିସ ଘେରାଉ କରୁଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ବ୍ରହ୍ମପୁର ଲୋକସଭା ସାଂସଦ ତଥା ଚଳଚ୍ଚିତ୍ର ତାରକା ସିଦ୍ଧାନ୍ତ ମହାପାତ୍ର ନିର୍ବାଚନ ପ୍ରଚାର ପାଇଁ ଅମ୍ବାଦଳା ଠାରୁ ଗୁଣୁପୁର ପର୍ଯ୍ୟନ୍ତ ରୋଡ ସୋ ରେ ବାହାରି ମହାନଦୀ ଜଳ ବିବାଦ ଓ ପୋଲାଭରମ ପ୍ରକଳ୍ପ ବିଷୟରେ ଭାଷଣ କରିବା ସମୟରେ ଲୋକମାନେ ସାଂସଦଙ୍କୁ ପାଣି ଡଙ୍ଗର ବିଷୟରେ ପ୍ରଶ୍ନ କରିଥିଲେ। ଏହି ସମୟରେ ସାଂସଦ ପାଣି ଡଙ୍ଗର କେଉଁଠାରେ ଯୋଜନା ଅଛି ବୋଲି ତାଙ୍କ ସଙ୍ଗରେ ଥିବା ତୁଙ୍ଗ ନେତାମାନଙ୍କୁ ପଚାରି ବୁଝିଥିଲେ, ଯଦ୍ଦ୍ୱାରା ସ୍ଥାନୀୟ ଲୋକମାନେ ମତବ୍ୟକ୍ତ କରିଥିଲେ ଯେ ଯେଉଁ ନେତାଙ୍କ ସ୍ଥାନୀୟ ବିଷୟରେ ଧାରଣା ନାହିଁ ସେ କିପରି ଭାବରେ ଭୋଟ ଭିକ୍ଷା କରିଥିଲେ। ପାଣିଡଙ୍ଗର ଯୋଜନା କିପରି କାର୍ଯ୍ୟକାରୀ ହେବ ସେହି କଥା ଚିନ୍ତା ନକରୁଣୁ ମହାନଦୀ ଜଳ ବଞ୍ଚାଓ ଓ ପୋଲାଭରମ ପ୍ରକଳ୍ପ ବନ୍ଦ ପାଇଁ ଲାଗିପଡିଛନ୍ତି। ଏଣୁ ଆଗାମୀ ଦନରେ ରାୟଗଡା ଜିଲ୍ଲାର ଜନସାଧାରଣ ଉକ୍ତ ପାଣିଡଙ୍ଗର ବିଷୟରେ ଚିନ୍ତାକରି ଠିକଣା ସମୟରେ ଠିକ୍ ଜବାବ ପାଇଁ ପ୍ରସ୍ତୁତ ହୋଇଗଲେଣି।

ଅନୁସନ୍ଧାନରୁ ଜଣାପଡିଛିଯେ ଓଡିଶା ଓ ଆନ୍ଧ୍ର ଦେଇ ପ୍ରବାହିତ ବଂଶଧାରା ନଦୀ ଉପରେ ବ୍ୟାରେଜ ନିର୍ମାଣ ପାଇଁ ୫୦ ବର୍ଷ ପୂର୍ବେ ୧୯୬୨ ମସିହାରେ ପ୍ରଥମେ ଆନ୍ଧ୍ର ସରକାର ହିରମଣ୍ଡଳ ନିକଟସ୍ଥ ଗୋଟା ଠାରେ ବ୍ୟାରେଜ ନିର୍ମାଣ ପାଇଁ ଯୋଜନା କରିଥିଲେ। ସେତେବେଳେ ଓଡିଶାରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ଆନ୍ଧ୍ର ଗୋଟା ପ୍ରକଳ୍ପକୁ ତୀବ୍ର ବିରୋଧ କରିବାରୁ ଉଭୟ ରାଜ୍ୟ ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ସେତେବେଳେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଥିବା ନୀଲମ ସଂଜୀବ ରେଡ୍ଡୀ ବ୍ୟାରେଜ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ଉପରେ ପ୍ରବଳ ଚାପ ପ୍ରୟୋଗ କରିଥିଲେ। ତତ୍କାଳୀନ କେନ୍ଦ୍ର ଜଳସେଚନ ମନ୍ତ୍ରୀ ଇଂ କେ ଏଲ ରାଓ ଏକ ଇଂଜିନିୟରିଂ ଦଳକୁ ପଠାଇ ବଂଶଧାରା ନଦୀ ଉପରେ ସର୍ଭେ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଇଂ. ରାଓ ତାଙ୍କ ରିପୋର୍ଟରେ ଉଭୟ ରାଜ୍ୟ ବଂଶଧାରା ନଦୀ ଜଳ ବ୍ୟବହାର କରିବା ଅଧିକାର ରହିଥିବା ଉଭୟ ୫୦-୫୦ ପ୍ରତିଶତ ଜଳ ବ୍ୟବହାର କରିପାରିବେ ବୋଲି କହିଥିଲେ। ଓଡିଶା ସରକାର ଗୁଣପୁର ଉପରମୁଣ୍ଡ ଗୁଡାରୀ ନିକଟସ୍ଥ ପାଣିଡଙ୍ଗରରେ ଏବଂ ଆନ୍ଧ୍ର ସରକାର ହିରମଣ୍ଡଳମ ନିକଟରେ ଗୋଟା ବ୍ୟାରଜ ନିର୍ମାଣ ପାଇଁ ସବୁଜ ସଙ୍କେତ ମିଳିଥିଲା। ଏ ନେଇ ଆୟୋଜିତ ବୈଠକରେ ଉଭୟ ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ସେହି ଅନୁଯାୟୀ ଆନ୍ଧ୍ର ସରକାର ଗୋଟା ଠାରେ ବ୍ୟାରଜ୍ ନିର୍ମାଣ ଆରମ୍ଭ କରି ୧୯୭୨ ମସିହାରେ ପ୍ରକଳ୍ପ କାର୍ଯ୍ୟ ଶେଷ କରି ବାମ କେନାଲ ଅଞ୍ଚଳର ହଜାର ହଜାର ଏକର ଚାଷ ଜମିରେ ଜଳସେଚିତ କରିବାରେ ସକ୍ଷମ ହୋଇଥିଲେ। କିନ୍ତୁ ଓଡିଶା ସରକାର ଚୁକ୍ତି ଅନୁଯାୟୀ ପାଣିଡଙ୍ଗର ନିକଟରେ ବ୍ୟାରଜ ନିର୍ମାଣ ନକରି ଚୁପ ରହିଲେ। ଉଲ୍ଲେଖନୀୟ ବିଷୟ ହେଉଛି ଆନ୍ଧ୍ର ସରକାର ବଂଶଧାରା ନଦୀ ଉପରେ ଦ୍ୱିତୀୟ ବ୍ୟାରଜ ନିର୍ମାଣ ପାଇଁ ୧୯୮୦ ମସିହାରେ ଗୁଣପୁର ଠାରୁ ମାତ୍ର ୧୦ କିମି ଦୂର ତଳମୁଣ୍ଡରେ ନେରେଡି ଠାରେ ଆଉ ଏକ ପ୍ରକଳ୍ପ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ସର୍ଭେ କାର୍ଯ୍ୟ ଶେଷ କରି କର୍ମଚାରୀଙ୍କ ପାଇଁ ବାସଗୃହ ମଧ୍ୟ ନିର୍ମାଣ କାମ ସାରିଦେଇଥିଲେ। ଏହି ପ୍ରକଳ୍ପ ନିର୍ମାଣ ହେଲେ ଗୁଣପୁର ସହର ସମେତ ବ୍ଲକ ଅଂଚଳ ଓ ଗଜପତି ଜିଲ୍ଲାର କାଶିନଗର ବ୍ଲକର ଶତାଧିକ ଗ୍ରାମ ଓ ହଜାର ହଜାର ଏକର ଚାଷ ଜମି ବୁଡିଯିବା ଆଶଙ୍କା ଥିବାରୁ ଅଂଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ସେତେବେଳେ ବିପ୍ଳବୀ ନେତା ନାଗଭୂଷଣ ପଟ୍ଟନାୟକ ଓ କମ୍ୟୁନିଷ୍ଟ ନେତା ଭୂବନ ମୋହନ ପଟ୍ଟନାୟକଙ୍କ ନେତୃତ୍ୱରେ ଆନ୍ଦୋଳନ ଓ ଆମରଣ ଅନଶନ ଇତ୍ୟାଦି କରାଯାଇ ଜନକୀ ବଲ୍ଲଭ ପଟ୍ଟନାୟକ ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଯାଇଥିଲା। ଏହାପରେ ରାଜ୍ୟ ସରକାର କେନ୍ଦ୍ରରେ କଂଗ୍ରେସ ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ଉକ୍ତ ପ୍ରକଳ୍ପକୁ କିଛି ବର୍ଷ ପାଇଁ ବନ୍ଦ କରିବାରେ ସକ୍ଷମ ହୋଇଥିଲେ। ଅପର ପକ୍ଷରେ ଆନ୍ଧ୍ର ସରକାର ପ୍ରକଳ୍ପ ନିର୍ମାଣ ପାଇଁ ଉଦ୍ୟମ ଜାରି ରଖି ୨୦୦୩ ମସିହାରେ ନେରେଡି ନିକଟରେ କାଟ୍ରାଗାଡାରେ ବଂଶଧାରା ନଦୀ ଉପରେ ୯୫୦ କୋଟି ଟଙ୍କା ବ୍ୟୟରେ ଏକ ରବର ଡ୍ୟାମ ନିର୍ମାଣ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ରାଜଶେଖର ରେଡି ସରକାର ଶୁଭାରମ୍ଭ କରିଥିଲେ। ଡାହାଣ କେନାଲରେ ପାଣି ନେଇ ଶ୍ରୀକାକୁଲମ ଓ ବିଜୟନଗରମ ଜିଲ୍ଲାର ଚାଷ ଜମି ଗୁଡିକୁ ଜଳସେଚିତ କରିବା ପିଁ ପ୍ରୟାସ କରିଥିଲେ। ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ ଆରମ୍ଭ କରି ପ୍ରାୟ ୫୦ ପ୍ରତିଶତ କାର୍ଯ୍ୟ ଶେଷ କରିଥିଲେ। ତେବେ ଗୁଣପୁର ଓ କାଶୀନଗର ଅଞ୍ଚଳରେ ଆନ୍ଧ୍ର କାଟ୍ରାଗାଡା ପ୍ରକଳ୍ପକୁ ତୀବ୍ର ବିରୋଧ ସହ ଆନ୍ଦୋଳନ କରାଯାଇଥିଲା। ଏହାପରେ ନବୀନ ସରକାରଙ୍କ ଚେତାପଶିଥିଲା। ଆନ୍ଧ୍ର ସରକାରଙ୍କୁ ଚକମା ଦେଖାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଂଶଧାରା-ରଷିକୁଲ୍ୟା ନଦୀ ସଂଯୋଗୀକରଣ ପ୍ରକଳ୍ପ ପାଇଁ ଯୋଜନା କରାଗଲା। ଏହାଦ୍ୱାରା ଆନ୍ଧ୍ରକୁ ଆବଶ୍ୟକ ଜଳ ନମିଳିଲେ କାଟ୍ରାଗଡା ପ୍ରକଳ୍ପ ଫେଲ ହେବ ବୋଲି ଚିନ୍ତା କରାଯାଇଥିଲା। ନଦୀ ସଂଯୋଗୀକରଣ ଦ୍ୱାରା ଉଭୟ ରାୟଗଡା ଓ ଗଞ୍ଜାମ ଜିଲ୍ଲାର ହଜାର ହଜାର ଚାଷ ଜମି ଜଳସେଚିତ ହେବା ଦ୍ୱାରା ଚାଷୀ ଉପକୃତ ହେବେ, ନଦୀର ବନ୍ୟା ନିୟନ୍ତ୍ରଣ ସହ ଲୋକଙ୍କୁ ଆବଶ୍ୟକ ପରିମାଣରେ ବିଶୁଦ୍ଧ ପାନୀୟ ଜଳ ମିଳିପାରିବ। ବିଶେଷ କରି ବ୍ରହ୍ମପୁର ସହର ପାଇଁ ଜଳ ସଙ୍କଟ ଦୂର ହୋଇପାରିବ ବୋଲି ପରିକଳ୍ପନା କରାଯାଇଥିଲା। ଗୋଟିଏ ପଟେ ୨୦୦୬ ମସିହା ଜୁନ ମାସରେ ରାୟଗଡା ଜିଲ୍ଲା ଗୁଡାରୀରେ ବଂଶଧାରା-ରଷିକୁଲ୍ୟା ଡିଭିଜନ ନାମରେ ଏକ ସର୍ଭେ ଅଫିସ ତତ୍କାଳୀନ ଜଳସଂପଦ ରାଷ୍ଟ୍ରମନ୍ତ୍ରୀ ରବି ନାରାୟଣ ନନ୍ଦ ଉଦଘାଟନ କରିଥିବା ବେଳେ ସେହି ବର୍ଷ ରାଜ୍ୟ ସରକାର କାଟ୍ରାଗାଡା ପ୍ରକଳ୍ପ ବନ୍ଦ କରିବା ପାଇଁ ସୁପ୍ରିମକୋର୍ଟରେ ଦ୍ୱାରସ୍ଥ ହୋଇ ବଂଶଧାରା ଟ୍ରିବୁନାଲ ଗଠନ କରିବାକୁ ନିବେଦନ କରିଥିଲେ। ସୁପ୍ରିମକୋର୍ଟ ନିର୍ଦ୍ଦେଶକ୍ରମେ ୨୦୧୦ ମସିହାରେ ବଂଶଧାରା ଟ୍ରିବୁନାଲ ଗଠନ କରାଯାଇ ପୁନଃ ସର୍ଭେ ପାଇଁ କେନ୍ଦ୍ରୀୟ ଜଳ ଆୟୋଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ୨୦୧୦ ମେ ୨୨ ତାରିଖରେ ବଂଶଧାରା-ରଷିକୁଲ୍ୟା-ନାଗାବଳୀ ଡିଭିଜନର ଇଂଜିନିୟରିଂ ଇନ୍ ଚିଫ୍ ଆର ଏନ ସ୍ୱାଇଁ ଓ ଜଳ ସଂପଦ ବିଭାଗର ସଚିବ ସୁରେଶ ମହାପାତ୍ରଙ୍କ ନେତୃତ୍ୱରେ ଏକ ୫ ଜଣିଆ ଇଂଜିନିୟର ଦଳ ପ୍ରକଳ୍ପ ସ୍ଥଳ (ଆନ୍ଧ୍ର-ଓଡିଶା ପଟ)କୁ ଯାଇ ସର୍ଭେ କରି ଫେରି ଯାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ନବୀନ ସରକାରଙ୍କ ବଂଶଧାରା-ରଷିକୁଲ୍ୟା ନଦୀ ସଂଯୋଗୀକରଣ ଯୋଜନା ମଧ୍ୟ ପାଣିଡଙ୍ଗର ପ୍ରକଳ୍ପ ଭଳି ଫୁ ହୋଇ ପବନରେ ମିଳେଇଗଲା। ବେଳ ଥାଉଣୁ ପ୍ରକଳ୍ପ ନକରିବା ଦ୍ୱାରା ପଡୋଶୀ ରାଜ୍ୟ ଓଡିଶାର ନଦୀ ଜଳକୁ ଅପହରଣ ପାଇଁ ଉଦ୍ୟମ କରିଛନ୍ତି। ହେଲେ ରାଜ୍ୟ ସରକାର ସବୁ ଶେଷ ହେବା ବେଳକୁ ଲୋକ ଦେଖାଣିଆ ବିରୋଧ କରୁଥିବା ବେଳେ ପ୍ରସ୍ତାବିତ ପ୍ରକଳ୍ପକୁ ନିର୍ମାଣ କରିବା ଭୁଲିଯାଉଛି।

### ପରିବେଶ ...

ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୨ତାରିଖକୁ ଧାର୍ଯ୍ୟ କରିଛନ୍ତି। ବିଚାରପତି ନିଶିଥ ମାତ୍ରେ କହିଛନ୍ତି ଯେ ଜାତୀୟ ପରିବେଶ ଅଦାଲତର ରାୟ ଉପରେ ହାଇକୋର୍ଟ ହସ୍ତକ୍ଷେପ କରିପାରିବେ ନାହିଁ। ଏ ନେଇ ସୁପ୍ରିମକୋର୍ଟରେ ଆବେଦନ କରାଯାଇପାରେ। ଛତିଶଗଡ଼ ସରକାର ଏହି ଆବେଦନକୁ ପ୍ରତ୍ୟାହାର ନ କଲେ ବାଧହୋଇ ଏହାକୁ ଅଦାଲତ ଖାରଜ କରିବେ। ଏହି ପରିପ୍ରେକ୍ଷୀରେ ଛତିଶଗଡ଼ ସରକାରଙ୍କ ପକ୍ଷରୁ ପ୍ରଶାସକ ଓ ଆଇନଜୀବୀମାନେ ଆବେଦନ କରିଥିଲେ ଯେ ଏହାର ଶୁଣାଣି ତାରିଖ ଧାର୍ଯ୍ୟ ହେଉ। ଉଲ୍ଲେଖଯୋଗ୍ୟ ଯେ ଆଗାମୀ ଓଡ଼ିଶାର ଆବାହକ ସୁଦର୍ଶନ ଦାସ ଓ ଆଇନଜୀବୀ ଅଶୋକ କୁମାର ଦାସ ଓଡ଼ିଶା ପକ୍ଷରୁ ଯୁକ୍ତି ବାଢ଼ିଥିଲେ ଯେ ମହାନଦୀ ମୁହାଣରେ ଏଭଳି ପ୍ରକଳ୍ପ ଦ୍ୱାରା ପରିବେଶର କ୍ଷତି ଘଟିଛି। ଏହା ସହିତ ମହାନଦୀ ଓଡ଼ିଶାର ଜୀବନରେଖା ଭାବେ ପରିଚିତ ଥିବାରୁ ଏହାଦ୍ୱାରା ନାହିଁ ନଥିବା କ୍ଷତିର ସମ୍ଭାବନା ରହିଛି। ଛତିଶଗଡ଼ ସରକାରଙ୍କ ଆବେଦନକୁ ବାତିଲ କରିବା ସଙ୍ଗେ ସଙ୍ଗେ ନିର୍ମାଣାଧୀନ ପ୍ରକଳ୍ପକୁ ପ୍ରତ୍ୟାହାର କରାଯାଉ ବୋଲି ସେମାନେ ଦାବି କରିଥିଲେ। ଏହି ପ୍ରସଙ୍ଗ ନେଇ ଜାତୀୟସ୍ତରରେ ମଧ୍ୟ ଆନ୍ଦୋଳନ ଚାଲିଛି; ଦିଲ୍ଲୀ ଓ ଅନ୍ୟ ମହାନଗରୀରେ ପ୍ରତିବାଦ ସଭା ଏବଂ ଧାରଣା ଦିଆଯାଉଛି। ଏହା ଉପରେ ଅଦାଲତ ସ୍ୱତନ୍ତ୍ର ଦୃଷ୍ଟି ଦେବା ଉଚିତ। ମହାନଦୀର ପର୍ଯ୍ୟାବରଣ ଓ ପ୍ରାକୃତିକ ପ୍ରବାହର ସୁରକ୍ଷା ପାଇଁ ତଥା ଓଡ଼ିଶାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ କଲକାତା ହାଇକୋର୍ଟ ଆହୁରି ସଯତ୍ନ ହେବା ଉଚିତ।

### ୯୯% ଫେରିଛି ...

ଅଚାନକ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଅଚଳ ଘୋଷଣା କରିଥିଲେ। ଏହା ପରେ ସରକାର ପୁରୁଣା ନୋଟ୍ ବ୍ୟାଙ୍କ୍‌ରେ ଜମାଦେବା ପାଇଁ ୫୦ ଦିନ ସମୟ ଦେଇଥିଲେ। ୨୦୧୬ ଡିସେମ୍ବର ୩୦ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ଏହି ସୁବିଧା ଦିଆଯାଇ ଥିଲା ବେଳେ ପ୍ରବାସୀ ଭାରତୀୟ ଓ ଅନ୍ୟ କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପାଇଁ ଏହି ସମୟ ସୀମା ୨୦୧୭ ଜୁନ୍ ୩୦ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା। ଆରବିଆଇ ପକ୍ଷରୁ କୁହାଯାଇଛି ଯେ ୨୦୧୬-୧୭ ଆର୍ଥିକ ବର୍ଷରେ ନୂଆ ନୋଟ୍ ସମେତ ଅନ୍ୟ ପୁରୁଣା ନୋଟ୍ ଛପାଇବା ପାଇଁ ପ୍ରାୟ ୩୧,୧୫୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୦୧୪-୧୫ ଆର୍ଥିକ ବର୍ଷରେ ନୋଟ୍ ଛପାଇବା ପାଇଁ ମାତ୍ର ୧୪,୯୯୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଅର୍ଥାତ ଗତବର୍ଷ ତୁଳନାରେ ଏ ବର୍ଷ ନୋଟ୍ ଛାପିବା ପାଇଁ ଦୁଇ ଗୁଣ ଅଧିକ ଅର୍ଥ ଖର୍ଚ୍ଚ କରାଯାଇଛି। ପ୍ରଚଳିତ ପୁରୁଣା ନୋଟ୍ ଛାପିବା ପାଇଁ ୨୦୧୬-୧୭ରେ ଆର୍‌ବିଆଇ ପ୍ରାୟ ୭,୯୬୫ କୋଟି ଟଙ୍କା ଖର୍ଚ୍ଚ କରିଛି। ପୂର୍ବ ବର୍ଷ ଏହି ଛାପିବା ଖର୍ଚ୍ଚ ୩,୪୨୦ କୋଟି ରହିଥିଲା ବୋଲି ଏହି ବାର୍ଷିକ ରିପୋର୍ଟରେ କୁହାଯାଇଛି। ୨୦୧୬-୧୭ ଆର୍ଥିକ ବର୍ଷରେ ଆର୍‌ବିଆଇ ପାଖକୁ ସମୁଦାୟ ୭.୬୨ ଲକ୍ଷ ଖଣ୍ଡ ନକଲି ନୋଟ୍ ଆସିଛି, ଅର୍ଥାତ୍ ପୂର୍ବ ବର୍ଷ ତୁଳନାରେ ଏ ବର୍ଷ ୨୦.୪% ଅଧିକ ନକଲି ନୋଟ୍ ଆର୍‌ବିଆଇକୁ ଆସିଛି। ବର୍ତ୍ତମାନ ବଜାରରେ ସମୁଦାୟ ୧୫.୦୬ ଲକ୍ଷ କୋଟି ମୂଲ୍ୟର ନୋଟ୍ ପ୍ରଚଳନ ରହିଛି ବୋଲି ଆର୍‌ବିଆଇ ତା' ବାର୍ଷିକ ରିପୋର୍ଟରେ ଉଲ୍ଲେଖ କରିଛି।

### ଲୋକାଭିମୁଖୀ ...

ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷତ ପରେ ଡ.ଶର୍ମା କହିଥିଲେ ଯେ ପୁଲିସକୁ ଲୋକାଭିମୁଖୀ କରିବା ଏବଂ ନିରପେକ୍ଷ ଓ ସ୍ୱଚ୍ଛତା ରକ୍ଷା କରି କାର୍ଯ୍ୟ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଖୁବ୍ ଶୀଘ୍ର ସମସ୍ତ ଏସ୍‌ପିଙ୍କୁ ଅବଗତ କରାଇଦିଆଯିବ। ଏଥିସହ ଡ. ଶର୍ମା କହିଥିଲେ ଯେ ସଂପ୍ରତି ପୁଲିସର ଦାୟିତ୍ୱ ବଢ଼ିଯାଇଛି। ନାଗରିକଙ୍କୁ ସୁରକ୍ଷା ଦେବା ଓ ସାଇବର ଅପରାଧ ରୋକିବା ଭଳି ଆହ୍ୱାନକୁ ପୁଲିସ ଯେପରି ନିଷ୍ଠାର ସହ ପାଳନ କରିବ ସେ ଦିଗ ଉପରେ ଗୁରୁତ୍ୱ ଦିଆଯିବ। ରାଜ୍ୟରେ ମାଓ ମୁକାବିଲା କ୍ଷେତ୍ରରେ ପୂର୍ବରୁ ଯେଭଳି ରଣକୌଶଳ ଅବଲମ୍ବନ କରାଯାଇଥିଲା ତାହା ବଳବତ୍ତର ରଖାଯିବା ସହିତ ପୁଲିସକୁ ଏଥିପାଇଁ ଅଧିକ ଦକ୍ଷତାର ସହିତ କାର୍ଯ୍ୟ କରିବା ନିମନ୍ତେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ କରାଯିବ। ରାଜ୍ୟରେ ବ୍ଲୁ ହ୍ୱେଲ ଆତଙ୍କ ଦେଖାଦେଇଥିବା ବେଳେ ଏହାକୁ କିଭଳି ପୁଲିସ ମୁକାବିଲା କରିବ ବୋଲି ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ ଡ.ଶର୍ମା କହିଥିଲେ ଯେ ଏହା ଉଦ୍‌ବେଗର ବିଷୟ। ପିଲାଙ୍କ ଜୀବନ ନେଉଥିବା ଏଭଳି ଖେଳରେ କେତେ ପିଲାଙ୍କ ଜୀବନ ଗଲାଣି ସେ ବିଷୟରେ ତର୍ଜମା କରାଯାଇ ଉଚିତ ପଦକ୍ଷେପ ଗ୍ରହଣ କରାଯିବ। ବ୍ଲୁ ହ୍ୱେଲ ଖେଳ ସମ୍ପର୍କରେ କମିଶନରେଟ ପୁଲିସ ସମେତ ସମସ୍ତ ଥାନାଗୁଡ଼ିକୁ ଏଥିନେଇ ସତର୍କ ରହିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ଜାରି କରାଯାଇଛି ବୋଲି ସେ କହିଥିଲେ। ଗତକାଲି ଡିଜି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଡ. ଶର୍ମା ସଚିବାଳୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟପ୍ରସାଦ ପାଢ଼ୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।

### ଚେନ୍‌ରେ ...

ଖବର ଅନୁସାରେ ବ୍ରହ୍ମଗିରି ବ୍ଲକ୍‌ର ଜଣେ ବିବାହିତା ମହିଳାଙ୍କୁ ଏହି ବ୍ଲକ୍ ଅନ୍ତର୍ଗତ ଧର୍ମକିର୍ତ୍ତି ଗାଁର ରମେଶ ଭୋଇ ନାମକ ଜଣେ ବିବାହିତ ଯୁବକ ବାରମ୍ବାର ଫୋନ୍ କରି ହଇରାଣ କରୁଥିଲେ। ଅଶାଳୀନ ମନ୍ତବ୍ୟ ଓ ଗାଳିଗୁଲଜ ମଧ୍ୟ କରୁଥିବା ନେଇ ମହିଳା ଜଣଙ୍କ ତାଙ୍କ ସମ୍ପର୍କୀୟଙ୍କୁ ଅବଗତ କରିଥିଲେ। ଫୋନ୍ କରି ହଇରାଣ କରୁଥିବା ଟେଲିଫୋନ୍ ନମ୍ବରକୁ ମହିଳାଙ୍କର ସମ୍ପର୍କୀୟ ବ୍ରହ୍ମଗିରିଠାରେ ଠାବ କରିଥିଲେ। ସମ୍ପର୍କୀୟମାନେ ବ୍ରହ୍ମଗିରି ବଜାରର ଗୋପ ଛକଠାରେ ପହଞ୍ଚି ଫୋନ୍ ନମ୍ବର ମୁତାବକ ଯୁବକଙ୍କୁ ଠାବ କରିବା ସହିତ ତାଙ୍କୁ କାବୁ କରି ନେଇଥିଲେ। ପୂର୍ବ ଯୋଜନା ମୁତାବକ ମହିଳାଙ୍କ ସମ୍ପର୍କୀୟମାନେ ରମେଶଙ୍କୁ ଏକ ଲୁହା ଚେନ୍‌ରେ ବାଇକ୍ ପଛରେ ବାନ୍ଧି ବ୍ରହ୍ମଗିରି ବଜାରରେ ପୁରୀ-ସାତପଡ଼ା ରାଜପଥ ଦେଇ ରାଜପଥ ଉପରେ ଦୁଇ କିଲୋମିଟର ଘୋଷାରି ଘୋଷାରି ଥାନାକୁ ଆଣିଥିଲେ। ଏନେଇ ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ୍ ଏକ ମାମଲା ରୁଜୁ କରିଥିବା ବେଳେ ରମେଶଙ୍କ ପତ୍ନୀଙ୍କ ଅଭିଯୋଗ ଅନୁସାରେ ଅନ୍ୟ ଏକ ମାମଲା ରୁଜୁ ହୋଇଛି। ଏଥିସହ ରମେଶଙ୍କୁ ଲୁହାଚେନ୍‌ରେ ବାନ୍ଧି ଆଣିଥିବା ଯୁବକ ଚିନ୍ମୟ ବରାଳଙ୍କୁ ପୁଲିସ ଗିରଫ କରିଛି। ତେଣୁ ସାମ୍ପ୍ରତିକ ସମାଜରେ ସଭ୍ୟ ଶିକ୍ଷିତ ମଣିଷମାନେ ଉଦ୍‌ଭ୍ରାନ୍ତ ହୋଇ କେତେବେଳେ କ'ଣ କରି ବସୁଛନ୍ତି ସେ ସମ୍ପର୍କରେ ସଚେତନ ହେଉନାହାନ୍ତି। ଫଳରେ ସମାଜରେ ନିଜର ମାନସମ୍ମାନ ଓ ପ୍ରତିଷ୍ଠା ହାନୀ ହେଉଛି ବୋଲି ସେମାନେ ଅନୁଭବ କରିପାରୁ ନାହାନ୍ତି। ହେଲେ ଯେଉଁମାନେ ଏଭଳି ବର୍ବରକାଣ୍ଡ ଘଟାଇଲେ ସେମାନେଙ୍କୁ ଏଭଳି ଅଧିକାର କିଏ ଦେଲା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଅପରାଧ ବା ଅନ୍ୟାୟ ଧରିବା କ୍ଷେତ୍ରରେ ପ୍ରଶାସନିକ ବ୍ୟବସ୍ଥା ଓ ଆଇନ୍ ଶୃଙ୍ଖଳା ରକ୍ଷା କରିବାକୁ ସ୍ଥାନୀୟ ଥାନା ଥିଲେ ବି ଆରମ୍ଭରୁ ସେଠାରେ ଅଭିଯୋଗ କରାନଯାଇ ଯୁବକ ଜଣଙ୍କ ପ୍ରତି ଯେଭଳି ଅତ୍ୟାଚାର କରାଗଲା ତାହା ଅତ୍ୟନ୍ତ ନିନ୍ଦନୀୟ। ତେଣୁ ଯେଉଁମାନେ ଆଇନ୍‌କୁ ହାତକୁ ନେଉଛନ୍ତି ସେମାନେ ଆଗକୁ ସାବଧାନ ରହିବା ଉଚିତ୍।



# ଦିନନାଥଙ୍କ ଜୀବନୀ 'ଚିତ୍ରାଙ୍ଗୀ'



**ଭୁବନେଶ୍ୱର :** ପ୍ରତିଷ୍ଠିତ ଚିତ୍ରକାର, ମାର୍ଗଦର୍ଶକ ତଥା ଶିକ୍ଷକ ଡ. ଦିନନାଥ ପାଠୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ଅବସରରେ 'ଚିତ୍ରାଙ୍ଗୀ' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଲଳିତକଳା ଏକାଡେମୀରେ ରାଜ୍ୟପାଳ ଡ. ଏସ୍‌ସି ଜମିର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କୁଆଲାଲୁମ୍ପୁର ସୂତ୍ର ଫାଉଣ୍ଡେସନ୍ ଅଧ୍ୟକ୍ଷ ଦାତୁକ ରାମଲି ଇବ୍ରାହିମ୍, ଜାତୀୟ ମଡର୍ଣ୍ଣ ଆର୍ଟ ଗ୍ୟାଲେରିର ମହାନିର୍ଦ୍ଦେଶକ ଅଦ୍ୱୈତ ଗଡ଼ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିନନାଥ ପାଠୀଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଡ. ପାଠୀଙ୍କ ଜୀବନକୁ ନେଇ 'ଚିତ୍ରାଙ୍ଗୀ' ନାମକ ଏକ ସୂଚୀ ବା କ୍ୟାଟଲଗ୍, ସୃଜନିକା ଦ୍ୱାରା ତାଙ୍କ ଲେଖାର ଏକ ଡିଜିଟାଲ ସଙ୍କଳନ ଉନ୍ମୋଚିତ ହୋଇଥିଲା। ଏହାସହ ତାଙ୍କ ଆତ୍ମଜୀବନୀ ଉପରେ ଉମେଶ ନାୟକଙ୍କ ଦ୍ୱାରା ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ଏବଂ ଥାର୍ଡ ଆଏ କମ୍ୟୁନିକେସନ ଦ୍ୱାରା ଏକ ୱେବସାଇଟ୍‌କୁ ମଧ୍ୟ ଅତିଥିମାନେ ଉନ୍ମୋଚନ କରିଥିଲେ। ଡ. ଦିନନାଥ କିପରି ପ୍ରତିଷ୍ଠାତା ଅଧ୍ୟକ୍ଷ ଭାବେ ଆଇପିସିଏର ମୂଳ ଲକ୍ଷ୍ୟ ସାଧନ କରିବାକୁ କାର୍ଯ୍ୟ କରିଥିଲେ, ସେ ଦିଗରେ ଆଇପିସିଏ ଅଧ୍ୟକ୍ଷା ପଞ୍ଚମୀ ମାନୁ ଉକିଲ, ପ୍ରତିଷ୍ଠାତା ଟ୍ରଷ୍ଟି ପାରମିତା ମହାପାତ୍ର ଆଲୋକପାତ କରିଥିଲେ। ସେହିପରି ମଡର୍ଣ୍ଣ ଆର୍ଟକୁ ଏକ ବୈପ୍ଳବିକ ଦିଗ ଦେଇ ଓଡ଼ିଶାକୁ ବିଶ୍ୱ ମାନଚିତ୍ରରେ ସ୍ଥାନ ଦେଇଥିବା ଡ. ପାଠୀଙ୍କ ପ୍ରଭାବକୁ ଉପସ୍ଥାପନା କରିଥିଲେ ଦାତୁକ ରାମଲି ଇବ୍ରାହିମ୍ ଓ ଅଦ୍ୱୈତ ଗଡ଼ନାୟକ। ତାଙ୍କ ଜୀବନୀକୁ ନେଇ 'ଚିତ୍ରାଙ୍ଗୀ' ନାମକ ପୂର୍ବବ୍ୟାପୀକୁ ଜ୍ୟୋତିରଞ୍ଜନ ସ୍ୱାଇଁଙ୍କ ଡିଜାଇନ୍ ସହଯୋଗରେ ଖ୍ୟାତିସମ୍ପନ୍ନ କଳାକାର ରାମହରି ଜେନା ସଂସ୍ଥାପନ କରିଛନ୍ତି। ଆଇପିସିଏର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଚିତ୍ରାଙ୍ଗୀ ସମ୍ପାଦକ ସୁକନ୍ୟା ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ପ୍ରତିଷ୍ଠିତ ସାହିତ୍ୟିକ ଡ. ସୀତାକାନ୍ତ ମହାପାତ୍ର, ଡ. ଜେପି ଦାସ, ଦେବଦାସ ଛୋଟରାୟ, ଡା. ଅରବିନ୍ଦ ବେହେରା, ପ୍ରଫେସର ଯତୀନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ଏକ ଚିତ୍ର ପ୍ରଦର୍ଶନୀକୁ ରାଜ୍ୟପାଳଙ୍କ ସହ ଅନ୍ୟ ଅତିଥିମାନେ ପରିଦର୍ଶନ କରିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଲଳିତକଳା ଏକାଡେମୀ ରିଜିଓନାଲ ଆର୍ଟ ଗ୍ୟାଲେରିରେ ଚାଲିବ।

# ଶିରୋନାମାରେ ବିଦିତା



ବଲିଉଡ୍ ସିନେମା 'ବାବୁମୋସାଏ ବନ୍ଧୁକବାଜ୍' ଏବେ ଢେର ଚର୍ଚ୍ଚାରେ ରହିଛି। ଚର୍ଚ୍ଚାରେ ରହିବାର କାରଣ ସ୍ୱରୂପ ଏଥିରେ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ବିଦିତା ବାଗ। ସିନେମାର ଚରିତ୍ର ଅନୁଯାୟୀ ତାଙ୍କର ନାମ ରହିଛି ଫୁଲଓ୍ୱା। ଦକ୍ଷ ଅଭିନେତା ନଓ୍ୱାଜୁଦ୍ଦିନ ସିଦ୍ଦିକ୍‌ଙ୍କ ବିପକ୍ଷରେ ରୋଲ୍ କରୁଛନ୍ତି ବିଦିତା। ଏହି ବିଦିତା କିଏ ବୋଲି ଆପଣ ଜାଣନ୍ତି କି ? ଯଦି ଜାଣିନାହାନ୍ତି ଜାଣି ନିଅନ୍ତୁ, ସେ ଆଉ କେହି ନୁହନ୍ତି ଏହି ଆମରି ମାଟି ଓଡ଼ିଶାର ଝିଅ। ପୂର୍ବରୁ ବିଦିତା ଓଡ଼ିଆ ଫିଲ୍ମରେ ନାୟିକା ଭାବେ କାମ କରିଛନ୍ତି। ହେଲେ ଏଠାରେ ସେ ସେତିକି ପ୍ରସିଦ୍ଧି ପାଇପାରି ନାହାନ୍ତି ବା ଚର୍ଚ୍ଚାର ଶିରୋନାମାରେ ରହିପାରି ନାହାନ୍ତି। କିନ୍ତୁ 'ବାବୁମୋସାଏ ବନ୍ଧୁବାଜ୍' ଚଳଚ୍ଚିତ୍ର ଆଜି ବିଦିତାଙ୍କୁ ସାରା ଦେଶରେ ଏକ ନୂଆ ପରିଚୟ ଦେଇଛି। ବିଦିତା ଯେଉଁ ଓଡ଼ିଆ ସିନେମାରେ ଅଭିନୟ କରିଥିଲେ ସେ ସିନେମା ଥିଲା 'ଭଉଁରୀ-ଦ ସିଙ୍କିଙ୍ଗ ରିଅଲିଟି'। ଏଥିରେ ଜହ୍ନ ଚରିତ୍ରରେ ସେ ଅଭିନୟ କରିଥିଲେ ଏବଂ ଏହାଥିଲା ଗୋଟିଏ ସରଳା ଆଦିବାସୀ ଝିଅର ଚରିତ୍ର। ଏଥିରେ ବିଦିତାଙ୍କ ନାୟକ ସାଜିଛନ୍ତି ଓଡ଼ିଆ ଷ୍ଟାର ଅରିନ୍ଦମ। ଅତିଷ କୁମାର ରାଉତଙ୍କ ପ୍ରଯୋଜିତ ତଥା ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ 'ଭଉଁରୀ-ଦ ସିଙ୍କିଙ୍ଗ ରିଅଲିଟି'ରେ ମିହିର ଦାସ ଏବଂ ମନୋଜ ମିଶ୍ରଙ୍କ ଭଳି ଚର୍ଚ୍ଚିତ ମୁହଁ ମଧ୍ୟ ଦେଖିବାକୁ ମିଳିବ। ବଙ୍ଗଳା ଚଳଚ୍ଚିତ୍ର 'ମୁକ୍ତି'ରୁ ବିଦିତା ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏବେ ଏକ ନାମି ଫେୟାରନେସ୍ କ୍ରିମ୍ ପାଇଁ ବିଜ୍ଞାପନ କରି ଚର୍ଚ୍ଚାରେ ଅଛନ୍ତି ବିଦିତା।

# ହରିଚନ୍ଦ୍ର ଓ ମୋହନଙ୍କୁ ସାହସିକତା ପୁରସ୍କାର




**ଭୁବନେଶ୍ୱର :** ଜୟଦେବ ଭବନରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ବିଜୁ ପଟ୍ଟନାୟକ ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ବର୍ତ୍ତମାନ ଭୁବନେଶ୍ୱର କ୍ରୀଡ଼ାର ମୁଖ୍ୟ ପେଢ଼ସ୍ଥଳୀ ପାଲଟିଛି। ମାତ୍ର ୯୦ ଦିନ ଭିତରେ ଏସୀୟ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜନ କରି ବିଶ୍ୱସ୍ତରରେ ଓଡ଼ିଶା ସଫଳ ହୋଇଛି। ଏହି ଅବସରରେ ନିଜର ସାହସିକତା ପାଇଁ ହରିଚନ୍ଦ୍ର ହିଆଲ ଓ ମୋହନ ଗରଡ଼ାଙ୍କୁ 'ବିଜୁ ପଟ୍ଟନାୟକ ସାହସିକତା' ପୁରସ୍କାର ପ୍ରଦାନ କରାଯାଇଛି। ଉଭୟଙ୍କୁ ରୌପ୍ୟ ପଦକ ସହ ଉପଢ଼ୌକନ ପ୍ରଦାନ କରାଯାଇଛି। ସାମାଜସେବା କ୍ଷେତ୍ରରେ ମୀରା ପରିଡ଼ା, ଝସକେତନ ରାଣାଜ, ମନୋଜ କୁମାର ଦାନୀ, ଦିନେଶ କୁମାର ମଲ୍ଲିକ, ଚିନ୍ମୟ କୁମାର ବେବର୍ତ୍ତା ଓ ଗ୍ରେସୀ ମୋଲ ବାଗଙ୍କୁ ରାଜ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରତ୍ୟେକଙ୍କୁ ପୁରସ୍କାର ସ୍ୱରୂପ ଉପଢ଼ୌକନ ଓ ୨୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ସଚିବ ବିଶାଳ ଦେବ, ନିର୍ଦ୍ଦେଶକ ଆର୍ ଭିନିଲ୍‌କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

# ଆଞ୍ଚଳିକ ଖବର

## ଫେସ୍‌ବୁକ୍ ନ୍ୟୁଜ୍ ସର୍ଭିସ ପକ୍ଷରୁ ବିତର୍କ

# 'ସାମ୍ବାଦିକତା ସମ୍ମାନ ଓ ସ୍ୱୀକୃତି ଦେଉଛି'






**ଭୁବନେଶ୍ୱର :** ସାମ୍ବାଦିକତା ଏଭଳି ଏକ ବୃତ୍ତି ଯାହା ଆମକୁ ସମ୍ମାନ ଓ ସ୍ୱୀକୃତି ପ୍ରଦାନ କରୁଛି। ପ୍ରତିବଦଳରେ ଆମଠୁ ସାମାନ୍ୟ ସଂଯମ ଆଶା ରଖୁଛି ଏହି ବୃତ୍ତି। ଯେକୌଣସି ସାମ୍ବାଦିକ ଚେତନରେ ବା ଅବଚେତନରେ ଆଚରଣରେ ସଂଯମତା ଅବଲମ୍ବନ ନକଲେ ସେ ପ୍ରଦୂଷିତ ହୋଇଯିବାର ଆଶଙ୍କା ରହିଛି ବୋଲି ଫେସ୍‌ବୁକ୍ ନ୍ୟୁଜ୍ ସର୍ଭିସ ପକ୍ଷରୁ ଆୟୋଜିତ ବିତର୍କ ସଭାରେ ମତ ଦେଇଛନ୍ତି ବିଶିଷ୍ଟ ସାମ୍ବାଦିକ ସତ୍ୟପ୍ରକାଶ ନାୟକ। ସେ ଆହୁରି ମଧ୍ୟ କହିଥିଲେ ସମ୍ବାଦ ପରିବେଷଣ ଶୈଳୀ ବଦଳିଯିବା ଦ୍ୱାରା ଅସୁସ୍ଥ ପ୍ରତିଯୋଗିତା ଯୋଗୁ ସାମ୍ବାଦିକତାର ମୌଳିକ ଦୃଷ୍ଟିକୋଣ ବଦଳି ଯାଉଛି।

'ବଦଳି ଗଲାଣି କି ସାମ୍ବାଦିକତା' ଶୀର୍ଷକ ବିତର୍କରେ ଯୋଗ ଦେଇ ଅନ୍ୟତମ ବକ୍ତା 'କନକ ନ୍ୟୁଜ୍'ର ସମ୍ପାଦକ ମନୋରଞ୍ଜନ ମିଶ୍ର କହିଥିଲେ ଆଜିକାଲ ସାମ୍ବାଦିକତା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଗଣମାଧ୍ୟମ ଭିତରକୁ ଗଣତନ୍ତ୍ର ପଶି ଆସିଥିବା କଥା କହିବା ସହ ସମ୍ପ୍ରତି କୌଣସି ଖବର ଆଉ ଚପିଯାଉନାହିଁ। ମୁଖ୍ୟସ୍ରୋତରେ ଥିବା ମିଡିଆ ମାନଙ୍କ ପାଇଁ ସାମାଜିକ ମାଧ୍ୟମମାନେ ନୂଆ ଖବର ଦାତା ସାଜିଛନ୍ତି। ଏଥିରେ ଅନ୍ୟତମ ବକ୍ତଭାବେ ଯୋଗଦେଇ ସାମ୍ବାଦିକ ତଥା ନାରୀ ନେତ୍ରୀ ସୁଲୋଚନା ଦାସ କହିଥିଲେ, ସାମ୍ବାଦିକତା ବୃତ୍ତି ତା'ର କାୟା ବିସ୍ତାର କରୁଛି। କିନ୍ତୁ ସାମ୍ବାଦିକମାନଙ୍କ ପ୍ରବୃତ୍ତି ବଦଳି ଯାଉଛି। ଫଳରେ ଖବରର ଗୁଣାତ୍ମକ ମାନ ରହୁନାହିଁ। ଏହି ବିତର୍କରେ ସାମ୍ବାଦିକ ସତ୍ୟଜିତ ମିଶ୍ର ଏବଂ 'ଏକମାତ୍ର'ର ସମ୍ପାଦକ ତାରକ ମହାନ୍ତି ଯୋଗ ଦେଇଥିଲେ। ବିନାୟକ ଦାଶଙ୍କ ଲୁଇସ୍ ରୋଡ ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବିତର୍କ ସଭାରେ ଫେସ୍‌ବୁକ୍ ନ୍ୟୁଜ୍ ସର୍ଭିସର ଆବାହକ ରାମଚଣ୍ଡୀ ପ୍ରସାଦ ରଣସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ସତ୍ୟଜିତ୍ ମିଶ୍ର ବିତର୍କ ସଭା ପରିଚାଳନା କରିଥିଲେ। ଅନୁଷ୍ଠାନର ବହୁ ସଦସ୍ୟ ଏବଂ ଆଇନ୍‌ଜୀବୀ ଲିଙ୍ଗରାଜ ଦାଶ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।






## ସବୁଜିମା ହେବ ସ୍ମାର୍ଟସିଟି ଭୁବନେଶ୍ୱର




ଗତ ଶୁକ୍ରବାର ଜୟଦେବ ଭବନରେ ଅନୁଷ୍ଠିତ ବିଡିଏର ୩୫ତମ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି, ଭବିଷ୍ୟତକୁ ଦୃଷ୍ଟିରେ ରଖି ଭୁବନେଶ୍ୱରକୁ ଆହୁରି ସବୁଜ ସୁନ୍ଦର କରାଯିବ। ଏହି ସହରର ସବୁଜିମାକୁ ଫେରାଇ ଆଣିବା ସହ ପରିବେଶ ଅନୁକୂଳ କରାଯିବ। ଆଗାମୀ ଦିନରେ ୨୫ଲକ୍ଷ ଲୋକଙ୍କ ପାଇଁ ଘର ନିର୍ମାଣ ଲକ୍ଷ୍ୟ ରହିଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ।

## ନୀଳାଦ୍ରି ବିହାରରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

# 'ଲୋକଙ୍କ ଦୀର୍ଘ ବର୍ଷର ସ୍ୱପ୍ନ ସାକାର'





**ଭୁବନେଶ୍ୱର :** ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ରାଜଧାନୀରେ ୬ କୋଟି ଟଙ୍କାର ୧୯ଟି ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବ ପାଳନର ପ୍ରଥମ ଦିବସରେ ୱାର୍ଡ ନମ୍ବର ୮ ନୀଳାଦ୍ରିବିହାର ସେକ୍ଟର-୧ ଛକରେ ଗୋଟିଏ ଶୌଚାଳୟ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ଅନନ୍ତ ନାରାୟଣ ଜେନା ଓ ବିଧାୟକ ପ୍ରିୟଦର୍ଶୀ ମିଶ୍ର।। ଏହି ଉତ୍ସବର ଅନ୍ତିମ ଦିବସରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ସହାୟତାରେ ନିର୍ମିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ନୀଳାଦ୍ରିବିହାର ଗୋପବନ୍ଧୁ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ନୀଳାଦ୍ରିବିହାର ଓ ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବା କ୍ଷେତ୍ରରେ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ଅତ୍ୟନ୍ତ ସହାୟକ ହୋଇପାରିବ। ଏଥିରେ ଭୁବନେଶ୍ୱର (ଉତ୍ତର) ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜୟ ମହାନ୍ତି, ଡେପୁଟି ମେୟର କେ ଶାନ୍ତି, ୮ନଂ ୱାର୍ଡ କର୍ପୋରେଟର ମୋନାଲିସା ସାହୁ, ୧୪ନଂ ୱାର୍ଡ କର୍ପୋରେଟର ଦେବୀ ପ୍ରସାଦ ମଲ୍ଲିକ,ବିଏମ୍‌ସିର ଜୋନାଲ ଡେପୁଟି କମିଶନର ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ୭୬ ଲକ୍ଷ ୧୬ ହଜାର ଟଙ୍କାରେ ୪ ହଜାର ବର୍ଗ ଫୁଟରେ ନିର୍ମିତ ଏହି ହସ୍ପିଟାଲ୍‌ରେ ୯ଟି ଗୃହ ରହିଛି। ଏଥିରେ ଜଣେ ମେଡିକାଲ୍ ଅଫିସରଙ୍କ ସହିତ ୩ ଜଣ ସ୍ପେଶାଲିଷ୍ଟ ରହିବେ। ସ୍ତ୍ରୀ ଓ ପ୍ରସୂତି ବିଭାଗ, ଶିଶୁ ବିଭାଗ ଓ ଚର୍ମ ବିଭାଗର ଡାକ୍ତରଙ୍କ ସମେତ ଫାର୍ମାସିଷ୍ଟ, ୨ଜଣ ଷ୍ଟାଫ୍ ନର୍ସ ଓ ଅନ୍ୟାନ୍ୟ ଷ୍ଟାଫ୍ ଏଠାରେ କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି।

ଏହି ଅବସରରେ ନିଜ ୱାର୍ଡରେ ହସ୍ପିଟାଲ ପ୍ରତିଷ୍ଠା ହୋଇଥିବାରୁ ପ୍ରଶାସନକୁ ଧନ୍ୟବାଦ ଜଣାଇବା ସହ କର୍ପୋରେଟର ମୋନାଲିସା ସାହୁ କହିଥିଲେ, ସ୍ଥାନୀୟ ଲୋକଙ୍କ ଦୀର୍ଘବର୍ଷର ସ୍ୱପ୍ନ ସାକାର ହୋଇଛି। ଆଗାମୀ ଦିନରେ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସରକାରୀ ଯୋଜନା ଗୁଡିକ କାର୍ଯ୍ୟକାରୀ କରାଇବା କ୍ଷେତ୍ରରେ ମୋର ଉଦ୍ୟମ ଅବ୍ୟାହତ ରହିବ। ଏହି ଅବସରରେ ଉପସ୍ଥିତ ବିଧାୟକମାନଙ୍କ ନିକଟରେ ସ୍ଥାନୀୟ ଲୋକ ୮ନମ୍ବର ୱାର୍ଡକୁ ଶ୍ରେଷ୍ଠ ୱାର୍ଡ କରିବା ପାଇଁ ଦାବି ରଖିଥିଲେ ଏବଂ ବିଧାୟକମାନେ ଏଥିପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ମିଶ୍ର, ମନମୋହନ ପଟ୍ଟନାୟକ, ସଞ୍ଜୟ କୁମାର ସାହୁ, ବିଜୟ କୁମାର ସାମଲ, ବଂଶୀଧର ସେଠୀ, ମନୋଜ କୁମାର ସାହୁ, ଡ. ପ୍ରକାଶ ପାଣିଗ୍ରାହୀ, ବିଶ୍ୱଜିତ ପଟ୍ଟନାୟକ, ଅବନୀନ୍ଦ୍ର କର, ଜୟନାରାୟଣ ମିଶ୍ର, ସନ୍ତୋଷ ଦାସ, ଗୌରାଙ୍ଗ ତ୍ରିପାଠୀ, ହୃଷିକେଶ ପ୍ରତାପ, ନିଳକଣ୍ଠ ମହାନ୍ତି, ନାରାୟଣ ଦାସ, ରମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହିବା ସହ ଏଥିରେ ନୀଳାଦ୍ରିବିହାର ଓ ହାଉସିଂବୋର୍ଡର ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।


Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର**

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**